


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00




● ବର୍ଷ–୩୧ ● ସଂଖ୍ୟା–୧୪୯ ● ୨୬ ଜୁନ୍ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-149 ● 26th June 2024, Wednesday ● Bhubaneswar | Licensed to post without pre-payment of postage No- BN-60/22-24

### ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି

# ଏଥର ଭକ୍ତଙ୍କୁ ମିଳିବନି ମହାପ୍ରଭୁଙ୍କ ନବଯୌବନ ଦର୍ଶନ

**ପୁରୀ, ୨୫।୬**
**ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ମଙ୍ଗଳବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛତିଶା ନିଯୋଗ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ କାଏମ ରଖିବାକୁ ଏହି ବୈଠକରେ ନିଷ୍ପତ୍ତି ହୋଇଛି। ରଥଯାତ୍ରା ବ୍ୟବସ୍ଥା ଓ ନୀତି ନିର୍ଘଣ୍ଟକୁ ଅନୁମୋଦନ କରିଛି କମିଟି। ତେବେ ନୀତି ତ୍ୱରାନ୍ୱିତ କରିବାକୁ ନବଯୌବନ ଦର୍ଶନ ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଗୋଟିଏ ଦିନରେ ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ରଥଯାତ୍ରା ପଡୁଥିବାରୁ ଭକ୍ତଙ୍କର ଭିଡ଼ କମ କରିବା ପାଇଁ ନବଯୌବନ ଦର୍ଶନ ହେବ ନାହିଁ । ତେଣୁ ଭକ୍ତଙ୍କୁ ଏଥର ମହାପ୍ରଭୁଙ୍କ ନବଯୌବନ ଦର୍ଶନ



ମିଳିପାରିବ ନାହିଁ। ସେହିପରି ଭକ୍ତଙ୍କୁ ପହଣ୍ଡି ଟିକେଟ ମଧ୍ୟ ମିଳିବ ନାହିଁ । ଏହାସହ ନୀତିର ଯଥେଷ୍ଟ ପୂର୍ବରୁ ସେବାୟତମାନେ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି।

ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ରଥଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ଉପରେ ମୋହର ଲାଗିଛି। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଓ ପରିଚାଳନା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ଜୁଲାଇ ୭ତାରିଖ ଅପରାହ୍ନ ୫ଟାରେ ରଥ ଟଣାଯିବା ନେଇ ଛତିଶା ନିଯୋଗ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଛି । ୫୩ ବର୍ଷ ପରେ ବିରଳ ସଂଯୋଗ ପଡ଼ିଛି। ୧୯୭୧ ପରେ ଗୋଟିଏ ଦିନରେ ପଡୁଛି ନେତ୍ରୋତ୍ସବ, ନବଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା। ତେଣୁ ଏଥର ଦୁଇ ଦିନ ଧରି ରଥଟଣା ଯିବ। ଗୋଟିଏ ଦିନରେ ଶ୍ରୀଜୀଉଙ୍କ ଏକାଧିକ ନୀତି ପଡୁଥିବାରୁ ଜୁଲାଇ ୭ ତାରିଖ ଅପରାହ୍ନରେ ରଥ ଟାଣିବାକୁ ନିଷ୍ପତ୍ତି କରିଛି ଶ୍ରୀମନ୍ଦିର ପରିଚାଳନା କମିଟି। ଏଥର ୧୫ ଦିନ ପରିବର୍ତ୍ତେ ୧୩ ଦିନ ଅଣସର ନୀତି ହେବ। ସେହିପରି ଦୁଇ ଦିନ ରଥଟଣା ପରେ ୧୫ଜୁଲାଇରେ ବାହୁଡ଼ା ଓ ୧୭ ତାରିଖରେ ହେବ ଶ୍ରୀଜୀଉଙ୍କ ସୁନାବେଶ।

# ଲୋକାଭିମୁଖୀ ବଜେଟ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୨୫।୬**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଯୋଜନା ଓ ସଂଯୋଜନ ବିଭାଗର କାର୍ଯ୍ୟ ସମୀକ୍ଷା କରି ଏକ ଲୋକାଭିମୁଖୀ ବଜେଟ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ନୂଆ ସରକାରଙ୍କ ଉପରେ ଜନସାଧାରଣଙ୍କ ବହୁତ ଆଶା ଆକାଂକ୍ଷା ଅଛି ବୋଲି ସେ ମତ ଦେବା ସହିତ ରାଜ୍ୟ ଯୋଜନା ବଜେଟ୍‌ରେ ଏହା ପ୍ରତିଫଳିତ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଯୋଜନା ଗୁଡିକ ଯେପରି ତୃଣମୂଳ ସ୍ତରରେ ଠିକ ଭାବରେ ପହଞ୍ଚିବ ଓ ଲୋକେ ଏହାର ସୁଫଳ ପାଇବେ ସେ ଉପରେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ ଖଣିଜ ପାଣ୍ଠିର ସୁବିନିଯୋଗ ଉପରେ ଗୁରୁତ୍ୱ ଦେଇ ଏହି ପାଣ୍ଠି ସହାୟତାରେ ଖଣି ଅଞ୍ଚଳର ଜିଲ୍ଲା ଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଜିଲ୍ଲା ସ୍ଥିତ ମେଡିକାଲ କଲେଜ ଗୁଡ଼ିକରେ ଟ୍ରମା କେୟାର ସେଣ୍ଟର ପ୍ରତିଷ୍ଠା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଦଳର ସଂକଳ୍ପ ପତ୍ର ଅନୁଯାୟୀ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ଓ ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଗଠନ ପାଇଁ ଟାସ୍କ ଫୋର୍ସ ପ୍ରସ୍ତୁତ କରି ଅନୁଧ୍ୟାନ କରି ପ୍ରସ୍ତାବ ଦେବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ସଂକଳ୍ପ ପତ୍ରର ସବୁ ପ୍ରମୁଖ ପ୍ରତିଶ୍ରୁତି ଗୁଡ଼ିକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଯୋଜନା ଓ ସଂଯୋଜନ ବିଭାଗର ବରିଷ୍ଠ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ବିଭାଗର କାର୍ଯ୍ୟାବଳୀ ସମ୍ବନ୍ଧରେ ବିଶଦ ଭାବରେ ଅବଗତ କରାଇଥିଲେ।

## ଏନଟିଏ ପରୀକ୍ଷା ବିବାଦ, ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ପ୍ରଥମ ବୈଠକ

**ନୂଆଦିଲ୍ଲୀ, ୨୫।୬**

କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ପ୍ରଥମ ବୈଠକରେ ଜାତୀୟ ପରୀକ୍ଷଣ ସଂସ୍ଥା (ଏନଟିଏ) ଜରିଆରେ ପରୀକ୍ଷାକୁ ସ୍ୱଚ୍ଛ, ସୁରୁଖୁରୁରେ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ନିଷ୍ପତ୍ତି ହୋଇଛି। କମିଟିର ଅଧ୍ୟକ୍ଷ ଡକ୍ଟର କେ ରାଧାକ୍ରିଷ୍ଣନ କହିଛନ୍ତି ଯେ କମିଟିର ପ୍ରଥମ ପ୍ରାଥମିକତା ହେଉଛି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଠାରୁ ପରାମର୍ଶ ସଂଗ୍ରହ କରିବା। ଯେଉଁଥିପାଇଁ କମିଟି ସେମାନଙ୍କ ସହ ଆଲୋଚନା କରିବ। ରାଧାକ୍ରିଷ୍ଣନ କହିଛନ୍ତି, ଛାତ୍ରଛାତ୍ରୀଙ୍କ ଅସୁବିଧା ଓ ଚାପକୁ ହ୍ରାସ କରିବା ଉଦ୍ଦେଶ୍ୟରେ କମିଟି ଏକ ସୁଦୃଢ଼ ବ୍ୟବସ୍ଥା ବିକଶିତ କରିବାକୁ ବିଚାର କରୁଛି।

ନିକଟରେ ସରକାର ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଏକ ୭ ଜଣିଆ କମିଟି ଗଠନ କରିଛନ୍ତି। ଦକ୍ଷତା ବୃଦ୍ଧି ଏବଂ ଉଲ୍ଲଂଘନକୁ ରୋକିବା, ଡାଟା ସୁରକ୍ଷା, ପ୍ରୋଟୋକଲରେ ଉନ୍ନତି ଆଣିବା ଏବଂ ଏଜେନ୍ସିର ଢାଞ୍ଚା ଏବଂ କାର୍ଯ୍ୟର ସମୀକ୍ଷା କରିବା ପାଇଁ ଏନଟିଏର ପରୀକ୍ଷା ପ୍ରକ୍ରିୟାରେ ସଂସ୍କାର ସୁପାରିଶ କରିବାକୁ ଏହାକୁ ଦାୟିତ୍ୱ ଦିଆଯାଇଛି । ଏହି ପ୍ୟାନେଲ ପ୍ରଚଳିତ ପ୍ରକ୍ରିୟାଗୁଡ଼ିକର ମୂଲ୍ୟାଙ୍କନ କରିବ, *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ଆଗାମୀ ୫ ଦିନ ପ୍ରବଳ ବର୍ଷା !

**ଭୁବନେଶ୍ୱର, ୨୫।୬**
**ନ୍ୟୁଜ୍ ବ୍ୟୁରୋ**

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ଏହାର ପ୍ରଭାବରେ ଆଗାମୀ ୫ ଦିନ ଯାଏ ରାଜ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆଉ କେତେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ସତର୍କ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ଭୁବନେଶ୍ର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ଡକ୍ଟର ମନୋରମା ମହାନ୍ତିଙ୍କ କହିବା ଅନୁସାରେ ଆଗାମୀ ୨୪ ଘଣ୍ଟା ଭିତରେ ଓଡ଼ିଶାର କେତେକ ଜିଲ୍ଲାରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର



ସମ୍ଭାବନା ରହିଛି । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ଅନୁଗୁଳ, ନୟାଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୋନପୁର, ବୌଦ୍ଧ, କଳାହାଣ୍ଡି, କନ୍ଧମାଳ, *(ପୃଷ୍ଠା ୭ରେ)*

# ବାଚସ୍ପତି ପଦ ପାଇଁ ଏନଡିଏରୁ ଓମ ବିର୍ଲା ଓ ବିରୋଧୀ ପକ୍ଷରୁ କେ ସୁରେଶ

**ନୂଆଦିଲ୍ଲୀ, ୨୫।୬**

ଶାସକ ବିଜେପି ନେତୃତ୍ୱାଧୀନ ଏନଡିଏ ଏବଂ ବିରୋଧୀ ନିଜ ନିଜର ବାଚସ୍ପତି ପ୍ରାର୍ଥୀ ଚୟନ କରି ସାରିଛନ୍ତି । ମଙ୍ଗଳବାର ଦିନ ଶାସକ ଏନଡ଼ିଏ ବାଚସ୍ପତି ପ୍ରାର୍ଥୀ ଭାବେ ପୁଣି ଥରେ ଓମ ବିର୍ଲାଙ୍କୁ ବାଛିଥିବା ବେଳେ ବିରୋଧୀ ଇଣ୍ଡିଆ ବ୍ଲକ ପକ୍ଷରୁ କେ ସୁରେଶଙ୍କୁ ପ୍ରାର୍ଥୀ ଭାବେ ଚୟନ କରାଯାଇଛି। ବୁଧବାର ଲୋକସଭାର ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ।

ବୁଧବାର ପୂର୍ବାହ୍ନ ୧୧ଟାରେ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ। ମିଳିଥିବା ସୂଚନା ଅନୁସାରେ ସରକାର ଉପ ବାଚସ୍ପତି ପଦ ବିରୋଧୀ ଇଣ୍ଡିଆ ବ୍ଲକ୍‌କୁ ଦେବାକୁ ରାଜି ନହେବାରୁ କଂଗ୍ରେସ ୮ ଥର ଧରି ସାଂସଦ



ବନିଥିବା କେ ସୁରେଶଙ୍କୁ ନିଜର ବାଚସ୍ପତି ପ୍ରାର୍ଥୀ ଭାବେ ବାଛିଛି।

ଶାସକ ଦଳ ପୁଣି ଥରେ ଓମ ବିର୍ଲାଙ୍କୁ ବାଚସ୍ପତି ପଦ ପାଇଁ ବାଛିବା ପରେ ବିରୋଧୀ ଉପ ବାଚସ୍ପତି ପଦ ପାଇଁ ଦାବି କରିଥିଲେ। ମାତ୍ର ଶାସକ ଦଳ ଉପ ବାଚସ୍ପତି ପଦ ପାଇଁ କୌଣସି ନିଶ୍ଚିତତା ପ୍ରଦର୍ଶନ ନକରିବାରୁ ବିରୋଧୀ ପକ୍ଷରୁ ବାଚସ୍ପତି ଆସନ ପାଇଁ ପ୍ରାର୍ଥୀ ବଛାଯାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଚଳିତ ନିର୍ବାଚନରେ ଓମ ବିର୍ଲା ୪୧,୦୦୦ ଭୋଟ ମାର୍ଜିନରେ କୋଟା ଲୋକସଭା ଆସନରୁ ଜିତିଛନ୍ତି । ସେହିପରି କେ ସୁରେଶ ଅଷ୍ଟମ ଥର ଲାଗି ସାଂସଦ ହୋଇଛନ୍ତି । ସେ ପୂର୍ବରୁ ୟୁପିଏ ସରକାରର ଦ୍ୱିତୀୟ ପାଳିରେ କେନ୍ଦ୍ର ମନ୍ତ୍ରୀ ରହି ସାରିଛନ୍ତି।

ଏବେ କାମଚଳା ବାଚସ୍ପତି ଭାବେ କଟକ ସାଂସଦ ଭର୍ତ୍ତୃହରି ମହତାବ ରହିଛନ୍ତି। ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ଶପଥ ପାଠ କରାଇଥିଲେ।

# ମନୋଜ ଆହୁଜା ହେବେ ପରବର୍ତ୍ତୀ ମୁଖ୍ୟଶାସନ ସଚିବ !

**ଭୁବନେଶ୍ୱର, ୨୫।୬**
**ନ୍ୟୁଜ୍ ବ୍ୟୁରୋ**

୧୯୯୦ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ମନୋଜ ଆହୁଜା ରାଜ୍ୟର ପରବର୍ତ୍ତୀ ମୁଖ୍ୟଶାସନ ସଚିବ ହେବେ ବୋଲି ଜଣାପଡିଛି। ସଂପ୍ରତି ଶ୍ରୀ ଆହୁଜା କେନ୍ଦ୍ର ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶା କ୍ୟାଡରର ଏହି ଆଇଏଏସ୍ ଅଫିସରଙ୍କୁ ରାଜ୍ୟକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରକୁ ଅନୁରୋଧ କରାଯାଇଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଇତି ମଧ୍ୟରେ କେନ୍ଦ୍ର କ୍ୟାବିନେଟ୍ କମିଟି ମଞ୍ଜୁରୀ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଶ୍ରୀ ଆହୁଜା ପୂର୍ବରୁ ଓଡ଼ିଶା ସରକାରଙ୍କ ଅଧୀନରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଶାସନ ସଚିବ



ଭାବେ ଦକ୍ଷତାର ସହ ଦାୟିତ୍ୱ ସମ୍ପାଦନ କରିଛନ୍ତି। ୨୦୨୨ ମସିହାରେ ଶ୍ରୀ ଆହୁଜା ଡେପୁଟେସନରେ କେନ୍ଦ୍ର ସରକାରଙ୍କ ଅଧୀନକୁ ଯାଇଥିଲେ। ପରବର୍ତ୍ତୀ ସମୟରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ସଚିବ ଭାବେ ଅବସ୍ଥାପିତ ହୋଇ କାର୍ଯ୍ୟ ତୁଲାଉଥିଲେ।

ବରିଷ୍ଠ ଆଇଏଏସ୍ ଅଫିସର ଶ୍ରୀ ଆହୁଜା ପାଟିଆଲାର ଥାପର *(ପୃଷ୍ଠା ୭ରେ)*

# ଆରମ୍ଭ ହେଲା ୯୬ ହଜାର କୋଟିର ୫ଜି ସ୍ପେକ୍ଟ୍ରମ ନିଲାମ

**ନୂଆଦିଲ୍ଲୀ, ୨୫।୬**

୫ଜି ସ୍ପେକ୍ଟ୍ରମ ନିଲାମ ପୁଣି ଥରେ ଆରମ୍ଭ ହୋଇଛି । ଏଥର ସରକାର ୯୬ ହଜାର କୋଟି ଟଙ୍କାର ସ୍ପେକ୍ଟ୍ରମ ନିଲାମ ପାଇଁ ରଖିଛନ୍ତି। ଏହା ପୂର୍ବରୁ ୨୦୨୨ରେ ହୋଇଥିବା ୫ଜି ସ୍ପେକ୍ଟ୍ରମ ନିଲାମରେ ସରକାର ୧.୫ ଲକ୍ଷ କୋଟି ଟଙ୍କା ଆୟ କରିଥିଲେ। ଏଥର ମଧ୍ୟ ସ୍ପେକ୍ଟ୍ରମ ନିଲାମରୁ ସରକାର ପ୍ରଚୁର ଆୟ ଆଶା ରଖିଛନ୍ତି । ଏଥର ମଧ୍ୟ ତିନି ପ୍ରମୁଖ ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ, ଏୟାରଟେଲ ଏବଂ ଭୋଡାଫୋନ୍-ଆଇଡିଆ ୫ଜି ସ୍ପେକ୍ଟ୍ରମ ନିଲାମରେ ଭାଗ ନେଉଛନ୍ତି।

ଏଥର ସରକାର ୫ଜି ସ୍ପେକ୍ଟ୍ରମ ନିଲାମରେ ୮ଟି ସ୍ପେକ୍ଟ୍ରମ ବ୍ୟାଣ୍ଡକୁ ନିଲାମରେ ରଖିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଏଥର ଏହି ତିନି କମ୍ପାନୀ ପ୍ରାୟ ୧୨,୫୦୦ କୋଟି ଟଙ୍କାର ସ୍ପେକ୍ଟ୍ରମ କିଣିପାରିବେ, ଯାହାକି




ବର୍ତ୍ତମାନର ୯୬,୩୨୦ କୋଟି ଟଙ୍କାର ଏୟାରୱେଭର ମାତ୍ର ୧୩ ପ୍ରତିଶତ। ଗତ ମାସ ୧୩ ଓ ୧୪ ତାରିଖରେ ସରକାର ଏହି ନିଲାମର ସଫଳ ଅଭ୍ୟାସ କରିଥିଲେ। ଏଥର ସ୍ପେକ୍ଟ୍ରମ ନିଲାମରେ ବିଭିନ୍ନ ବ୍ୟାଣ୍ଡର ୧୦,୫୨୨.୩୫ ମେଗାହର୍ଜ ସ୍ପେକ୍ଟ୍ରମ ନିଲାମ ହେବ ବୋଲି ଟେଲି କମ୍ୟୁନିକେସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ନିଲାମରେ ଅଂଶଗ୍ରହଣ କରୁଥିବା ଟେଲିକମ କମ୍ପାନୀଗୁଡ଼ିକୁ ଆସନ୍ତା ୨୦ ବର୍ଷ ପାଇଁ ସ୍ପେକ୍ଟ୍ରମ ଆବଣ୍ଟନ କରାଯିବ। ସଫଳ ନିଲାମକାରୀଙ୍କୁ ୨୦ଟି *(ପୃଷ୍ଠା ୭ରେ)*

## ପ୍ରଶ୍ନପତ୍ର ଲିକ କଲେ ଆଜୀବନ ଜେଲ ଓ ଏକ କୋଟି ଜରିମାନା

**ଲକ୍ଷ୍ନୌ, ୨୫।୬**

ନିଟ ଓ ୟୁଜିସି ନେଟ ପ୍ରଶ୍ନପତ୍ର ଲିକ ବିବାଦ ମଧ୍ୟରେ ଉତ୍ତରପ୍ରଦେଶର ଯୋଗୀ ସରକାର ପେପର ଲିକ୍ ଓ କପି ମାଫିଆଙ୍କୁ ସାବାଡ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ମଙ୍ଗଳବାର ଅନୁଷ୍ଠିତ କ୍ୟାବିନେଟ ବୈଠକରେ ପ୍ରଶ୍ନପତ୍ର ଲିକ ବିରୋଧରେ ଅଧ୍ୟାଦେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ଅଧ୍ୟାଦେଶ କାର୍ଯ୍ୟକାରୀ ହେବା ମାତ୍ରେ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଅଧିକ ତ୍ୱରାନ୍ୱିତ ହେବ। ପ୍ରଶ୍ନପତ୍ର ଲିକ ଘଟଣା ସରକାରଙ୍କ ପ୍ରୟାସକୁ ବଡ଼ ଝଟକା ଦେଇଛି। ଗୋଟିଏ ପଟେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ଥିବା ବେଳେ ଅନ୍ୟପଟେ ବିରୋଧୀ ମଧ୍ୟ ଏହି ପ୍ରସଙ୍ଗରେ ଜୋରଦାର ଆକ୍ରମଣ ଜାରି ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଯୋଗୀ ସରକାର ମାଫିଆ, *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଲୁଟି ଖାଇଥିଲେ ଯେତିକି ବରଷ
ଧରାପଡୁଅଛ ଆଜ
ବାପ ପଇସାରେ କୋଳି ଖାଇ କିବା
ପୋତି ଦେଇଥିଲ ବୀଜ
ମୁହେଁ ନାହିଁ ଟିକେ ଲାଜ
ସାମ୍ବାଦିକ ପ୍ରଶ୍ନ ପଚାରିଲେ
ଆକ୍ରମଣ ପାଇଁ ସଜ।

# କେରଳ ହେବ କେରଳମ୍: ରାଜ୍ୟ ବିଧାନସଭାରେ ପ୍ରସ୍ତାବ ପାରିତ



**ଥିରୁଭାନନ୍ତପୁରମ୍ : ୨୫।୬**

କେରଳ ବିଧାନସଭା ରାଜ୍ୟର ନାମ ପରିବର୍ତ୍ତନ ପାଇଁ ଏକ ପ୍ରସ୍ତାବ ପାରିତ କରିଛି। ଏହି ପ୍ରସ୍ତାବକୁ ବିରୋଧୀଙ୍କ ସମର୍ଥନ ମଧ୍ୟ ମିଳିଛି । କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ଏହି ପ୍ରସ୍ତାବକୁ ସମ୍ପୂର୍ଣ୍ଣ ସମର୍ଥନ କରିଛି । ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ବିଧାନସଭାରେ ରାଜ୍ୟର ନାମ ପରିବର୍ତ୍ତନ କରିବାକୁ ଏକ ପ୍ରସ୍ତାବ ପାରିତ କରିଛନ୍ତି। ଅଗଷ୍ଟ ୨୦୨୩ରେ ବିଜୟ ସରକାର ସମାନ ପ୍ରସ୍ତାବ ପାରିତ କରିଛନ୍ତି। କିନ୍ତୁ ବୈଷୟିକ କାରଣରୁ ଏହା ପୁଣି ଉପସ୍ଥାପିତ ହୋଇଛି।

ବିଧାନସଭାରେ ସିଏମ ପିନାରାଇ ବିଜୟନ ମଧ୍ୟ ଏହା ପଛର କାରଣ ଦର୍ଶାଇଛନ୍ତି । ସେ କହିଛନ୍ତି ଯେ ମାଲାୟଲମରେ ରାଜ୍ୟର ନାମ କେରଳମ୍ ମାତ୍ର ଅନ୍ୟ ଭାଷାରେ ଏହାକୁ କେରଳ ବୋଲି କୁହାଯାଇଥାଏ। ମୁଖ୍ୟମନ୍ତ୍ରୀ କହିଛନ୍ତି ୧ ନଭେମ୍ବର ୧୯୫୬ ରେ ଭାଷା ଭିତ୍ତିରେ ରାଜ୍ୟ ଗଠନ କରାଯାଇଥିଲା। କେରଳର ଜନ୍ମଦିନ ମଧ୍ୟ ୧ ନଭେମ୍ବରରେ। ସେ କହିଛନ୍ତି ସ୍ୱାଧୀନତା ଆନ୍ଦୋଳନ ସମୟରେ ମଧ୍ୟ ମାଲାୟଲମ ଭାଷାଭାଷୀ ଲୋକଙ୍କ ନିମନ୍ତେ ଅଲଗା ରାଜ୍ୟ ଗଠନ ପାଇଁ ଦାବି ହୋଇଥିଲା। କିନ୍ତୁ ସମ୍ବିଧାନର ପ୍ରଥମ କାର୍ଯ୍ୟସୂଚୀରେ ଆମ ରାଜ୍ୟର ନାମ କେରଳ ଭାବରେ ଲେଖାଯାଇଥିଲା।

ସଂସଦର ନାମ *(ପୃଷ୍ଠା ୭ରେ)*

# ଭୁବନେଶ୍ୱରରେ ନିର୍ମାଣ ହେବ ଆଉ ଦୁଇ ଫୁଟ୍ ଓଭର ବ୍ରିଜ୍

**ଭୁବନେଶ୍ୱର, ୨୫।୬**
**ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱର ସହରରେ ବର୍ଦ୍ଧିତ ଜନସଂଖ୍ୟା ଓ ଯାନବାହନ ଚଳାଚଳ ଯୋଗୁଁ ଦେଖାଦେଉଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଖୁବ୍ ଶୀଘ୍ର ସହର ମଧ୍ୟରେ ଦୁଇଟି ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କରାଯିବ। ସେଥି ମଧ୍ୟରୁ ଗୋଟିଏ ଫୁଟ୍ ଓଭର ବ୍ରିଜ୍ ବରମୁଣ୍ଡାରେ ଏବଂ ଅନ୍ୟଟି ପଳାଶୁଣୀରେ ନିର୍ମାଣ ହେବ। ଏହାଛଡା ଆଉ ଦୁଇଟି ଫୁଟ୍ ଓଭର ବ୍ରିଜ୍ ଚଣ୍ଡିଖୋଲ-ଜଗତପୁର-ଭୁବନେଶ୍ୱର ସେକ୍ସନ ଅନ୍ତର୍ଗତ ୫ନମ୍ବର ଜାତୀୟ ରାଜପଥ (ନୂଆ ୧୬ ନମ୍ବର) ଜାତୀୟ ରାଜପଥର ମଙ୍ଗୁଳି ଠାରେ ନିର୍ମାଣ କରାଯିବ। ଜାତୀୟ ରାଜପଥ ପ୍ରାଧିକରଣ ଏହାକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ଟେଣ୍ଡର ଚୂଡାନ୍ତ ହୋଇଛି। ପଞ୍ଜାବ ଜଲନ୍ଧରର ନିର୍ମାଣକାରୀ ସଂସ୍ଥା ମେସର୍ସ ଧିଙ୍ଗରା ବ୍ରଦର୍ସ (ଇଣ୍ଡିଆ)ଙ୍କ ଦ୍ୱାରା ଏହି ଫୁଟ୍ ଓଭର ବ୍ରିଜ୍ ନିର୍ମାଣ ଇଞ୍ଜିନିୟରିଂ ପ୍ରୋକିଓରମେଣ୍ଟ ଆଣ୍ଡ କନଷ୍ଟ୍ରକ୍ସନ (ଇପିସି) ମୋଡ୍‌ରେ କରାଯିବାକୁ ଚୂଡାନ୍ତ ହୋଇଛି। ଏହି ଫୁଟ୍ ଓଭରବ୍ରିଜ୍ ନିର୍ମାଣ ପାଇଁ ସମୁଦାୟ ୭ କୋଟି ୨୯ ଲକ୍ଷ ୯୭ ହଜାର ୧୭୯ ଟଙ୍କା ବ୍ୟୟ ଅଟକଳ କରାଯାଇଛି।

ରାଜଧାନୀ ଭୁବନେଶ୍ୱର ସହର ପାଇଁ ନିହାତି ଆବଶ୍ୟକ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୬ ଜୁନ୍ ୨୦୨୪ ବୁଧବାର





# ଅବ୍ୟବସ୍ଥା ଘେରରେ ପିତଳ ଡାକ୍ତରଖାନା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଶେରଗଡ଼ ବ୍ଲକର ପିତଳ ଡାକ୍ତରଖାନା ସବୁକିଛି ନାହିଁ ନାହିଁରେ ଚାଲିଛି। ପୁରାତନ ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇ ଜଣ ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ଆଟେଣ୍ଡର, ଡ୍ରେସର ମ୍ୟାନ, ସୁଇପର, ରୋଗୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ପାଇଁ ରୋଷେୟା ନିଯୁକ୍ତି ପାଇଥିଲେ। ଏହି ଡାକ୍ତରଖାନାଟି ଦଶଶଯ୍ୟା ବିଶିଷ୍ଟ ଡାକ୍ତରଖାନାର ମାନ୍ୟତା ପାଇଥିବା ବେଳେ ବର୍ତ୍ତମାନ ଏସବୁ ବ୍ୟବସ୍ଥା ଉଭାନ ହୋଇଯାଇଛି। ଏହି ଡାକ୍ତରଖାନା ଉପରେ ପ୍ରାୟ ୨୦ଟି ଗ୍ରାମର ଜନସାଧାରଣ ନିର୍ଭର କରୁଛନ୍ତି। ବର୍ତ୍ତମାନ ଡାକ୍ତରଖାନାର ଚିତ୍ର ବଦଳି ଯାଇଛି। ଚକାଚକ ବିଲ୍ଡିଙ୍ଗ ହୋଇଛି, ହେଲେ ସ୍ଥାୟୀ ଡାକ୍ତର ନାହାଁନ୍ତି । ଚାରି-ଛଅ ମାସରେ ଥରେ ଜଣେ କନ୍‌ଟ୍ରାକ୍‌ଚୁଏଲ ଡାକ୍ତର ବଦଳି ହେଉଛନ୍ତି। ସ୍ଥାୟୀ ଫାର୍ମାସିଷ୍ଟ ନାହାଁନ୍ତି। ଜଣେ ଆୟୁଷଡାକ୍ତର ଅଛନ୍ତି। ଷ୍ଟାଫ୍ ନର୍ସ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା, ସୁଇପର ମଧ୍ୟ ନାହାନ୍ତି। ବଡ଼ ଦୟନୀୟ ଅବସ୍ଥାରେ ଏହି ଡାକ୍ତରଖାନା ଚାଲିଛି। ତୁରନ୍ତ ଏହି ଡାକ୍ତରଖାନାରେ ଜଣେ ଏଲଏଇଚଭି, ସୁଇପର, ଷ୍ଟାଫ୍ ନର୍ସ ନିଯୁକ୍ତି କରିବାକୁ ପିତଳ ହସ୍ପିଟାଲର ଚିକିତ୍ସାଧିକାରୀ ଡାକ୍ତର ମାନସ କୁମାର ବିଷୋଇ ଗଞ୍ଜାମ ସିଡିଏମଓଙ୍କୁ ଗତ ୬ ତାରିଖରେ ପତ୍ର ଲେଖି ଅନୁରୋଧ କରିଛନ୍ତି।

# ସୁନାନଗର ଘାଟିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା:୨ ମୃତ, ୪ ଆହତ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ନିକଟସ୍ଥ ସୁନାନଗର ଘାଟିରେ ଘଟିଯାଇଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଘଟଣାଅନୁଯାୟୀ ଚିତ୍ରକୋଣ୍ଡା ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଓ ଅତିରିକ୍ତ ଶିକ୍ଷାଧିକାରୀ ଅଞ୍ଜନ କୁମାର ଚୌଧୁରୀ କୁଡୁମୁଲୁଗୁମ୍ମା ଠାରେ ଥିବା କାର୍ଯ୍ୟାଳୟରୁ ସୋମବାର ଅପରାହ୍ନରେ ନିଜର ଦୈନନ୍ଦିନ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଘରକୁ ଯିବା ପାଇଁ ମୋଟରସାଇକେଲ ଯୋଗେ ବାହାରିଥିଲେ । ଯିବା ସମୟରେ ଆଲାଙ୍ଗଗୁଡା ଗ୍ରାମ ନିକଟରେ ସମ୍ମୁଖରୁ ଦ୍ରୁତ ଗତିରେ ଆଗରୁ ଆସୁଥିବା ଏକ ମୋଟର ସାଇକେଲ ତାଙ୍କ ଆଡ଼କୁ ମାଡି ଆସିଥିଲା, ହଠାତ୍ କୌଣସି ଉପାୟ ନପାଇ ଶ୍ରୀ ଚୌଧୁରୀ ମୋଟର ସାଇକେଲର ବ୍ରେକ୍ ମାରିଥିଲେ । ଫଳରେ ତାଙ୍କ ପଛରେ ଆସୁଥିବା ଆଉ ଦୁଇଟି ମୋଟରସାଇକେଲ ପଛକୁ ପଛ ଧକ୍କା ଦେଇଥିଲେ । ଏହି ଧକ୍କା ଏତେ ଜୋରଦାର ହୋଇଥିଲା ଯେ ତିନୋଟି ଗାଡ଼ିରେ ଥିବା ସମସ୍ତ ଛଅ ଜଣ ରାସ୍ତାରେ କଚାଡି ହୋଇ ପଡ଼ିଥିଲେ ଓ ସମ୍ମୁଖ ଦିଗରୁ ଆସିଥିବା ଅଜଣା ଚାଳକ ଜଣକ ଚମ୍ପଟ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ତୁରନ୍ତ ଆମ୍ବୁଲାନ୍ସରେ ଉକ୍ତ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ କୁଡୁମୁଲୁଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଯେଉଁଠି ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ, ଆହତ ଅଞ୍ଜନ କୁମାର ଚୌଧୁରୀଙ୍କୁ ମୃତ ଘୋଷଣା କରିଥିଲେ ଓ ଅନ୍ୟ ଆହତ ମାନେ ବ୍ଲକ ଶିକ୍ଷାଧିକାରୀ ହେଲେ ସୁଶ୍ରୀ ଗାୟତ୍ରୀ ଦେବୀ, ନାଗାର୍ଜୁନ କିର୍ଷାନୀ, ଧନ କିର୍ଷାନୀ, ଜୟ କିର୍ଷାନୀ ଓ ବିମଳା ହନ୍ତାଳଙ୍କୁ ଉତ୍ତମ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ଓ ସଦ୍ୟ ଖବର ମୁତାବକ ଜୟ କିର୍ଷାନୀ ନାମକ ଆଉ ଜଣେ ଆହତ ଆମ୍ବୁଲାନ୍ସରେ ମାଲକାନଗିରି ଯିବା ବାଟରେ ହିଁ ମୃତ୍ୟୁ ହୋଇଯାଇଛି । ଶ୍ରୀ ଚୌଧୁରୀ ଜଣେ ମିଷ୍ଟଭାଷୀ ଓ ମେଳାପି ସ୍ୱଭାବର ବ୍ୟକ୍ତିଙ୍କ ମୃତ୍ୟୁ ଖବର ଶୁଣି ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି, ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଶିକ୍ଷକ ସଂଘ ସଭାପତି ଓ ଅନ୍ୟାନ୍ୟ ଶିକ୍ଷକ ଭାଇମାନେ ମଧ୍ୟ ଉକ୍ତ ଘଟଣାରେ ପ୍ରାଣ ହରାଇଥିବା ଶ୍ରୀ ଚୌଧୁରୀଙ୍କ ପ୍ରତି ସମବେଦନା ଜ୍ଞାପନ କରି ପରିବାର ସଦସ୍ୟଙ୍କୁ ଏଭଳି ଦୁର୍ବଳ ମୁହୂର୍ତ୍ତରେ ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଛନ୍ତି ।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୬ ଡଲାର ଛୁଇଁଲା

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୮୬ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୧ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ୍ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ ଟଙ୍କା ଥିବାବେଳେ ଡିଜେଲ ୯୨.୨୭ ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ ଟଙ୍କା ରହିଛି ।

# ଆକାଶଛୁଆଁ ପରିବା ଦରରେ ରାୟଗଡ଼ା ଖାଉଟି ବେହାଲ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ରୋଷେଇ ଘରେ କନ୍ଦାଉଛି ପରିବା ଦର । ପିଆଜ, ଆଳୁ ଓ ଟମାଟ ରୋଷେଇ ଘରର ହେଉଛି ଅତ୍ୟାବଶ୍ୟକ ପରିବା । କେବଳ ଏହି ତିନି ପ୍ରକାରର ପରିବା ଘରେ ଥିଲେ ଗୋଟିଏ ସାଧାରଣ ପରିବାର ଆରାମରେ ଗୋଟିଏ ଦିନ ଚଳିଯାଏ । ଆର୍ଥିକ ସ୍ୱଚ୍ଛଳ ପରିବାରର ମଧ୍ୟ ଏହା ଅତ୍ୟାବଶ୍ୟକ ପରିବା ଅଟେ। କିଛିଦିନ ହେଲା ଆଳୁ ଓ ପିଆଜର କିଲୋ ପ୍ରତି ଦର ୪୦ ଟଙ୍କା ରହିଛି। ଟମାଟୋ ୮୦ ଟଙ୍କାରେ ବିକ୍ରି ହେଉଛି । ରାୟଗଡା ସହରର ନୂଆ ବସ୍‌ଷ୍ଟାଣ୍ଡ ନିକଟ ଓଭରବ୍ରିଜ୍ ପାଖରେ, ଡେଲିମାର୍କେଟ୍, ମୁଖ୍ୟ ଡାକଘର ନିକଟ, ଉପ ଜିଲ୍ଲାପାଳଙ୍କ ବାସଗୃହ ନିକଟରେ ଓ ମାଛ ବଜାର ଲାଗିକି ପରିବା ବଜାର ଆଦି ସ୍ଥାନରେ ପରିବା ସକାଳୁ ଚଢ଼ା ଦରରେ ବିକ୍ରି ହେଉଛି । ଅଧିକାଂଶ ପରିବା ଦର ୬୦ ଟଙ୍କା ଉପରେ ରହିଛି । ବଜାରରେ କଖାରୁ କିଲୋ ପ୍ରତି ୪୦ ଟଙ୍କା ରହିଥିବା ବେଳେ ଲାଉ, ଅମୃତଭଣ୍ଡା କିଲୋ ପ୍ରତି ୪୦ ଟଙ୍କା ରହିଛି । ବନ୍ଧାକୋବି, କାକୁଡ଼ି, କଞ୍ଚାକଦଳୀ, ପୋଇ ୫୦ ଟଙ୍କା ରହିଛି । ଫୁଲକୋବି ଓ ପୋଟଳ ୮୦ ଟଙ୍କା ଓ ବାଇଗଣ ୬୦ ଟଙ୍କା ରହିଥିବା ବେଳେ କୁନ୍ଦୁରୀ ୫୦ ଟଙ୍କା, ଝୁଡ଼ଙ୍ଗ ୮୦ ଟଙ୍କା, ସେହିପରି ଭେଣ୍ଡି ଓ ଜହ୍ନି ୬୦ ଟଙ୍କାରେ ବିକ୍ରି ହେଉଛି । କାଙ୍କଡ଼ କିଲୋ ପ୍ରତି ୧୨୦ ଟଙ୍କା , ସିମଲା ମରିଚ ୧୬୦ ଟଙ୍କା ଥିବାବେଳେ ସଜନା କିଲୋ ପ୍ରତି ୧୪୦ ଟଙ୍କା ରହିଛି । ସେହିପରି ଗାଜର ୧୨୦ ଟଙ୍କା ଓ କଞ୍ଚାଲଙ୍କା କିଲୋ ପ୍ରତି ୮୦ ଟଙ୍କାରେ ବିକ୍ରି ହେଉଛି । ଅଦା, ରସୁଣ ଦର ଆକାଶ ଛୁଆଁ ରହିଛି । ଅଦା ଓ ରସୁଣର ୨୫୦ ଗ୍ରାମକୁ ୬୦ ଟଙ୍କା ୭୦ ଟଙ୍କା ଦର ରହିଛି । ଏଥିସହ ଖାଉଟିଙ୍କ ମାନସିକ ଅବସ୍ଥାକୁ ନଜରରେ ରଖି ବେପାରୀମାନେ ଆଉ କେଜି ପ୍ରତି ଦର କହୁନାହାନ୍ତି । ପାଏ ୧୫ ଟଙ୍କା, ୨୦ ଟଙ୍କା ଦର କହୁଛନ୍ତି । ଖାଉଟି ମଧ୍ୟ କିଲୋରେ ନକିଣି ୨୫୦ ଗ୍ରାମ (ପାଏ) କିଣୁଥିବା ଦେଖାଯାଉଛି । ଏହା ବ୍ୟତିତ ବିଭିନ୍ନ ସାହିରେ ଥିବା ଛୋଟ ଛୋଟ ଦୋକାନରେ ଦାମ୍ ଆହୁରି ଅଧିକ ରହୁଛି । ବର୍ଦ୍ଧିତ ପରିବା ଦର ଖାଉଟିଙ୍କୁ କନ୍ଦାଇବା ଭଳି ସ୍ଥିତି ସୃଷ୍ଟି କରିଛି । ଖରାର ପ୍ରକୋପ ଥିବାରୁ ସ୍ଥାନୀୟ ଅଞ୍ଚଳରୁ ଅଳ୍ପ କିଛି ପରିବା ଉତ୍ପାଦନ ହେଉଛି । ଖରା ଲାଗି ରହିଥିବାରୁ ଦର କମିବାର ନାଁ ନେଉନାହିଁ । ବର୍ଷା ଋତୁର ପରିବା ନଆସିବା ପର୍ଯ୍ୟନ୍ତ ଦାମ୍ କମିବ ନାହିଁ, ବରଂ ବଢ଼ିବ ବୋଲି କିଛି ବେପାରୀ ପ୍ରକାଶ କରିଛନ୍ତି । ଅପରପକ୍ଷରେ ରାୟଗଡା ଜିଲ୍ଲାରେ ଯଦିଓ ପରିବା ଚାଷ ହେଉଛି ତାହା ରାୟଗଡା ଖାଉଟିଙ୍କ ଆବଶ୍ୟକତା ଠାରୁ କମ୍ ଉତ୍ପାଦନ ହେଉଥିବାରୁ ପଡୋଶୀ ରାଜ୍ୟ ଛତିଶଗଡର ରାଇପୁର ଏବଂ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଓ ପାର୍ବତିପୁରମ ଠାରୁ ପରିବା ଆମଦାନୀ କରିବା ଯୋଗୁଁ ଏଠାରେ ପରିବା ଦର ଆକାଶ ଛୁଆଁ ହୋଇଥିବା ବେପାରୀମାନେ କହିଛନ୍ତି। କେବଳ ପରିବା ନୁହେଁ ବଜାରରେ ଡାଲି, ଖାଇବା ତେଲ ଦର ମଧ୍ୟ କନ୍ଦାଇବା ଭଳି ସ୍ଥିତି ସୃଷ୍ଟି କରିଛି । ଅଧିକାଂଶ ଡାଲି ୧୫୦ରୁ ଅଧିକ ରହିଥିବା ବେଳେ ହରଡ଼ ଡାଲି ୧୮୦ ଟଙ୍କାରେ ବିକ୍ରି ହେଉଛି । ଅନ୍ୟ ରାଜ୍ୟରୁ ଆମଦାନୀ ହେଉଥିବା ଆଳୁ, ପିଆଜ, ଟମାଟ ଓ ଡାଲି ଜାତୀୟ ଦ୍ରବ୍ୟର ଦରକୁ ସ୍ଥାନୀୟ ପ୍ରଶାସନ ନିୟନ୍ତ୍ରଣ କରିବାକୁ ଉପଭୋକ୍ତା ମହଲରୁ ଦାବି ହେଉଛି ।

# ସୀମାରେ ବିଏସ୍‌ଏଫ୍ ଯବାନଙ୍କ ଉପରେ ଚୋରା ଚାଲାଣକାରୀଙ୍କ ଆକ୍ରମଣ

**କୋଲକାତା, ନ୍ୟୁଜ୍ ବ୍ୟୁରୋ**

ଉତ୍ତର ୨୪ ପରଗଣା ଏବଂ ମୁର୍ସିଦାବାଦ ସୀମାରେ ନିୟୋଜିତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ସୈନିକମାନେ ଚୋରା ଚାଲାଣକାରୀଙ୍କ ଉପରେ ଆକ୍ରମଣ କରିଛନ୍ତି। ଏହାପରେ ବିଏସ୍‌ଏଫ୍ ସୈନିକଙ୍କ ଠାରୁ ପ୍ରତିଶୋଧ ପରାୟଣ ହେବାପରେ ଚୋରା ଚାଲାଣକାରୀମାନେ ପଳାଇବାକୁ ବାଧ୍ୟ ହୋଇଥିଲେ। ସୋମବାର ବିଏସ୍‌ଏଫ୍ ପକ୍ଷରୁ ଜାରି ବିବୃତିରେ ଏହି ସୂଚନା ଦିଆଯାଇଛି। କୁହାଯାଇଛି ଯେ ଚୋରା ଚାଲାଣକାରୀମାନେ ଗତ ଜୁନ୍ ୨୩ ତାରିଖ ରାତିରେ ପଶ୍ଚିମବଙ୍ଗର ମୁର୍ସିଦାବାଦ ଜିଲ୍ଲାର ଦକ୍ଷିଣ ବେଙ୍ଗାଲୁର ସୀମାନ୍ତ ଅନ୍ତର୍ଗତ ଆଞ୍ଚଳିକ ମୁଖ୍ୟାଳୟ ବରହାମପୁର ଅଞ୍ଚଳରେ ବିଏସ୍‌ଏଫ୍ ସୀମା ପୋଷ୍ଟ ସୈନିକମାନଙ୍କୁ ପୁନର୍ବାର ଆକ୍ରମଣ କରିଥିଲେ। ସୀମା ପୋଷ୍ଟ- କହରପଡା, ୭୩ ତମ ବାଟାଲିୟନର ସାହସୀ ସୈନିକମାନେ ଏକ ଉପଯୁକ୍ତ ଉତ୍ତର ଦେଇଥିଲେ ଏବଂ ଆତ୍ମରକ୍ଷା ଗୁଳି ମାଧ୍ୟମରେ ଚୋରା ଚାଲାଣ ଉଦ୍ୟମକୁ ସଫଳତାର ସହ ଖଣ୍ଡନ କରି ବାଂଲାଦେଶୀ ଚୋରା ଚାଲାଣକାରୀଙ୍କୁ ବାଂଲାଦେଶକୁ ଫେରାଇ ନେଇଥିଲେ। ଘଟଣାସ୍ଥଳରେ ଖୋଜାଖୋଜି ବେଳେ ତୀକ୍ଷ୍ଣ ଅସ୍ତ୍ରଶସ୍ତ୍ର ଏବଂ ଖଣ୍ଡା ଉଦ୍ଧାର କରାଯାଇଥିଲା।

# ଜରିପାଲ ତଳେ ଜୀବନ କାଟୁଛି ବିଧବା ପତ୍ନୀ ଶିଶିର

**ମୂଷାଟିକିରି, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ବରୀ ତହସିଲ /ବରୀ ବ୍ଲକ, ଅଙ୍ଗାଳ ପଞ୍ଚାୟତ, ବୋଇତାଳୁ ପାଟଣା ଗ୍ରାମର ସ୍ୱର୍ଗତ ବ୍ରଜ କିଶୋର ଜେନାଙ୍କ ପତ୍ନୀ ଶିଶିର ଜରିପାଲ ତଳେ ନିଜର ଅସହାୟ ଜୀବନ କାଟୁଥିବା ଦେଖାଯାଉଛି । ଶିଶିରଙ୍କ ପାଇଁ ବ୍ଲକ ପ୍ରଶାସକଙ୍କ ପକ୍ଷରୁ ଆବାସ ଘର ଖଣ୍ଡିଏ ମିଳିବା ସାତସପନ ଓ ଅନୁରୂପ ଭାବରେ ଶିଶିରକୁ ବିଧବା ଭତ୍ତା ନାହିଁ । ନିକଟରେ ଶିଶିରଙ୍କ ସ୍ୱାମୀ ବ୍ରଜ କିଶୋର କାଣୀନଦୀରେ ଗତ ୧୬।୧୦।୨୦୨୩ ତାରିଖରେ ସ୍ନାନ କରୁଥିବା ସମୟରେ ଗୋଡ଼ଖସି ପାଣିରେ ବୁଡ଼ି ମରିବା ଘଟଣା ସମଗ୍ର ଅଞ୍ଚଳରେ ଚହଳ ପକାଇଥିଲା । ମୃତ୍ୟୁ ପରେ ରାଜ୍ୟ ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଣ୍ଠିରୁ ସହାୟତା ଅନୁଦାନ ଅର୍ଥରାଶି ମିଳିନଥିବା ନେଇ ସାଧାରଣରେ ଅସନ୍ତୋଷ ଲାଗିରହିଛି । ଏଥିପ୍ରତି ଯାଜପୁର ଜିଲ୍ଲାପାଳ, ତଥା ବିଡ଼ିଓ ବରୀ ଯତ୍ନବାନ ସହ ଅର୍ଥରାଶି ମଞ୍ଜୁର କରାଇବା ସହ ଆବାସ ଘର ଖଣ୍ଡିଏ ପାଇଁ ମଞ୍ଜୁର ଆଦେଶନାମା ପ୍ରଦାନ କରାଇବାକୁ ସାଧାରଣରେ ଦାବି ଧରିଛି । ଉଚ୍ଚ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ ।

# ଅସହାୟ ବୃଦ୍ଧଙ୍କ ଶବ ସତ୍କାର କଲା ଟିମ୍ ହ୍ୟୁମାନିଟି କନ୍ଧମାଳ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ସୋମବାର ଜଣେ ଅସହାୟ ବୃଦ୍ଧଙ୍କ ଶବ ସତ୍କାର କରିଛି ଟିମ୍ ହ୍ୟୁମାନିଟି କନ୍ଧମାଳ। ସୂଚନା ପ୍ରକାରେ ଜି ଉଦୟଗିରି ବ୍ଲକ ବଡିଙ୍ଗିଆ ଗ୍ରାମର ୭୦ ବର୍ଷୀୟ ଜଣେ ବୃଦ୍ଧ ଗୋପବନ୍ଧୁ ନାୟକ ବିଗତ କିଛିଦିନ ହେବ ଅସୁସ୍ଥତା କାରଣରୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ରବିବାର ତାଙ୍କର ଦେହାନ୍ତ ହେଇଥିଲା। ମୃତ ବ୍ୟକ୍ତିଙ୍କ ସ୍ତ୍ରୀ ଏବଂ ଦୁଇ ପୁଅଝିଅ ବାପାଙ୍କ ଶବ ସତ୍କାର କରିବା ପାଇଁ ଅସମର୍ଥ ଜଣାଇ ଟିମ୍ ହ୍ୟୁମାନିଟି କନ୍ଧମାଳ ଟିମ୍ ଆବାହକ ଭି. ଲୋକନାଥ ରାଜୁଙ୍କୁ ଯୋଗାଯୋଗ କରି ଅସୁବିଧା ବିଷୟରେ ଅବଗତ କରାଇଥିଲେ। ଟିମ୍ ସଦସ୍ୟ ଭି. ଜଗନ୍ନାଥ ରାଜୁ, ଅନୁପ ବିକ୍ରମ ପାତ୍ର, ରାଜୀବ ନେତ୍ର ପଟ୍ଟନାୟକ, ଅନନ୍ତ କହଁର, ସାର୍ଥକନନ୍ଦ ପ୍ରଧାନ, ଏସ.କେ ଅବଦୁଲ ସାକୀର ଖବରପାଇ ମେଡ଼ିକାଲରେ ପହଞ୍ଚି ଘଟଣାଟିକୁ ଅନୁଧ୍ୟାନ କରି ତୁରନ୍ତ ଶବଦାହ ପାଇଁ ପ୍ରସ୍ତୁତି ଆରମ୍ଭ କଲେ ଏବଂ ନିକଟସ୍ଥ ନାରାୟଣୀ ମନ୍ଦିର ଶ୍ମଶାନ ଠାରେ ହିନ୍ଦୁ ରିତିନୀତି ଅନୁସାରେ ଶବ ଦାହ ସମ୍ପନ୍ନ କରିଛନ୍ତି।

# କେନ୍ଦ୍ରାପଡ଼ାରେ ବୁଲିଲା ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଶିଶୁ ଶ୍ରମ ମୁକ୍ତ ଓଡ଼ିଶା ଆମର ସଂକଳ୍ପକୁ ନେଇ ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ରଥଟି ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତ ଗୁଡିକ ପରିକ୍ରମା କରି ଶିଶୁମାନଙ୍କୁ କୌଣସି କାର୍ଯ୍ୟରେ ନଲଗାଇବା ପାଇଁ ସଚେତନ କରାଇବ ବୋଲି ଜଣାପଡିଛି । ଏଥିସହିତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ଏକ ସଭାର ଆୟୋଜନ ହୋଇଥିଲା । ଆୟୋଜିତ ଏହି ସଭାରେ ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝି, ଡିସିପିଓ ବିଜୟ କେତନ ସାହୁ, ସିଡବ୍ଲୁସି ସାଗରିକା ପାତ୍ର, ଡିପିସି ମମତା ମନୋରଞ୍ଜନ ଦାସ, ଡିଇଓ ପ୍ରଦିପ କୁମାର ନାଗ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର କୌଣସି ବ୍ୟବସାୟିକ ଅନୁଷ୍ଠାନ, କଳ କାରଖାନା କିମ୍ବା ଘରେ କୌଣସି ଶିଶୁ ଶ୍ରମିକ କାର୍ଯ୍ୟରେ ଲଗାଇଲେ ନିୟମ ଅନୁଯାୟୀ ଜରିମାନା ସହିତ ଜେଲ୍ ମଧ୍ୟ ହୋଇପାରେ । ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏ.ଏଲ୍.ଓ ଅଶୋକ କୁମାର ମୁର୍ମୁ, ରାକେଶ ସିଂହ, ପଲ୍ଲିଶ୍ରୀ ମହିଳା ସମିତିର ଶ୍ରୀକାନ୍ତ କୁମାର ନାୟକଙ୍କ ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

# ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଅନୁଧ୍ୟାନ କଲେ ବିଧାୟକ:ଛାତରୁ ପାଣି ଗଳୁଥିବା ନେଇ ରୋଗୀଙ୍କ ଅଭିଯୋଗ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ସମ୍ପର୍କରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀ ନବ ନିର୍ବାଚିତ କଂଗ୍ରେସ ବିଧାୟକ ଅଶୋକ କୁମାର ଦାସ ଶନିବାର ଅନୁଧ୍ୟାନ କରିଛନ୍ତି। ବିଧାୟକ ଶ୍ରୀ ଦାସଙ୍କୁ ଛାତରୁ ପାଣି ଗଳୁଥିବା ନେଇ ରୋଗୀମାନେ ଅଭିଯୋଗ କରିଥିବା ବେଳେ ଡାକ୍ତର ପଦବୀ ଖାଲିପଡ଼ିଥିବା ନେଇ ଜନସାଧାରଣ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ କୌଣସି ବି ରୋଗୀକୁ ବେଡସିଟ୍ ଦିଆଯାଉନଥିବା ଦେଖି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ସେଠାରେ ଉପସ୍ଥିତ ଥିବା ଆୟୁଷ ଡାକ୍ତର ମନୋଜ ବେହେରା ଓ ନର୍ସଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ରୋଗୀମାନେ ଭଲ ହୋଇ ଘରକୁ ଯିବାବେଳେ ସାଙ୍ଗରେ ବେଡ଼ସିଟ୍ ନେଇଯାଉଥିବା ସେମାନେ କହିଥିଲେ। ତେବେ ବେଡ଼ସିଟ ଚୋରି ପ୍ରତି ସଜାଗ ରହିବାକୁ ବିଧାୟକ ସୁରକ୍ଷାକର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଡାକ୍ତରଖାନା ପରିବେଶ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ଡାକ୍ତର ଓ ନର୍ସ ମାନଙ୍କୁ ପରାମର୍ଶ ଦେଇଥିଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତି ବୈଠକରେ ସମସ୍ୟା ସମ୍ପର୍କରେ ଆଲୋଚନା ହେଉନଥିବାରୁ ସମସ୍ୟାର ସମାଧାନ ହୋଇପାରୁନଥିବା ବ୍ଲକ କଂଗ୍ରେସ ସଭାପତି ସରୋଜ କୁମାର ଦାସ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ବର୍ଷ ହେଲା ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ ଓ ଶିଶୁ ବିଭାଗ, ସର୍ଜରୀ, ଆଖି ବିଭାଗର ଡାକ୍ତର ପଦବୀ ଖାଲି ପଡିଥିବାରୁ ଚିକିତ୍ସା ସେବା ବାଧାପ୍ରାପ୍ତ ହେଉଛି ଏବଂ ରୋଗୀମାନେ ଭଦ୍ରକ ଯାଇ ଅଯଥା ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ ହୋଇଥିଲା। ତେବେ ଆସନ୍ତା ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ଏ ସମ୍ପର୍କରେ ଆଲୋଚନା କରି ଡାକ୍ତର ନିଯୁକ୍ତି ଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ଶ୍ରୀ ଦାସ କହିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ରୋଗୀଙ୍କ ସହାୟକ ପାଇଁ ପକାଇଥିବା ଚେୟାର ମଧ୍ୟ ଚୋରି ହୋଇ ଯାଉଥିବା କୁହାଯାଉଛି। ତେବେ ଏସବୁ ଦିଗରେ ବିହିତ ପଦକ୍ଷେପ ନିଆଯିବାକୁ ସାଧାରଣରେ ଦାବି କରାଯାଇଛି। ବିଧାୟକଙ୍କ ସହ ପୂର୍ବତନ ସରପଞ୍ଚ ମୀନକେତନ ସେନାପତି, ଜୋନ ସଭାପତି ଗଣେଶ ମଲିକ, ଗୋରାବାବୁ ସାହା, ପ୍ରଦୀପ ନାୟକ, ମାଧବାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଲଙ୍କା ଭୟଙ୍କର ଆର୍ଥିକ ସଙ୍କଟରୁ ମୁକୁଳିବା ପରେ ଚଳିତ ବର୍ଷ ୬ ମାସରେ ପହଞ୍ଚିଛନ୍ତି ୯ ଲକ୍ଷ ପର୍ଯ୍ୟଟକ

**କଲମ୍ବୋ, ନ୍ୟୁଜ୍ ବ୍ୟୁରୋ**

ଦୁଇବର୍ଷର ଗମ୍ଭୀର ଆର୍ଥିକ ସଙ୍କଟ ଓ ରାଜନୈତିକ ଅସ୍ଥିରତାର ସମ୍ମୁଖୀନ କରିବା ପରେ ଶ୍ରୀଲଙ୍କାର ଅର୍ଥ ବ୍ୟବସ୍ଥା ଦ୍ରୁତଗତିରେ ସୁଧୁରୁଛି । ଦେଶରେ ପର୍ଯ୍ୟଟକଙ୍କ ଲଗାତର ବଢୁଥିବା ସଂଖ୍ୟା ଏହାର ସଙ୍କେତ ଅଟେ । ରାଷ୍ଟ୍ରପତି ରାନିଲ ବିକ୍ରମସିଂଘେ ଏହି ସପ୍ତାହରେ ସାର୍ବଜୀନନ ଭାବେ ସ୍ୱୀକାର କରିଛନ୍ତି ଯେ, ଭାରତରୁ ମିଳିଥିବା ଆର୍ଥିକ ସହାୟତା କାରଣରୁ ଶ୍ରୀଲଙ୍କା ଦୁଇବର୍ଷର ସଙ୍କଟରୁ ମୁକୁଳିବାର ଦିଗରେ ଅଗ୍ରସର ହେଉଛି । ପର୍ଯ୍ୟଟନ ଉପରେ ନିର୍ଭର ଶ୍ରୀଲଙ୍କାର ଅର୍ଥବ୍ୟବସ୍ଥା ପାଇଁ ଭଲ ସଙ୍କେତ ଦେଖିବାକୁ ମିଳୁଛି । କୋରୋନା କାଳରେ ଭୁଶୁଡିପଡିଥିବା ପର୍ଯ୍ୟଟନ କାରଣରୁ ଦେଶକୁ ଦୁଇ ତିନି ବର୍ଷ ଗମ୍ଭୀର ଆର୍ଥିକ ସଙ୍କଟନର ସମ୍ମୁଖୀନ ହେବାକୁ ପଡିଥିଲା ।

# ମୃତ ବ୍ୟକ୍ତିଙ୍କ ଅର୍ଦ୍ଧ ଗଳିତ ଶବ ଠାବ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଅନୁଗୁଳ ଜିଲ୍ଲା ବନ୍ତଳା ଥାନା ଅନ୍ତର୍ଗତ ପୁରୁଣାଗଡ଼ ଅଞ୍ଚଳରେ ମୃତ ବ୍ୟକ୍ତିଙ୍କ ଅର୍ଦ୍ଧ ଗଳିତ ଶବ ଠାବ କରାଯାଇଛି । ଘଟଣା ସ୍ଥଳରେ ବନ୍ତଳା ପୋଲିସ ତନାଘନା ଚଳାଇଛି । ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ ।

# ଫରେଷ୍ଟରଙ୍କୁ ଆକ୍ରମଣ:ନାବାଳକକୁ କାବୁ କଲା ପୋଲିସ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁରରେ କାର୍ଯ୍ୟରତ ଫରେଷ୍ଟରଙ୍କୁ ଆକ୍ରମଣ ମାମଲାରେ ନାବାଳକକୁ କାବୁ କଲା ଟାଉନ୍ ପୋଲିସ । ପୋଲିସ ସୂଚନା ଅନୁଯାଇ, ଏଲ୍‌ଆଇସି କଲୋନୀ ନିକଟରେ ଗଛ କଟାଯାଉଥିବା ସୂଚନା ପାଇ ଫରେଷ୍ଟର ରଞ୍ଜିତା ନାୟକ ପହଞ୍ଚି ତଦନ୍ତ କରୁଥିଲେ । ତଦନ୍ତ ସମୟରେ ନିକଟରେ ଥିବା ନାବାଳକ ଜଣକ ମହିଳା ଫରେଷ୍ଟରଙ୍କୁ କମେଣ୍ଟ ମାରିବା ସହ ଠେଲାପେଲା କରିଥିଲେ । ଫଳରେ ମହିଳା ଫରେଷ୍ଟର ଜଣକ ଆହତ ହୋଇଛନ୍ତି । ସେ ଏନେଇ ଜୟପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ୨୦୫/୨୪ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ନାବାଳକକୁ କାବୁ କରି ଜୁଭେଲାଇନ୍ ଜଷ୍ଟିସ୍ ବୋର୍ଡଙ୍କ ନିକଟରେ ହାଜର କରିଥିବା ବିଷୟ ଟାଉନ୍ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

## ବାବା ବଳିଆଙ୍କ ଗଣତନ୍ତ୍ର ଧର୍ମକୁ ନେଇ ପ୍ରେସ୍ ମିଟ୍

# ବିଶ୍ୱରେ ମୁଣ୍ଡ ପିଛା ଗଛ ୪୨୨ ଥିବାବେଳେ ଭାରତରେ ମାତ୍ର ୨୮

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ଅନନ୍ତ ବଳିଆ ଟ୍ରଷ୍ଟ ଓ ବିଶ୍ୱ ସନାତନ ସେବା ସଂଘ ଦ୍ୱାରା ଆୟୋଜିତ ପରିବେଶ, ଗଣତନ୍ତ୍ର ଓ ଧର୍ମ ସଚେତନତାର ଦ୍ୱିମାସ ବ୍ୟାପୀ ଯାତ୍ରା ରାଇଘର ଠାରେ ପହଞ୍ଚିଛି । ଚିମନପୁର ଠାରେ ଏକ ପ୍ରେସ୍ ମିଟ୍ କରିଥିଲେ ପଦ୍ମଶ୍ରୀ ଶ୍ରୀମଦ ବାବାବଳିଆଙ୍କ ମାର୍ଗଦର୍ଶନରେ । ଏହି ଅଭିଯାନ ସମଗ୍ର ଓଡ଼ିଶା ଓ ଭାରତବର୍ଷ ପରିକ୍ରମା କରି ପରିବେଶ, ଗଣତନ୍ତ୍ର ଓ ଧର୍ମର ବାର୍ତ୍ତା ପ୍ରଦାନ କରିବ । ବର୍ତ୍ତମାନର ପରିବେଶ ଯେମିତି ପ୍ରଦୂଷିତ ଓ ବିଷାକ୍ତ ଭବିଷ୍ୟତରେ ଆମ କୁନି କୁନି ପିଲାମାନେ କେମିତି ଶାନ୍ତିରେ ରହିପାରିବେ ବୋଲି ଚିନ୍ତା ପ୍ରକଟ କରି ବାବା ବଳିଆ ଆଜିଠୁଁ ଜନ ଜାଗରଣର ଆହ୍ୱାନଦେଇ ଚାଲୁଛନ୍ତି । ସମଗ୍ର ବିଶ୍ୱରେ ବର୍ତ୍ତମାନ ମୁଣ୍ଡପିଛା ଗଛ ୪୨୨ ଥିବାବେଳେ ଭାରତରେ ମୁଣ୍ଡପିଛା ଗଛ ମାତ୍ର ୨୮ ଅଛି । ଗୋଟିଏ ଲୋକ ଯେତିକି ଦିନକୁ ଅମ୍ଳଜାନ ଗ୍ରହଣ କରେ ଓ ଅଙ୍ଗାରକାମ୍ଳ ଛାଡେ .ସେଥିପାଇଁ ଅତି କମ୍‌ରେ ୫୦୦ ଗଛ ଆବଶ୍ୟକ । ଏପରିକି ସେହି ଗଛର ବୟସ ୨୦ ବର୍ଷରୁ ବେଶୀ ହେବା ଜରୁରୀ । କାରଣ ସେତିକି ବଡ଼ ଗଛ ହିଁ ମଣିଷ ଛାଡୁଥିବା ଅଙ୍ଗାରକାମ୍ଳ ବିଷକୁ ଶୋଷିପାରିବ ଓ ଅମ୍ଳଜାନର ଅମୃତ ଯୋଗାଇପାରିବ । ଏଥିପାଇଁ ଗଛକୁ ଶିବ ଭାବେ ପୂଜା କରାଯାଉଥିଲା । ଶିବ ବିଷପାନ କରି ଜଗତକୁ ଅମୃତ ପ୍ରଦାନ କଲାପରି ଗଛ ହିଁ ଏ ପୃଥିବୀର ଶିବଙ୍କ ଭୂମିକା ନିର୍ବାହ କରି ଆମକୁ ବଞ୍ଚେଇ ରଖିଆସିଛି । ଆଜି ଚିନ୍ତା କରନ୍ତୁ, ମାଟି ବିଷାକ୍ତ, ପାଣି ବିଷାକ୍ତ, ପବନ ବିଷାକ୍ତ, ଆକାଶ ବିଷାକ୍ତ, ଜଳବାୟୁ ବିଷାକ୍ତ ଏପରିକି ମଣିଷର ମାନସିକତା ମଧ୍ୟ ପ୍ରଦୂଷିତ ଏମିତି ଏକ ସ୍ଥିତିରେ ଆଜିର ମଣିଷ ଭବିଷ୍ୟତର ପୃଥିବୀ ପାଇଁ ଚିନ୍ତା ନକଲେ ବିଶ୍ୱର ଆୟୁଷ ଆଉ ଅଳ୍ପଦିନ




ସେଥିରେ ପୁଣି ଯୁଦ୍ଧ, ବାରୁଦ, ବମ୍, ଆଣବିକ ଯୁଦ୍ଧ ମଧ୍ୟ ବାୟୁମଣ୍ଡଳକୁ ଉତ୍ତପ୍ତ କରିଚାଲିଛି । ତେଣୁ ପୃଥିବୀ ବର୍ତ୍ତମାନ ଏକ ଭୟଙ୍କର ସମୟ ଦେଇ ଗତି କରୁଛି । ଏଥିରେ ନେତୃବୃନ୍ଦଙ୍କ ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ, ଆମମାନଙ୍କ ଭୂମିକା ମଧ୍ୟ ତତୋଧିକ ଗୁରୁତ୍ୱପୂର୍ଣ୍ଣ । ଖାଲି ପରିବେଶ ମଧ୍ୟ ନୁହଁ ବଶ୍ୱର ଶାସନ ବ୍ୟବସ୍ଥାକୁ ଆସୁଥିବା ନେତୃବୃନ୍ଦଙ୍କ ବିସ୍ତାରବାଦୀ ଚିନ୍ତାଧାରା, ଅହଂକାର ଓ ବଡ଼ଭାଇ ପଣିଆଁର ପତିଆରା ପାଇଁ ଆଜି ବିଶ୍ୱ ଅଶାନ୍ତ, ଜନଜୀବନ ବିପର୍ଯ୍ୟସ୍ତ ଓ ବିଶ୍ୱ ଆଜିବାରୁଦ ଗଦାରେ । ଏହିଭଳି ଏକ ପରିସ୍ଥିତିରେ ବିଶ୍ୱରେ ଯୁଦ୍ଧ ବନ୍ଦ ହେଉ ଓ ବିଶ୍ୱ ଯୁଦ୍ଧାସ୍ତ୍ର ବିମୁକ୍ତ ହେବା ନିମିତ୍ତ ବାବା ବଳିଆ ଆହ୍ୱାନ ଦେଇଛନ୍ତି । ଆମ ଦେଶ ଭାରତ ବର୍ଷରେ ଗଣତନ୍ତ୍ରର ୪ଟି ଯାକ ସ୍ତମ୍ଭ ମଧ୍ୟରେ ସମନ୍ୱୟରଖ । ଭାରତ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମିତ୍ତ ମୁଖ୍ୟ ସୂତ୍ରଧାର ଭାବେ ଭୂମିକା ନିର୍ବାହ କରୁ ବୋଲି ବାବା ବଳିଆ ଆମ ଦେଶର ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ରାଷ୍ଟ୍ରଦୂତ ମାନଙ୍କୁ ତଥା ଜାତିସଂଘକୁ ବିଶ୍ୱରେ ଯୁଦ୍ଧ ବନ୍ଦ ହେବା ନିମିତ୍ତ ହସ୍ତକ୍ଷେପ କରୁ ବୋଲି ପତ୍ର ପ୍ରଦାନ କରିଛନ୍ତି । ଗଣତନ୍ତ୍ର ସବୁଠୁ ଭଲ ଶାସନ ବ୍ୟବସ୍ଥା ନିଃସନ୍ଦେହ । କିନ୍ତୁ ରାଜତନ୍ତ୍ରକୁ ବିଦାୟ ଦେଇ ଯେଉଁ ବ୍ୟବସ୍ଥାକୁ ବୁଦ୍ଧିଜୀବୀ ମାନେ ଓ ତତ୍କାଳୀନ ଚିନ୍ତାଶୀଳ ରାଷ୍ଟ୍ରପ୍ରେମୀ ନେତୃବୃନ୍ଦ ଆପଣେଇଲେ ସେହି ଗଣତନ୍ତ୍ର କଣ ? ଜନତାର ହାତରେ ଶାସନ ଭାର କିପରି ? ନାଗରିକର ରାଷ୍ଟ୍ର ପ୍ରତି କର୍ତ୍ତବ୍ୟ କଣ ? ନାଗରିକର ଅଧିକାର କଣ ? ବ୍ୟବସ୍ଥା କଣ ? ନିୟମ କାନୁନ୍ କଣ ? ଏସବୁ କିଛି ଶିକ୍ଷା ଦିଆଗଲା ନାହିଁ । ଫଳତଃ ସେଇ ରାଜତନ୍ତ୍ର ଢାଞ୍ଚା, କେବଳ ଗଣତନ୍ତ୍ର ମୋହରରେ ସାଧାରଣ ଜନତା ଯଥା ପୂର୍ବ ତଥା ପର ଅବସ୍ଥାରେ ଜୀବନ ନିର୍ବାହ କରୁଛନ୍ତି । ଅଧିକାର ପାଇଁ ଆନ୍ଦୋଳନ, ହରତାଳ, ଧର୍ମଘଟ କିନ୍ତୁ ରାଷ୍ଟ୍ର ପାଇଁ ବା ସରକାର ପାଇଁ ଆମର କର୍ତ୍ତବ୍ୟ କଣ ସେଥିପାଇଁ ଅଚେତନ ଏଣୁ ଯେଉଁ ସରକାର ରହୁ କିନ୍ତୁ ସ୍ଥାନେ ସ୍ଥାନେ ଗଣତନ୍ତ୍ରର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉ । ଏ ବହୁଦଳୀୟ ପ୍ରଥା ଉଠି ଦ୍ୱିଦଳୀୟ ଓ ସ୍ୱାଧୀନକୁ ମିଶାଇ ତିନିଦଳୀୟ ବ୍ୟବସ୍ଥା ରହିଲେ ଏତେଟା ଦଳୀୟ କନ୍ଦଳ ରହନ୍ତାନି ବୋଲି ବାବା ବଳିଆ କହିଛନ୍ତି ।

# ଝିଅ ସହ ସମ୍ପର୍କ ରଖିଥିବା ସନ୍ଦେହରେ ଯୁବକକୁ ପିଟି ପିଟି ହତ୍ୟା ମାମଲା:୨ ମୁଖ୍ୟ ଅଭିଯୁକ୍ତ ସ୍ୱାମୀ-ସ୍ତ୍ରୀ ଗିରଫ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲାର ଧାମରା ନିକଟସ୍ଥ କରଣପଲ୍ଲୀ ଠାରେ ଗତ ସପ୍ତାହରେ ହୋଇଥିବା ଏକ ହତ୍ୟାକଣ୍ଡର ୨ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବାଂଶଡା ପୁଲିସ ସଫଳ ହୋଇଛି। ବାଂଶଡା ଥାନାଧିକାରୀ ଦେବରାଜ ଜେନାଙ୍କ ସୂଚନା ଅନୁଯାୟୀ କରଣପଲ୍ଲୀ ଠାରେ ଏକ ୨୪ ବର୍ଷିୟ ବାଳକକୁ ଘରୁ ଡାକି ନେଇ ମାଡ ମାରି ଜୀବନରୁ ମାରିଦେଇଥିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତଙ୍କୁ ବାଂଶଡା ଥାନାଧିକାରୀ ପୁରୀ ଜିଲ୍ଲା ପିପିଲିରୁ ଗିରଫ କରିଛି। ସୂଚନା ଅନୁଯାୟୀ ଗତ ସପ୍ତାହରେ କରଣପଲ୍ଲୀ ଅଞ୍ଚଳର ଜଣେ ଯୁବତୀ କୌଣସି ଏକ ଯୁବକ ସହ ନିଜ ଘରୁ ଫେରାର ହୋଇଯାଇଥିଲା। ଏହି ଘଟଣାରେ କରଣପଲ୍ଲୀ ପଞ୍ଚାୟତର ବଡ ପିପଲି ଗ୍ରାମର ବେଣୁଧର ନାୟଙ୍କ ପୁଅ ତାପସର ସଂପୃକ୍ତ ବୋଲି ଫେରାର ହୋଇଯାଇଥିବା ଝିଅ ଘର ଲୋକେ ସନ୍ଦେହ କରିବା ସହ ତାପସ ନିଜ ଘରେ ଶୋଇଥିବା ବେଳେ ୬-୭ଟି ବାଇକ୍‌ରେ କିଛି ଗୁଣ୍ଡା ଶ୍ରେଣୀର ଲୋକେ ଆସି ଜୋର୍ ଜବରଦସ୍ତ ତାପସକୁ ନିଜ ଘରୁ ଉଠାଇ ନେଇ ପିଟି ପିଟି ମାରି ଦେଇଥିଲେ । ପରେ କୌଣସି ସୂତ୍ରରୁ ଖବରପାଇ ମୃତ ତାପସଙ୍କ ବାପା ବାସୁଦେବପୁର ମେଡିକାଲରେ ପହଞ୍ଚିବା ପରେ ପୁଅର ଶବକୁ ଦେଖିବା ପରେ ବାଂଶଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଧାର କରି ବାଂଶଡା ପୁଲିସ କେସ୍ ରୁଜୁ କରିବା ସହ ଏହି ଘଟଣାରେ ସଂପୃକ୍ତ ଆସାମୀ ମାନଙ୍କୁ ଖୋଜି ପାଇବାରେ ବିଫଳ ହୋଇଥିଲେ। ଏହି ଆସାମୀ ମାନଙ୍କୁ ଖୋଜୁ ଖୋଜୁ ଘଣ୍ଟେଶ୍ୱର ଫାଣ୍ଡି ଅନ୍ତର୍ଗତ ବ୍ରହ୍ମଟିକ୍ରି ଗ୍ରାମରେ ଆସାମୀମାନେ ଲୁଚିଥିବା ଖବରପାଇ ବାଂଶଡା ଏବଂ ଘଣ୍ଟେଶ୍ୱର ପୁଲିସ ସେଠାକୁ ଆସାମୀ ମାନଙ୍କୁ ଗିରଫ କରିବାକୁ ଯାଇଥିବା ବେଳେ ଗ୍ରାମବାସୀମାନେ ପୁଲିସକୁ ବିରୋଧ କରିବା ସହ ଆସାମୀ ମାନଙ୍କୁ ଫେରାର କରିଦେଇଥିଲେ ବୋଲି ପୁଲିସ ଅଭିଯୋଗ ଆଣିଥିଲା। ଏହି ଘଟଣାରେ କରଣପଲ୍ଲୀ ଅଞ୍ଚଳର ମୁଖ୍ୟ ଅଭିଯୁକ୍ତ ଶଙ୍କର୍ଷଣ ଜାନା (୪୦) ଏବଂ ତାଙ୍କ ଧର୍ମପତ୍ନୀ ମଞ୍ଜୁଲତା ଜାନାଙ୍କୁ ବିଳମ୍ବିତ ରାତିରେ ପୁରୀ ଜିଲ୍ଲା ପିପିଲିରୁ ଗିରଫ କରିବାରେ ସଫଳ ହୋଇଥିଲା । ସୋମବାର ଏହି ୨ ମୁଖ୍ୟ ଅଭିଯୁକ୍ତ ମାନଙ୍କୁ କୋର୍ଟରେ ହାଜର କରିବା ପରେ ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ହାଜତକୁ ପଠାଇ ଦିଆଯାଇଛି। ଏହି କେସ୍‌ରେ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ପ୍ରଶାସନ ନିଜର ପ୍ରତିକ୍ରିୟାରେ କହିଛନ୍ତି।








# ଓଏସ୍ଆର୍‌ଟିସି ବିଭାଗ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍ଆର୍‌ଟିସି)ରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦେଇଥିଲେ । ରାଜ୍ୟର ପରିବହନ କ୍ଷେତ୍ରରେ ଓଏସ୍ଆର୍‌ଟିସି ଯେପରି ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହା ସହ ଆଗାମୀ ଦିନରେ ଓଏସ୍ଆଟିସି ପରିବହନ କ୍ଷେତ୍ରରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୁଷଣ ଜେନା ମତବ୍ୟକ୍ତ କରିଥିଲେ । ଏହି ସମୀକ୍ଷା ବୈଠକରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ପରିବହନ କମିଶନର ଅମିତାଭ ଠାକୁର ଏବଂ ଓଏସ୍ଆର୍‌ଟିସିର ଅଧକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଦିପ୍ତେଶ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଅନେକ ପ୍ରାଥମିକ ସ୍କୁଲ୍‌ରେ ଶିକ୍ଷକ ନାହାନ୍ତି:ଧାମନଗରରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ବ୍ଲକ୍‌ରେ ୨୦୧୪ ମସିହାରୁ ବିଇଓ ଅଫିସ ସ୍ଥାପିତ ହୋଇଥିବା ବେଳେ ନିଜସ୍ୱ ଅଫିସ ନଥିବା ବେଳେ ପୂର୍ବରୁ ଥିବା ବିଆରସିସି ଅଫିସ୍‌ରେ ଚାଲିଛି । ବିଇଓ ଗଦାଧର ଜେନା ଅବସର ନେବା ପରେ ସ୍ଥାୟୀ ବିଇଓ ନାହାନ୍ତି । ସେହିପରି ବ୍ଲକରେ ୨୪୦ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ହାଇସ୍କୁଲ ରହିଛି । ହେଲେ ଅଧିକାଂଶ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନଶିକ୍ଷକ/ଶିକ୍ଷକ ପଦବୀ ଖାଲିପଡିଥିବା ଜଣାଯାଇଛି । ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ଲେବୁଲ୍ ୩ ପ୍ରଧାନଶିକ୍ଷକ ମୂଳପଦବୀ ୮ ଥିବା ବେଳେ ୩ଟି ଖାଲିପଡିଛି । ସେହିପରି ଲେବୁଲ୍ ୩ ଉପର ପ୍ରାଇମେରୀ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ମୂଳ ପଦବୀ ୭୨ ଥିବାବେଳେ ୩୭ ପଦବୀ ଖାଲିପଡ଼ିଛି । ଲେବୁଲ୍ ୪ ପ୍ରଧାନଶିକ୍ଷକ ମୂଳପଦବୀ ୮୦ ଥିବାବେଳେ ୪୩ ପଦବୀ ଖାଲିପଡିଛି । ସେହିପରି ୪ କଳା ଶିକ୍ଷକ ମୂଳ ପଦବୀ ୮୦ ଥିବାବେଳେ ୫୯ ପଦବୀ ଖାଲିପଡିଛି । ଲେବୁଲ୍ ୪ ବିଜ୍ଞାନ ଶିକ୍ଷକ ମୂଳ ପଦବୀ ୮୦ ଥିବାବେଳେ ୭୩ ପଦବୀ ଖାଲିରହିଛି । ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋଟ ୪୮୯ ଶିକ୍ଷକ ପଦବୀ ମଧ୍ୟରୁ ୧୪୯ ଶିକ୍ଷକ ପଦବୀ ଖାଲି ପଡିଛି । ଫଳରେ ବିଦ୍ୟାଳୟ ମାନଙ୍କର ଶିକ୍ଷାଦାନ ଗୁରୁତର ଭାବେ ପ୍ରଭାବିତ ହେଉଛି । ଅନ୍ୟପକ୍ଷରେ ବିଦ୍ୟାଳୟର ବ୍ୟବସ୍ଥା ଅନୁଯାୟୀ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ବିଦ୍ୟାଳୟରେ ସର୍ବନିମ୍ନ ୫ ଜଣ ଶିକ୍ଷକ ରହିବା କଥା ପ୍ରଥମରୁ ପଞ୍ଚମ ଶ୍ରେଣୀ ପାଇଁ ସର୍ବନିମ୍ନ ୨ ଜଣ ଶିକ୍ଷକ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପାଇଁ ସର୍ବନିମ୍ନ ୩ ଜଣ ଶିକ୍ଷକ ଶିକ୍ଷାଦାନ ପାଇଁ ନିୟୋଜିତ ରହିବା କଥା । ପରନ୍ତୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ଅନେକ ବିଦ୍ୟାଳୟ ୨ରୁ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଚାଲୁଥିବା ଜଣାଯାଇଛି । ତେବେ ଖୁବ୍‌ଶୀଘ୍ର ବିଦ୍ୟାଳୟ ଗୁଡ଼ିକୁ ଆବଶ୍ୟକ ଶିକ୍ଷକ ଓ ପ୍ରଧାନଶିକ୍ଷକ ନିଯୁକ୍ତି କରାଗଲେ ଶିକ୍ଷ୍ୟା ବ୍ୟବସ୍ଥାର ଉନ୍ନତି ଘଟିବ । ତେବେ ଖାଲି ପଡ଼ିଥିବା ପଦବୀ ପାଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଛି । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଏବିଇଓ ଭୀମସେନ ହୋ ପ୍ରକାଶ କରିଛନ୍ତି ।

# ସାଉଦିରେ ୧୩୦୧ ହଜ୍ ଯାତ୍ରୀଙ୍କ ମୃତ୍ୟୁ

**ରିୟାଦ, ନ୍ୟୁଜ୍ ବ୍ୟୁରୋ**

ସାଉଦି ଆରବରେ ଏବର୍ଷ ଅତ୍ୟଧିକ ଗରମ କାରଣରୁ ଅନେକ ସଂଖ୍ୟାରେ ହଜ୍ ଯାତ୍ରୀଙ୍କ ମୃତ୍ୟୁ ହୋଇଛି । ରବିବାର ସାଉଦି ଆରବ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ହଜ୍ ଯାତ୍ରା ସମୟରେ ଏବର୍ଷ ଅତିକମ୍‌ରେ ୧୩୦୧ ଲୋକଙ୍କ ମୃତ୍ୟୁ ହୋଇଛି । ଏମାନଙ୍କ ମଧ୍ୟରୁ ଭୀଷଣ ଗରମ କାରଣରୁ ଅନେକ ସଂଖ୍ୟାରେ ଜୀବନ ଯାଇଛି । ଗତ ସୋମବାର ମକ୍କାରେ ତାପମାତ୍ରା ୫୧.୬୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । ମୃତକଙ୍କ ମଧ୍ୟରେ ୯୮ ଭାରତୀୟ ଯାତ୍ରୀଙ୍କ ମୃତ୍ୟୁ ହୋଇଛି । ସବୁଠୁ ଅଧିକ ମିଶରର ଲୋକଙ୍କ ମୃତ୍ୟୁ ହୋଇଛି ।

# ପାଟରୁ ବର୍ଷାଜଳ ନିଷ୍କାସନ ପାଇଁ ଚାଷୀଙ୍କ ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ବସପୁର ଲକ ନିକଟସ୍ଥ କନ୍ତିଆ ପୁରୁଣା ପୋଷ୍ଟ ଅଫିସ ଅଞ୍ଚଳର ଶତାଧିକ ଚାଷୀମାନେ ଦୀର୍ଘ ବର୍ଷ ହେଲା ତାଙ୍କ ପାଟରୁ ବର୍ଷାଜଳ ନିଷ୍କାସନ ହୋଇପାରୁନଥିବାରୁ ସେମାନେ ଠିକ୍ ସମୟରେ ଚାଷ କରିପାରୁନଥିବା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଯେଉଁ ବାଟ ଦେଇ ବର୍ଷାଜଳ ନିଷ୍କାସନ ହେଉଥିଲା ସେହି ସ୍ଥାନକୁ ଅବରୋଧ କରି ଦିଆଯାଇଛି । ଶହ ଶହ ଚାଷୀମାନେ ଏ ବିଷୟରେ ବାରମ୍ବାର ଉପ ଜିଲ୍ଲାପାଳ ଏବଂ ଅନ୍ୟ ଅଧିକାରୀ ମାନଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ । ଆର.ଆଣ୍ଡ.ବି ରାସ୍ତାକୁ କାଟି କାଡା ନାଳ ସହିତ ସଂଯୋଗ କଲେ ସେଠାରେ ପାଇପ୍ ବସାଇଲେ ଜଳ ନିଷ୍କାସନ ହୋଇପାରିବ ବୋଲି ଜିଲ୍ଲପାଳଙ୍କୁ ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ସରପଞ୍ଚ ବସନ୍ତ କୁମାର ରାଉତଙ୍କ ସମେତ ବିରେନ୍ଦ୍ର ରାଉତ, ଅଶୋକ ରାଉତ, ନିହାର ରଂଜନ ଜେନା, ପ୍ରମୋଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆଗୁଡା ଜଙ୍ଗଲରେ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ନୂଆଗୁଡା ଜଙ୍ଗଲରେ ଅବକାରୀ ଚଢଉ ହୋଇଛି । ମଦ ପ୍ରସ୍ତୁତ କରିବା ସହ ଲୁଚାଇ ରଖିଥିବା ସୂଚନା ପାଇ ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇଛି । ଚଢଉ ଖବର ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ୨ଟି ମଦ ଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୮୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରିଛି । କେତେକ ଡ୍ରମ୍‌କୁ ନିଆଁ ଲଗାଇ ନଷ୍ଟ କରିଥିବା ବେଳେ ମାଟି ହାଣ୍ଡିକୁ ଭଙ୍ଗାଯାଇଥିବା ବିଷୟ ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି।

# ପନିପରିବାର ଅହେତୁକ ମୂଲ୍ୟ ବୃଦ୍ଧି:ଶତକ ମାରିଲା ଟମାଟୋ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**



ସ୍ଥାନୀୟ ଅଞ୍ଚଳ ସମେତ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳ ମାନଙ୍କରେ କ୍ରମାଗତ ଭାବେ କିଛିଦିନ ଧରି ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଦର ପରିଲକ୍ଷିତ ହୋଇଛି । ଚଢ଼ା ଦରକୁ ନେଇ ପଲ୍ଲୀ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ପନିପରିବାର ଅହେତୁକ ମୂଲ୍ୟ ବୃଦ୍ଧି ଖାଉଟିଙ୍କୁ କଲବଲ କରିଲାଣି । ଗୋଟେ ପଟେ ଖରାର ତାତି ବଢିବା ସହ ଗୁଳୁଗୁଳି ଅନୁଭୂତ ହେଉଥିବା ବେଳେ ଅନ୍ୟ ପଟେ ପନିପରିବାର ବଢ଼ିଥିବା ଦର ଥମିବାର ନା ନେଉନାହିଁ । ଗରିବ, ମତ୍ସ୍ୟଜୀବୀ, ଦିନ ମଜୁରିଆ, ଚାଷୀ ମୁଲିଆ ନିମ୍ନସ୍ତର ବ୍ୟକ୍ତିମାନଙ୍କୁ ବ୍ୟାଗ ଧରି ପରିବା ବଜାରକୁ ଯିବା ପାଇଁ ଭୟ ଲାଗିଲାଣି । ଚାଷୀ ଚାହିଁ ବସିଛି ମୌସୁମୀ ଆସିଲେ ତା କ୍ଷେତରେ ଚାଷ କରିବ । କିନ୍ତୁ ନିଅଣ୍ଟିଆ ବର୍ଷା ପାରିପାର୍ଶ୍ୱିକ ଅଞ୍ଚଳକୁ କଲବଲ କରିବା ସହ ଚାଷୀ ପୁଅର ଅଣ୍ଟା ନଇଁଗଲାଣି । ରମ୍ଭା ବଜାରରେ ପିଆଜ, ଆଳୁ କିଲୋ ୪୦ ଟଙ୍କା ରହିଥିବା ବେଳେ ଫୁଲକୋବି କିଲୋ ୮୦ ଟଙ୍କା, ଅଲଡି ୬୦ ଟଙ୍କା, ପୋଟଳ ୪୦ ଟଙ୍କା, ଅଦା ଓ ରସୁଣ ୨୦୦ ଟଙ୍କାରୁ ପାର ହୋଇଛି, ଟମାଟୋ କିଲୋ ଶତକ ମାରିଛି, ବାଇଗଣ କିଲୋ ୫୦ ଟଙ୍କା, ଭେଣ୍ଡି କିଲୋ ୪୦ ଟଙ୍କା ସହିତ ଅମଳ କମ୍ ବେଳକୁ ଚାହିଦା ଅଧିକା ରହିଥିବା କାରଣରୁ ଦର ବଢିବା ସ୍ୱାଭାବିକ ବୋଲି ମହାଜନୀ ଜଣାଇଛନ୍ତି । କୁହାଯାଉଛି ଲୋକାଲ ପରିବା ବଜାରକୁ ଆସିଲେ ଦର କମିବ କିନ୍ତୁ ଏଯାବତ୍ ରାଜ୍ୟକୁ ନାସିକ୍ ଏବଂ ବାଙ୍ଗାଲୋରରୁ ଆସୁଥିବା ଟମାଟୋ କୌଣସି ପ୍ରକାର କମ୍ପ୍ରମାଇଜ ହୋଇପାରୁନାହିଁ ବୋଲି ଯୋଗାଣ ପରିବା ବେପାରୀମାନେ ଜଣାଇଛନ୍ତି । ଦର ନିୟନ୍ତ୍ରଣ ହେଲେ ସାଧାରଣ ଜନତା ଭଲ ପରିବା ଉଚିତ୍ ଦରରେ ପାଇବେ ବୋଲି ମହାଜନୀ ମାନଙ୍କ ଠାରୁ ଶୁଣିବାକୁ ମିଳୁଛି । କିନ୍ତୁ ବିନ୍ଧ ବଜାରରେ ସମ୍ପୂର୍ଣ୍ଣ ଗାଏବ ହୋଇଯାଇଛି । ଯଦି ଏପରି ହୁ ହୁ ହୋଇ ପନିପରିବା ଦର ବୃଦ୍ଧି ଘଟେ ହାଣ୍ଡିଶାଳ ଉପରେ ଚଡ଼କ ପଡ଼ିବ ।

# ନାରାୟଣପାଟଣାରେ ଡିପ୍‌ଥେରିଆ:୪ ଶିଶୁଙ୍କ ମୃତ୍ୟୁ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲା ନାରାୟଣପାଟଣାରେ ସପ୍ତାହକ ମଧ୍ୟରେ ୪ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଶିଶୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତି ହୋଇଛନ୍ତି । ଏମାନେ ଡିପ୍‌ଥେରିଆରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି । କୋରାପୁଟ ଏବଂ ଲକ୍ଷ୍ମୀପୁରରେ ଏକାଧିକ ଶିଶୁଙ୍କ ଚିକିତ୍ସା ଜାରି ରହିଛି । ପୂର୍ବରୁ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରୁ ଡିପ୍‌ଥେରିଆ ଆକ୍ରାନ୍ତ ଜଣେ ୧୦ ବର୍ଷୀୟ ବାଳକର ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍‌ରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ବର୍ତମାନ ଏବେ ନାରାୟଣପାଟଣାର ଗୋଡିଗୁଡାରେ କେତେକ ଶିଶୁ ଡିପ୍‌ଥେରିଆରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରାଯାଉଛି । ଲକ୍ଷ୍ମୀପୁର ଅଞ୍ଚଳର ଦୁଇ ଜଣ ଶିଶୁଙ୍କର ଚିକିତ୍ସା ଚାଲିଛି । କୋରାପୁଟ ମେଡିକାଲରେ ମଧ୍ୟ ୪ ଜଣ ଶିଶୁଙ୍କର ଚିକିତ୍ସା ଚାଲିଛି । ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଜଣେ ଶିଶୁର ଚିକିତ୍ସା ଚାଲିଛି । ନାରାୟଣପାଟଣାର ଗୋଡିଗୁଡା ଗ୍ରାମରେ ପ୍ରାୟ ୩ ଜଣ ଶିଶୁଙ୍କ ମୃତ୍ୟୁ ଘଟିଛି । ନାରାୟଣପାଟଣା ବାଡାଝଲା ଗ୍ରାମର ଜଣେ ଶିଶୁର ମୃତ୍ୟୁ ଘଟିଛି । ଏହାକୁ ମିଶାଇ ନାରାୟଣପାଟଣା ବ୍ଲକ ଅଞ୍ଚଳରେ ୪ ଜଣଙ୍କ ଜୀବନ ନେଲାଣି ଏହି ଅଜଣା ଜ୍ୱର ।

# ସାଳନ୍ଦୀରେ ବୁଡ଼ି ଛାତ୍ରୀଙ୍କ ମୃତ୍ୟୁ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଆଗରପଡା ଥାନା ବି.ଟିପୁର ପଞ୍ଚାୟତ ରାଉତରାୟପୁର ଗ୍ରାମର ଜଣେ ନାବାଳିକା ଛାତ୍ରୀ ଗାଧୋଇବାକୁ ଯାଇଥିବା ବେଳେ ବୁଡିଯାଇ ମୃତ୍ୟୁବରଣ କରିଛି। ଗ୍ରାମର କଳାକାର ଦାସଙ୍କ ଝିଅ ପ୍ରଜ୍ଞା ପରମିତା ଦାସ ଭଉଣୀ ଝିଅ ସହ ମିଶି ସାଳନ୍ଦୀ ନଦୀର କୁମ୍ଭାର ସାହି ଘାଟକୁ ମଧ୍ୟାହ୍ନରେ ଗାଧୋଇବାକୁ ଯାଇଥିଲେ। ପାଖରେ ଥିବା ଗଣ୍ଡରେ ବୁଡି ଯାଇଥିବା ବେଳେ ସାଙ୍ଗରେ ଯାଇଥିବା ଭଉଣୀ ଝିଅ ଘରେ ଆସି ଜଣାଇଥିଲେ। ପରିବାର ଲୋକେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ପ୍ରଜ୍ଞାକୁ ଉଦ୍ଧାର କରି ଆଗରପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁରେ ସଂପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତକ ପ୍ରଜ୍ଞା ପରମିତା ନିକଟସ୍ଥ ତ୍ରିସାଳିଆ ସ୍କୁଲରେ ୫ମ ଶ୍ରେଣୀରେ ପାଠ ପଢନ୍ତି। ଖବରପାଇ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଗ୍ରାମବାସୀ ମୃତକ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପ୍ରକାଶ ଯେ ଏକ ବର୍ଷ ପୂର୍ବେ ବାଲି ମାଫିଆମାନେ ବେଆଇନ୍ ଭାବେ ବାଲି ମାଟି ଖୋଳି ନେଇ ନଦୀକୁ ଦଶ, ବାର ଫୁଟ୍ ଗଭୀର କରିଦେବା ଫଳରେ ଏହି ଦୁର୍ଘଟଣା ଘଟିଥିବା ପଡୋଶୀ ଅଭିଯୋଗ କରିଛନ୍ତି।

# ଭୁବନେଶ୍ୱରରେ ଡ୍ରେନ୍ କାମ ସାରିବାକୁ ମେୟରଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଏମ୍‌ସି ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ସୋମବାର ଡ୍ରେନ୍ ପଙ୍କୋଦ୍ଧାର କାର୍ଯ୍ୟ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ, ସିଟି ଇଞ୍ଜିନିୟର, ବରିଷ୍ଠ ଅଧିକାରୀ, ଇଞ୍ଜିନିୟରିଂ ବିଭାଗର ସମସ୍ତ ଯନ୍ତ୍ରୀ ଓ ବିଭିନ୍ନ ଏଜେନ୍ସି ଉପସ୍ଥିତ ଥିଲେ । ଯଥାଶୀଘ୍ର ସମସ୍ତ ଡ୍ରେନ୍ କାମ ସାରିବାକୁ ମେୟର ନିର୍ଦ୍ଦେଶ ଦେଇଛନ୍ତି।

# ହରିଣକୁ ଧରି ବନ ବିଭାଗକୁ ହସ୍ତାନ୍ତର କଲେ ଗ୍ରାମବାସୀ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ବ୍ଲକ ଓଡଙ୍ଗ ଗାଁ ଦେଇ ବହିଯାଇଥିବା ସରୁ ସାଗର ନଦୀ କୂଳରେ ଏକ ହରିଣକୁ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସକାଳେ ଶୌଚ ପାଇଁ ଯାଇଥିବା ମଙ୍ଗୁଲି ଗାଁର ଦିଲ୍ଲୀପ ସାହୁ, ଜଗବନ୍ଧୁ କର, ଚନ୍ଦନ ପତି ହରିଣକୁ ଦେଖି ଡାକ ପକାଇବାରୁ ପାରାବନ୍ଧ ହୋଇ ଓଡଙ୍ଗର ଏକ ପକ୍କା ଘରେ ହରିଣଟି ଭୟଭୀତ ହୋଇ ପସିଯାଇଥିଲା। ଗ୍ରାମବାସୀ ହରିଣଟିକୁ ଧରି ଆଣି କମ୍ୟୁନିଟିରେ ରଖି ଆଗରପଡା ବନ ବିଭାଗକୁ ଖବର ଦେଇଥିଲେ। ଭଦ୍ରକ ବନାଞ୍ଚଳ ଅଧିକାରୀ ପିତାମ୍ବର ନାୟକ, ଆଗରପଡା ବନପାଳ ବସନ୍ତ ମାଝୀ ଘଟଣା ସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରିବା ସହ ହଦଗଡ ଜଙ୍ଗଲ ସନ୍ନିକଟ କାଠକଟା ପିତାନାଉରେ ଛାଡିଥିଲେ। ପ୍ରକାଶ ଯେ ହଦଗଡ ଜଙ୍ଗଲର ପାଦ ଦେଶର ଥିବା ପାହାଡ ଅଞ୍ଚଳରେ ବେଆଇନ୍ ଭାବେ ପଥର ମାଫିଆମାନେ ଚୋରାରେ ବ୍ଲାଷ୍ଟିଙ୍ଗ କରୁଥିବାରୁ ଭୟଭୀତ ହୋଇ ଅନେକ ସମୟରେ ବନ୍ୟ ଜନ୍ତୁମାନେ ଜନବସତି ଅଞ୍ଚଳକୁ ପଳାଇ ଆସୁଛନ୍ତି। କିଛିଦିନ ପୂର୍ବେ କାନପୁର ଠାରେ ବିଦ୍ୟୁତ୍ କରେ ଦେଇ ଗୋଟିଏ ଦନ୍ତା ହାତୀକୁ ମାରି ଦେବା ଅଭିଯୋଗରେ ଗ୍ରାମର ସଂଗ୍ରାମ ବେହେରା ନାମକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି।

# ପୁଞ୍ଚ-ରାଜୌରୀ ସେକ୍ଟରରେ ପ୍ରାୟ ୪୦ ବିଦେଶୀ ଆତଙ୍କବାଦୀଙ୍କ ଉପସ୍ଥିତି: ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରରେ ଏନଡିଏ ସରକାର ଗଠନ ହେବା ଦିନ ଠାରୁ ୭୨ ଘଣ୍ଟା ମଧ୍ୟରେ ଜମ୍ମୁ-କାଶ୍ମୀରରେ ଲଗାତାର ତିନି ଥର ଆତଙ୍କବାଦୀ ଆକ୍ରମଣ ପରେ ଗୁଇନ୍ଦା ଏଜେନ୍ସି ଗୁଡିକ ସତର୍କ ହୋଇଛି । ଗତ ୧୫ ଦିନ ମଧ୍ୟରେ ସୁରକ୍ଷା ବଳ ସହିତ ସଂଘର୍ଷ ବେଳେ ୪ ଆତଙ୍କବାଦୀ ନିହତ ହୋଇଛନ୍ତି । ବୃଦ୍ଧି ପାଉଥିବା ଆତଙ୍କବାଦୀ ଆକ୍ରମଣ ମଧ୍ୟରେ ଏକ ଗୁଇନ୍ଦା ରିପୋର୍ଟ ଚମକାଇ ଦେବା ଭଳି ଆସିଛି । ତାହା ହେଲା, ପୁଞ୍ଚ-ରାଜୌରୀ ସେକ୍ଟରରେ ପ୍ରାୟ ୪୦ ବିଦେଶୀ ଆତଙ୍କବାଦୀଙ୍କ ଉପସ୍ଥିତି ରହିଛି । ଏହି ଖବର ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୁରକ୍ଷା ଏଜେନ୍ସୀ ମାନଙ୍କ କହିବା କଥା, ପାକିସ୍ତାନ ଆତଙ୍କୀ ପୁଣିଥରେ ସୀମା ଲଙ୍ଘିବା ଯୋଜନାରେ ରହିଛନ୍ତି । ତେବେ ଅମରନାଥ ଯାତ୍ରା ଆରମ୍ଭ ହେବା ପୂର୍ବରୁ ସୁରକ୍ଷା ବଳ ସକ୍ରିୟ ହୋଇଉଠିଛି ।

# ରାୟଗଡା ହତ୍ୟା ମାମଲାରେ ଦୋଷୀକୁ ଆଜୀବନ ସଶ୍ରମ କାରାଦଣ୍ଡ ଓ ୧୫ ହଜାର ଟଙ୍କା ଜରିମାନା

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ସୋମବାର ଏକ ହତ୍ୟା ମାମଲାର ବିଚାରଣା କରି ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ଷଡ଼ଙ୍ଗୀ ଦୋଷୀକୁ ଆଜୀବନ ସଶ୍ରମ କାରାଦଣ୍ଡାଦେଶ ଓ ୧୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି । ଏହି ମାମଲାର ସରକାରୀ ଅଭିଯୋଜକ ଅଜିତ ପଟ୍ଟନାୟକ ମାମଲା ପରିଚାଳନା କରିଥିବା ବେଳେ ଆଇନଜୀବୀ ସିଏଚ. ଶ୍ରୀନିବାସ ରାଓ ଅଭିଯୁକ୍ତଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିଲେ। ଘଟଣାରୁ ପ୍ରକାଶ ଯେ, ୨୦୨୨ ସେପ୍ଟେମ୍ବର ୫ ତାରିଖରେ ରାୟଗଡା ସହରର ରୟତ କଲୋନୀ ନିକଟସ୍ଥ କୋଇଲାପଡା ବାସିନ୍ଦା ରାଜେଶ କୁଲେସିକା (୩୩) ପଡୋଶୀ ଚନ୍ଦ୍ରମା ବିଭୋର (୫୦)ଙ୍କୁ ଗୁଣିଗାରେଡି ସନ୍ଦେହରେ ଟାଙ୍ଗିଆରେ ମୁଣ୍ଡ ଓ ବେକରେ ଚୋଟ ମାରିଥିଲେ । ଫଳରେ ଚନ୍ଦ୍ରମାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ଏନେଇ ଚନ୍ଦ୍ରମାଙ୍କ ପୁଅ ଅବିନାଶ ବିଭୋର ଥାନାରେ ଏତଲା ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ତତ୍କାଳୀନ ଏସ୍‌ପି ବିବେକାନନ୍ଦ ଶର୍ମା ନିଜେ ଏହି ମାମଲାର ତଦନ୍ତ କରିଥିଲେ । ଏତଲାକାରୀଙ୍କ ଅଭିଯୋଗ ଅନୁସାରେ, ଅଭିଯୁକ୍ତ ରାଜେଶ ଓ ଚନ୍ଦ୍ରମା ଉଭୟ ପଡୋଶୀ ଅଟନ୍ତି । ତେବେ ରାଜେଶ ସବୁବେଳେ ଗୁଣିଗାରେଡି ସନ୍ଦେହରେ ଚନ୍ଦ୍ରମାଙ୍କ ସହ ଝଗଡା ଲାଗୁଥିଲେ । ଦିନେ ରାଜେଶଙ୍କ ପତ୍ନୀ ତାଙ୍କୁ ଛାଡି ଚାଲିଯାଇଥିଲେ । ଏହା ପଛରେ ଚନ୍ଦ୍ରମା ଗୁଣିଗାରେଡି କରିଥିବା ନେଇ ରାଜେଶ ଚନ୍ଦ୍ରମାଙ୍କୁ ଟାଙ୍ଗିଆରେ ହାଣି ଦେଇଥିଲେ । ଉକ୍ତ ସମୟରେ ଚନ୍ଦ୍ରମାଙ୍କ ପୁଅ ଅବିନାଶ ସେଠାରେ ନିଜର ମୋବାଇଲ ନେବା ପାଇଁ ପହଞ୍ଚିବା ବେଳେ ରାଜେଶ ତାଙ୍କ ମା’ ଚନ୍ଦ୍ରମାଙ୍କୁ ଟାଙ୍ଗିଆରେ ହାଣିବା ଦୃଶ୍ୟ ଦେଖିବାକୁ ପାଇ ସହାୟତା ପାଇଁ ଚିତ୍କାର କରିଥିଲେ । ତେବେ ଚିତ୍କାର ଶୁଣି ରାଜେଶ ସେଠାରୁ ଫେରାର ହୋଇଯାଇଥିଲେ । ଅବିନାଶଙ୍କ ଡାକକୁ ଭିତ୍ତି କରି ପୋଲିସ ତଦନ୍ତ କରି ସେପ୍ଟେମ୍ବର ୬ ତାରିଖରେ ଅଭିଯୁକ୍ତ ରାଜେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ଏହି ମାମଲାରେ ଅଦାଲତରେ ୧୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଆଇପିସି ଧାରା ୩୦୨ ଅଧୀନରେ ଅଭିଯୁକ୍ତକୁ ଆଜୀବନ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ୧ ବର୍ଷ ଜେଲ୍, ଧାରା ୪୫୦ ଅଧୀନରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ହେଲେ ଅତିରିକ୍ତ ୩ ମାସ ଜେଲ୍ ଓ ଧାରା ୪(କ) ପ୍ରିଭେନ୍ସନ ଆଣ୍ଡ ୱିଚ ହଁଟିଙ୍ଗ ଆକ୍ଟ ୨୦୧୩ ଅନୁସାରେ ୧ ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି । ଜର୍ଜ ସତ୍ୟନାରାୟଣ ଷଡ଼ଙ୍ଗୀ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୬।୬।୨୦୨୪, ଆଷାଢ ଦି୧୨ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୦୫।୧୦।୦୭** **ଚନ୍ଦ୍ରୋଦୟ- ରାଘ ୧୦।୨୦।୧୩**

**ପଞ୍ଚମୀ**- ରାଘ ୮।୫୫ ପର୍ଯ୍ୟନ୍ତ। **ଧନିଷ୍ଠା ନକ୍ଷତ୍ର-** ଦିଘ ୧।୦୫ ପର୍ଯ୍ୟନ୍ତ। **କୁମ୍ଭ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବେଲ ରାଘ ୮।୫୫ ପରେ ନିମ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୭।୫୩ ଗତେ ଘ ୮।୩୨ ମଧ୍ୟେ । ଦିଘ ୨।୦୨ ଗତେ ଘ ୫।୩୨ ମଧ୍ୟେ। **ପର୍ବୋତ୍ସବ-** ଅଣସର ପଞ୍ଚମୀ, ଶ୍ରୀମନ୍ଦିରେ ଫୁଲୁରୀ ଲାଗି ।

**ମେଷ:** କର୍ମକ୍ଷେତ୍ରରେ ସଫଳତା ହାସଲ ହେବ । ମାନସିକ ଶାନ୍ତି ଲାଭ କରିବେ । ମହିଳାମାନେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ । ଧନ ଲାଭ ଯୋଗ ରହିଛି । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ ।

**ବୃଷ:** ଶରୀର ସୁସ୍ଥ ରହିବ । ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ପ୍ରତୀକ୍ଷିତ ଖବରଟି ଆପଣଙ୍କୁ ମିଳିପାରେ ।

**ମିଥୁନ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନ ରହିବେ । ବେପାର ବାଣିଜ୍ୟରେ କ୍ଷତି ସହିବାକୁ ପଡ଼ିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଦେଖାଦେବ ।

**କର୍କଟ:** ଦେବ ଦର୍ଶନ ସହିତ ଧର୍ମ କାର୍ଯ୍ୟ କରିପାରନ୍ତି । ଅଟକି ରହିଥିବା କାମଟି ପୁଣିଥରେ ଆରମ୍ଭ ହୋଇପାରେ । ରୋଜଗାର ଭଲ ହେବ । ଘରେ ସୁଖ ଶାନ୍ତି ଅବ୍ୟାହତ ରହିବ । ମନ ଭଲ ରହିବ ।

**ସିଂହ:** ଧନ ଲାଭ ହେବ । ଅନେକ ଯଶର ଅଧିକାରୀ ହେବେ । ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାରି ଆପଣଙ୍କ ସାପେକ୍ଷ ଜନିତ ହେବ । ପାରିବାରିକ ଜୀବନରେ ସୁଖ ଶାନ୍ତି ବିରାଜମାନ କରିବ ।

**କନ୍ୟା:** ସତ୍ କର୍ମରେ ଲିପ୍ତ ରହିବେ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ବ୍ୟବସାୟରେ ଲାଭବାନ୍ ହେବେ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।

**ତୁଳା:** ପ୍ରତ୍ୟୁଷର ଯାତ୍ରାରେ ସଫଳତା ହାସଲ କରିବେ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଘରେ ଆନନ୍ଦ ଦେଖାଦେବ ।

**ବିଛା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ । ଆୟର ପରିମାଣ ବଢ଼ିବ । ପରୋପକାରୀ ହେବେ । ପାରିବାରିକ ଜୀବନ ସୁଖମୟ ହେବ । ଦେହ ଭଲ ରହିବ ।

**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଶରୀର ସୁସ୍ଥ ରହିବ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଖୁସିର ବାତାବରଣ ରହିବ ।

**ମକର:** ଚଞ୍ଚଳମନା ହେବେ । ଶୁଭ କାର୍ଯ୍ୟରେ ଯୋଗଦେବେ । ପୁରାତନ ବନ୍ଧୁଙ୍କ ସହ ସାକ୍ଷାତ ସହିତ ଆମୋଦ ପ୍ରମୋଦରେ ଦିନଟି ବିତିବ । ଆୟ ସ୍ଥିର ରହିବ । ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।

**କୁମ୍ଭ:** ଶରୀର ସୁସ୍ଥ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଆୟର ପରିମାଣ ବଢ଼ିବ । ଗୃହେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ ।

**ମୀନ:** ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ବ୍ୟବସାୟ କ୍ଷତିରେ ଚାଲିବ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଘରେ ଅଶାନ୍ତି ଓ କଳହ ଦେଖାଦେବ । ମନ ଅସ୍ଥିର ରହିବ।

# କଂଗ୍ରେସ ଗଠନ କଲା ଆଡମିନିଷ୍ଟ୍ରେଟିଭ୍ କମିଟି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ, କଂଗ୍ରେସ ଭବନର ଦୈନନ୍ଦିନ କାର୍ଯ୍ୟକ୍ରମ ଦାୟିତ୍ୱ ନେବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ଏକ ଆଡମିନିଷ୍ଟ୍ରେଟିଭ୍ କମିଟି ଗଠନ କରିଛନ୍ତି । ଏହି କମିଟିରେ ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ, ଉପସଭାପତି କିଶୋର ଜେନା ଓ ଉପସଭାପତି ସନତ ଦାସ ରହିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୭।୬।୨୦୨୪, ଆଷାଢ ଦି୧୩ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୫।୧୦।୨୨** **ଚନ୍ଦ୍ରୋଦୟ- ରାଘ ୧୦।୫୯।୦୨**

**ଷଷ୍ଠୀ**- ସଂଘ ୬।୪୦ ପର୍ଯ୍ୟନ୍ତ। **ଶତଭିଷା ନକ୍ଷତ୍ର-** ଦିଘ ୧୧।୩୭ ପର୍ଯ୍ୟନ୍ତ । **କୁମ୍ଭ ଚନ୍ଦ୍ର-** ନିଘ ୪।୩୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ ଓ କୁମ୍ଭ ରାଶିର । ନିଘ ୪।୩୧ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର। ନିଘ ୪।୩୧ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ ସଂଘ ୬।୪୦ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୪ ଗତେ ଘ ୬।୦୭ ମଧ୍ୟେ । ଦିଘ ୯।୩୮ ଗତେ ଘ ୧୧।୨୩ ମଧ୍ୟେ। **ପର୍ବୋତ୍ସବ-** ଶରଣ ପଞ୍ଚକ ଶେଷ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

## ୪୬ ପ୍ରତିଶତ ସୁନା କିଣିଛି ରିଜର୍ଭ ବ୍ୟାଙ୍କ

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି। ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି। ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି। ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି। ସେଥିପାଇଁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି। ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି। ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି। ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି। ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ। ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ କିଣିଛି। କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ। ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି। ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା। ୨୦୨୪ ଫେବୃଆରୀ ସୁଦ୍ଧା ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି। ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ


ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ମା।**

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି '' ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି ''ମା'' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

## ଅଭିବୃଦ୍ଧିର ସଂକେତ ବେକାର ସମସ୍ୟା

**ଆପଣଙ୍କ ମତାମତ**

ମହାଶୟ, ବ୍ୟକ୍ତିର ରୋଜଗାର ତଥା ଆୟ ବୃଦ୍ଧି ହେଲେ ପରିବାର, ସମାଜ ତଥା ରାଷ୍ଟ୍ରର ଅଭିବୃଦ୍ଧି ହୋଇଥାଏ। ବେକାରୀଙ୍କ ସଂଖ୍ୟା ହ୍ରାସ ନ ହୋଇ ଦେଶ ଅଭିବୃଦ୍ଧି କରୁଛି ବୋଲି କୁହାଯିବା ଦୁର୍ଭାଗ୍ୟଜନକ। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇ.ଏଲ.ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ପ୍ରକାଶିତ ତଥ୍ୟ ଦେଶର ଅଭିବୃଦ୍ଧିର ନଗ୍ନ ନମୁନା ସାଜିଛି। ଏହି ରିପୋର୍ଟରେ ଦର୍ଶାଯାଇଛି ଯେ, ଦେଶର ପାଖାପାଖି ୨୬ ପ୍ରତିଶତ ଯୁବବର୍ଗ ରହିଛନ୍ତି। କିନ୍ତୁ ଏହାର ବଡ ଅଂଶ ଅର୍ଥାତ ୮୩ ପ୍ରତିଶତ ଯୁବବର୍ଗ ବେକାର। ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ଦୁଇଗୁଣା ବୃଦ୍ଧି ପାଇଛି। ୨୦୦୦ ମସିହାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ୩୫.୬ ପ୍ରତିଶତ ଥିବା ବେଳେ ୨୦୨୨ ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ଏହି ସର୍ଭେରେ କେବଳ ମାଟ୍ରିକ ପାସ କରିଥିବା ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ କରାଯାଇ ଥିଲା। ଭାରତ ତାର ବୃହତ ଯୁବ ଶ୍ରମ ସମ୍ବଳର ସଦୁପଯୋଗ କରି ପାରୁ ନାହିଁ। ଦେଶରେ ସ୍ଥିର ଏବଂ ସଶକ୍ତ ମୋଦି ସରକାର ଏଭଳି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ କରନ୍ତୁ। ଏଭଳି ସମସ୍ୟାର ନିରାକରଣ ପାଇଁ ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣ କଲେ ଦେଶ ବିକଶିତ ହେବ। ଏଥିନେଇ 'ସମ୍ବାଦକଳିକା' ୨୨ ଜୁନ ୨୦୨୪ ସଂପାଦକୀୟରେ ପ୍ରକାଶିତ ଶୀର୍ଷକ 'ଦେଶର ୮୩ % ଯୁବବର୍ଗ ବେକାର' ଉଚ୍ଚକୋଟୀର ସଂପାଦକୀୟ।

**ସତୀଶ ବିଶ୍ୱାଳ**
ଭୁବନପୁର, ଗଡମଧୁପୁର, ଜେନାପୁର, ଯାଜପୁର,
ମୋ–୯୪୩୭୦୧୯୧୧୭

# ଜନମାନସରେ ଶ୍ରୀଗୀତଗୋବିନ୍ଦର ପ୍ରାଧାନ୍ୟ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ମାଲୁଆମାନେ ଗାଁ ଦାଣ୍ଡରେ କୋକେଇ ବାନ୍ଧି ସାରିଥିଲେ। ମୃତକର ବ୍ୟବହୃତ ସମସ୍ତ ଜିନିଷ ଗଣ୍ଠିଲି ବନ୍ଧା ହୋଇ କୋକେଇ ପାଖରେ ଆଣି ରଖାସରିଥିଲା। ସତ୍କାର ନିମନ୍ତେ କାଠ, ବାଉଁଶ, ଛଣ ଓ କୁଟା ଆଦି ମଶାଣିକୁ କେତେକ ବୋହିନେଉଥିବାବେଳେ ମାଲୁଆମାନେ ଅପେକ୍ଷାରେ ଥିଲେ ମୃତକର ଶବଟିକୁ କୋକେଇରେ ଶୁଆଇ ବୋହିନେବା ପାଇଁ। ପରିବାର ତଥା ପ୍ରିୟ ଲୋକମାନଙ୍କ କାନ୍ଦବୋବାଳିରେ ଘର ଉଚ୍ଛୁଳି ପଡୁଥିଲା। କେବଳ ଅପେକ୍ଷା ଥିଲା ଶ୍ରୀଜଗନ୍ନାଥଙ୍କ ମନ୍ଦିର ପୂଜାରୀ ଆସି ଜଳ ତୁଳସୀ ପାଣି ଶବ ମୁହଁରେ ଛିଞ୍ଚିବା ସହ ପ୍ରଭୁଙ୍କ ଛଡ଼ା ଫୁଲ ମାଳଟିଏ ତାହା ଉପରେ ଥୋଇଦେବା। ବାସ୍ ତା' ପରେ କୋକେଇ ଉଠି ଆରମ୍ଭ ହେବ ରାମ ନାମ ସତ୍ୟ ହେ। ପୂଜାରୀ ବ୍ରାହ୍ମଣ ବି ପ୍ରଭୁଙ୍କ ପାଖରେ ଦୁଇ ହାତ ଯୋଡ଼ି ପ୍ରଥମେ ଶ୍ରୀଗୀତଗୋବିନ୍ଦରୁ "ଶ୍ରିତକମଳା କୁଚମଣ୍ଡଳ" ପ୍ରାର୍ଥନାଟି ବୋଲିବା ପରେ ପାଦୋଦକ ସହ ଛଡ଼ାଫୁଲ ଧରି ମନ୍ଦିରରୁ ବାହାରିଲେ। ତାଙ୍କ ଆଗରେ ଯାଉଥିବା ସଂକୀର୍ତ୍ତନ ଦଳ ବୋଲୁଥିଲେ ମହାମନ୍ତ୍ର "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ..." ଇତ୍ୟାଦି। ମନ୍ଦିରରୁ ପୂଜାରୀ ବ୍ରାହ୍ମଣ ଯାଉଥିବାବେଳେ ହରିବୋଲ ହୁଳହୁଳି ନାଦରେ ଗାଁ ଦାଣ୍ଡ ଉଚ୍ଛୁଳି ପଡୁଥିଲା। ଦେଖୁଥିବା ଲୋକେ ମୁଣ୍ଡପାତି ପ୍ରଣାମ ଜଣାଉଥିଲେ। ମୃତକର ଦ୍ୱାରରେ ପହଞ୍ଚି ପୂଜାରୀ ବ୍ରାହ୍ମଣ ଗୃହ ଭିତରକୁ ପ୍ରବେଶ କରି ଶବ ମୁଖରେ ଜଳତୁଳସୀ ପାଣିକୁ ଛିଞ୍ଚିଦେବା ସହ ପ୍ରଭୁଙ୍କର ଛଡ଼ା ଫୁଲମାଳକୁ ମୁଣ୍ଡ ଉପରେ ରଖିଦେବାକୁ ପରିବାରର ଜଣଙ୍କୁ ନିର୍ଦ୍ଦେଶ ଦେଲେ। ପୂଜାରୀଙ୍କ କାର୍ଯ୍ୟ ଶେଷ ହେବା ପରେ ଶବ ଉଠାଇବାକୁ ମାଲୁଆଭାଇମାନେ ପହଞ୍ଚିଗଲେ। ପାଖରେ ଠିଆହୋଇଥିବା ଲୋକେ ହଠାତ୍ ଶବକୁ ଦେଖି ଚମକି ଉଠିଲେ। ସେତେବେଳେ ବୃଦ୍ଧ ଆଖି ଖୋଲି ପ୍ରତ୍ୟେକଙ୍କୁ ଚାହୁଁଥିଲେ। ସେ କ'ଣ କହିବାକୁ ଚେଷ୍ଟା କରୁଥିଲେ ବି ତାଙ୍କ ଓଠ ଥରି ଉଠୁଥିଲା। କେବଳ ଦୁଇ ହାତର ଭାରରେ ଉପରକୁ ଉଠିବାକୁ ସେ ଉଦ୍ୟମ କରୁଥିଲେ। ଏଥିରେ ଚମତ୍କୃତ ହୋଇଉଠିଲେ ସମସ୍ତ ଦେଖଣାହାରି। ବିଜୁଳି ବେଗରେ ଗାଁ ସାରା ଚହଳ ପଡ଼ିଗଲା। ଖବର ଶୁଣି ଗାଁ ଯାକର ଲୋକେ ସେଠାରେ ରୁଣ୍ଡ ହୋଇଗଲେ। ଜୟ ଜଗନ୍ନାଥ ଧ୍ୱନିରେ ସ୍ଥାନଟି ପୂରି ଉଠିଲା। କିଛି ସମୟ ପୂର୍ବରୁ ଶ୍ମଶାନକୁ ନେଇ ଯିବାପାଇଁ ପ୍ରସ୍ତୁତ ହେଉଥିବା ଶବଟି ଏବେ ପୁଣି ଜୀଇଁ ଉଠିଲା। ଗ୍ରାମବାସୀମାନେ ଘର ଭିତରେ ପ୍ରବେଶ କରି ଏହି ଚମତ୍କାର ଦୃଶ୍ୟକୁ ଦେଖୁଥିଲେ। ପୂଜକ ମହୋଦୟଙ୍କ ପାଦ ଦୁଇଟିକୁ ଧରି କେତେକ କାନ୍ଦୁଥିବାର ଦେଖାଗଲା। କେହି ଜଣେ ନୟାଗଡ଼ରେ ଥିବା ଡାକ୍ତରଙ୍କୁ ଟେଲିଫୋନ ମାଧ୍ୟମରେ ଘଟଣାଟି ଜଣାଇଦେଲେ। ଡାକ୍ତର ବାବୁ ବି ନିଜ ଦଳବଳ ସହିତ ତୁରନ୍ତ ଆସି ସେଠାରେ ପହଞ୍ଚିଗଲେ। ଏବେ ଦୁଇଘଣ୍ଟା ତଳେ ମୃତ ଘୋଷିତ ହୋଇଥିବା ବ୍ୟକ୍ତିଟି କିଭଳି ଜୀବିତ ହୋଇଉଠିଲା ତାହା ବି ତାଙ୍କୁ ଆଶ୍ଚର୍ଯ୍ୟ କରିଦେଲା। ତାଙ୍କ ଡାକ୍ତରୀ ଜୀବନରେ ଏପରି ହେବା କେବେ ବି ସେ ଦେଖିନଥିଲେ। ନିଜେ ନିଜକୁ ପଚାରୁଥିଲେ ଏପରି କିପରି ହେଲା ? ତେବେ ତାଙ୍କର ଡାକ୍ତରୀ ବିଦ୍ୟା କ'ଣ ମିଛ ? ସେତେବେଳକୁ ବୃଦ୍ଧ ଶୋଇବାରୁ ଉଠି ଶେଯ ଉପରେ ବସିଯାଇଥିଲେ। ତୁରନ୍ତ ତାଙ୍କୁ ଡାକ୍ତର ବାବୁ ପରୀକ୍ଷା କରିନେଲେ। ସବୁତ ତ ଠିକ୍ ଅଛି ? ଜୀବିତ ଥିବାର ସବୁ ଲକ୍ଷଣ ତ ଶରୀରରେ ଦେଖାଯାଉଛି। ତାଙ୍କ ମନରେ ଦ୍ୱନ୍ଦ୍ୱ ଆସିଲା। ଏପରି ଅସମ୍ଭବ କିପରି ସମ୍ଭବ ହୋଇପାରିଲା ? ସମସ୍ତ କଥା ଉପସ୍ଥିତ ଲୋକମାନଙ୍କଠାରୁ ଶୁଣି ଡାକ୍ତରବାବୁ ପୂଜକଙ୍କ ସହ ସିଧା ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ଯାଇ ପ୍ରଭୁଙ୍କ ସାମ୍ନାରେ ସାଷ୍ଟାଙ୍ଗ ପ୍ରଣିପାତ କରି କିଛି ସମୟ ହାତଯୋଡ଼ି ଠିଆ ହୋଇ ରହିଲେ। ପୁଣି ଉଠି ପୂଜକ ଓ ଉପସ୍ଥିତ ଭକ୍ତମାନଙ୍କ ସହ ଗାଇଉଠିଲେ ଶ୍ରୀଗୀତଗୋବିନ୍ଦର ସେହି ଅନବଦ୍ୟ କୃତିରୁ "ଶ୍ରିତକମଳାକୁଚମଣ୍ଡଳ ଧୃତ କୁଣ୍ଡଳ କଳିତ ଲଳିତ ବନମାଳ, ଜୟ ଜୟ ଦେବହରେ" ଇତ୍ୟାଦି। ସେତିକିବେଳେ କଳାଶ୍ରୀମୁଖଙ୍କ ଶିରୋଭାଗରୁ ଫୁଲଟିଏ ତଳକୁ ଖସି ପଡ଼ିଲା। ସତେ ଅବା ଶ୍ରୀରଙ୍ଗାଧରରୁ ହସ ଉଚ୍ଛୁଳି ଉଠି ଡାକ୍ତରଙ୍କୁ ହେଜାଇ ଦେଉଥିଲା "ତୋର କ୍ଷମତା ପରିସରଠାରୁ ମୁଁ ବହୁ ଦୂରରେ।"

ଘଟଣାଟି ମିଥ୍ୟା ଉପରେ ଆଧାରିତ ନୁହେଁ। ନୟାଗଡ଼ ସହରଠାରୁ ଆଠ କିଲୋମିଟର ଦୂର ଦଶପଲ୍ଲା ଯିବାର ରାସ୍ତାକଡ଼ରେ ରହିଛି ଦୁରୁଦୁରା ନାମରେ ଏକ ବଡ଼ ଜନବସତି। ଲୋକମାନେ ଚାଷୀ ତଥା କ୍ଷୁଦ୍ର ବ୍ୟବସାୟୀ। ଗାଁରେ ରହିଛି କୀର୍ତ୍ତନ ଆଖଡ଼ା। ସନ୍ଧ୍ୟା ନଇଁ ଆସିଲେ ଆରମ୍ଭ ହୁଏ ପ୍ରଭୁଙ୍କର ନାମ ସଂକୀର୍ତ୍ତନ। ସେଠାରେ ପିଲାଠାରୁ ଯୁବକମାନଙ୍କୁ କୀର୍ତ୍ତନର ଖୋଳ କରତାଳ ବଜାଇବାର ଶିକ୍ଷା ଦିଆଯାଏ। ଆଖଡ଼ା ଦଳର ନିର୍ବାଚିତ ମୁଖ୍ୟ ବି ଅଛନ୍ତି। ଲୋକମାନଙ୍କର ଚଳିବା ବି ବେଶ୍ ସ୍ୱଚ୍ଛଳ। ଗ୍ରାମରେ ରହିଛି ଶ୍ରୀଜଗନ୍ନାଥଙ୍କ ମନ୍ଦିର। କେବେଠାରୁ ତାହାର ନିର୍ମାଣ ହୋଇଛି କହି ନହେଲେ ବି ସେଠାରେ ରହୁଥିବା ଜଣେ ସିଦ୍ଧ ସାଧକଙ୍କଦ୍ୱାରା ତାହା ନିର୍ମିତ ହୋଇଥିବାର ଜନଶ୍ରୁତି ଏବେ ବି ଲିଭିଯାଇନାହିଁ। ପ୍ରଥମେ କେବଳ ଶ୍ରୀଜଗନ୍ନାଥ ପୂଜା ପାଉଥିଲେ ଓ ପରବର୍ତ୍ତୀ କାଳରେ ବଳଭଦ୍ର ଓ ସୁଭଦ୍ରାଙ୍କର ବିଗ୍ରହମାନ ତାଙ୍କ ସହ ସାମିଲ ହୋଇଛନ୍ତି। ସେତେବେଳର ମୁଖ୍ୟଶାସନ ସଚିବ ଡ. ଅଜିତ କୁମାର ତ୍ରିପାଠୀ ମନ୍ଦିର ତଥା ପ୍ରଭୁଙ୍କର ସେବା ପୂଜା ନିମନ୍ତେ କିଛିଟା ବ୍ୟବସ୍ଥା କରିଥିଲେ ମାତ୍ର ତାହା ଫାଇଲରେ ହିଁ ରହିଗଲା। ପ୍ରତିବର୍ଷର ଅକ୍ଷୟ ତୃତୀୟା ଶ୍ରୀଜୟଦେବ ଜୟନ୍ତୀର ସଂକୀର୍ତ୍ତନ ଯାତ୍ରାରେ ଏହି ଗ୍ରାମର ପ୍ରାୟ ପଚାଶରୁ ଉର୍ଦ୍ଧ୍ୱ ବାଳକଠାରୁ ବୃଦ୍ଧଙ୍କ ପର୍ଯ୍ୟନ୍ତ ଭକ୍ତମାନେ ସାମିଲ ହୋଇଥାନ୍ତି। ଦୀର୍ଘ ୨୭ବର୍ଷ ହେଲା ସେମାନଙ୍କର ଏପରି ସମାବେଶ ହୋଇଆସୁଛି। ସଂକୀର୍ତ୍ତନ ଯାତ୍ରାର ପରିସୀମା ଥାଏ ଭୁବନେଶ୍ୱରସ୍ଥ ବିନ୍ଦୁସାଗର କୂଳର ଅନନ୍ତ ବାସୁଦେବଙ୍କ ମନ୍ଦିର ପ୍ରାଙ୍ଗଣରୁ ପୁରୀର ଶ୍ରୀମନ୍ଦିର ବେଢ଼ା ପର୍ଯ୍ୟନ୍ତ। ସେହି କ୍ରମରେ ମୋର ସେମାନଙ୍କ ସହିତ ପରିଚିତ। ସେମାନଙ୍କୁ ନିମନ୍ତ୍ରଣ ଦେବା ନିମନ୍ତେ ବର୍ଷରେ ଥରେ ହେଲେ ସେହି ଗ୍ରାମକୁ ମୋର ଯିବାର କଥା। ସାଥିରେ ରହିଥାନ୍ତି ବନ୍ଧୁ ଗୌରାଙ୍ଗ ମିଶ୍ର ବା ଅନ୍ୟ କେହି। ମୋର ଚିହ୍ନା ଲୋକ ସେଠାରେ ସୀମିତ ଥିବାବେଳେ ପ୍ରାୟଶଃ ଗ୍ରାମର ଲୋକମାନେ ମୋତେ ଚିହ୍ନିଥାନ୍ତି। ସେମାନଙ୍କର ସଂକୀର୍ତ୍ତନ ବାଦନ ଓ ନୃତ୍ୟକଳା ଅନନ୍ୟ। ମଧୁର ସ୍ୱରରେ ଶ୍ରୀଗୀତଗୋବିନ୍ଦ ଓ ମହାମନ୍ତ୍ରର ଗାନ ସହ ସେମାନଙ୍କର ନୃତ୍ୟ କଳା ପଥପ୍ରାନ୍ତର ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ହରିନାମ ସଂକୀର୍ତ୍ତନରେ ଏପରି ବିଭୋର ହୋଇଉଠନ୍ତି ଯେ ସେମାନଙ୍କର ଦୁଇ ଆଖିରୁ ଧାର ଧାର ଲୁହ ବହିଯାଉଥାଏ। ନଗ୍ନ ପାଦରେ ସେମାନେ କୀର୍ତ୍ତନ କରି ଚାଲିଥାନ୍ତି। ବୈଶାଖ ବା ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପ ସେମାନଙ୍କ ନିକଟରେ ହାର ମାନିଥାଏ। ଉତ୍ତପ୍ତ ପିଚୁ ବା ବାଲି ଉପରେ ନାମ ସଂକୀର୍ତ୍ତନ ସହ ନୃତ୍ୟ କରିଯିବାବେଳେ ତାହା ଦେଖଣାହାରିଙ୍କୁ ସ୍ତବ୍ଧ କରିଦିଏ। ସେମାନଙ୍କ ଯିବା ପଥକୁ ଶୀତଳ ରଖିବା ପାଇଁ ନିକଟସ୍ଥ ଜନପଦମାନଙ୍କରୁ ଲୋକେ ପାଣି ପକାଇ ଓଦା କରୁଥିଲେ ବି ସେଥିପ୍ରତି ସେମାନଙ୍କର ଭ୍ରୂକ୍ଷେପ ନଥାଏ। ପରିସ୍ରା କରିବାକୁ ଗଲେ ପିନ୍ଧା ଲୁଗାଟି ବଦଳାଯାଏ। ସେମାନଙ୍କର ବ୍ରତ ଥାଏ ଦିନରେ କେବଳ ଥରେ ମାତ୍ର ଖାଦ୍ୟ ଗ୍ରହଣ। ଅନ୍ୟ ବେଳେ ମିଳିଲା ବା ନହେଲା ସେଥିପାଇଁ ଦୁଃଖ ନଥାଏ। ରାତ୍ରିର ବିଶ୍ରାମ ନିମନ୍ତେ କୌଣସି ସୁବିଧା ନପାଇଲେ ଶୟନ କରିଥାନ୍ତି ବାଲି ବା ଘାସ ଉପରେ। ପାଞ୍ଚଦିନର ସଂକୀର୍ତ୍ତନ ଯାତ୍ରାରେ କେବଳ ନେଇଥାନ୍ତି ଯିବା ଆସିବାର ବସ୍ ଖର୍ଚ୍ଚ। ସେଥିପାଇଁ ନଥାଏ ଅସନ୍ତୋଷ। କହିଥାନ୍ତି ପ୍ରଭୁଙ୍କ କାର୍ଯ୍ୟର କିଛି ମୂଲ୍ୟ ଅଛି କି ? ପ୍ରଶ୍ନ କର୍ତ୍ତାର ମୁହଁ ଖୋଲେ ନାହିଁ। ଆପେ ଆପେ ହାତ ଯୋଡ଼ି ହୋଇଯାଏ ସେମାନଙ୍କ ପ୍ରତି। ବର୍ତ୍ତମାନ କାଳରେ ଏପରି ନିଷ୍ପାପର ଭକ୍ତମାନେ ଯେ ଅଛନ୍ତି ଭାବିଲେ ଦେହ ପୁଲକିତ ହେବାସହ ମନ ଆନ୍ଦୋଳିତ ହୋଇଉଠେ। ହୁଏତ ସଚିବାଳୟର ଶୀତତାପ ନିୟନ୍ତ୍ରିତ କୋଠରିରେ ସମସ୍ତ ପ୍ରକାର ସରକାରୀ ସୁବିଧା ପାଉଥିବା ପ୍ରଶାସକମାନଙ୍କର ଏସବୁରେ ଭ୍ରୂକୁଞ୍ଚନ ସୃଷ୍ଟି ହୁଏ।

ସେହି ମନ୍ଦିରର ପୂର୍ବ ପାର୍ଶ୍ୱରେ ଥିବା ଏକ ଭବ୍ୟ ବେହରଣରେ ପୂଜା ପାଉଛନ୍ତି ଶ୍ରୀଜୟଦେବଙ୍କର ମାର୍ବଲ ପ୍ରସ୍ତର ନିର୍ମିତ କମନୀୟ ବିଗ୍ରହ। ସନ୍ଧ୍ୟାରେ ବାଦ୍ୟନାଦ ସହ ମନ୍ଦିରରେ ଆରମ୍ଭ ହୋଇଯାଏ ଆଳତି। ଶ୍ରୀଗୀତଗୋବିନ୍ଦର ମଧୁର ସ୍ୱରରେ ଝଙ୍କୃତ ହୋଇଉଠେ ସେଠାର ପରିବେଶ। ୮୨ବର୍ଷର ମାଗୁଣି ଗଡ଼ତିଆ ହେଉଛନ୍ତି ମନ୍ଦିରର ଜଣେ ସେବକ। ଝାଡୁ ଧରି ମନ୍ଦିର ଚତୁଃପାର୍ଶ୍ୱ ଓଳାଇବା ସହ ସେଠାର ଉପବନ ଓ ଗ୍ରାମ ଲୋକମାନଙ୍କର ବାଡ଼ି ବଗିଚାରୁ ଫୁଲ ତୋଳିବା ଥାଏ ତାଙ୍କର ନିତିଦିନର କାର୍ଯ୍ୟ। ଗୋଟାଏ ବଡ଼ ଟୋକେଇ ଫୁଲରେ ନ ପୂରିବା ପର୍ଯ୍ୟନ୍ତ ତାଙ୍କର ମନ ମାନେନାହିଁ। ପୁଣି ଫୁଲ ଆଣି ତାକୁ ମାଳ କରିବା ଥାଏ ଆହୁରି ଏକ କଷ୍ଟ କାର୍ଯ୍ୟ। ତେବେ ସମସ୍ତ କାର୍ଯ୍ୟ ସୂର୍ଯ୍ୟୋଦୟ ପୂର୍ବରୁ ଶେଷ ହୋଇଯିବାର ଆବଶ୍ୟକତା ଥାଏ। ମନ୍ଦିର କର୍ତ୍ତୃପକ୍ଷଙ୍କଠାରୁ ସେବା ପାଇଁ ମିଳେ ମାତ୍ର ଚାରିଟଙ୍କା। ୮୨ବର୍ଷର ବୃଦ୍ଧ ମାଗୁଣି ମନ୍ଦିର ଛାଡ଼ି କୁଆଡ଼େ ଯାଆନ୍ତି ନାହିଁ। ଭୋଗ ପରେ ପ୍ରଭୁଙ୍କ ପ୍ରସାଦ ମିଳୁ ବା ନ ମିଳୁ ସେଥିରେ ତାଙ୍କର ଦୁଃଖ ନଥାଏ। ଠାକୁରଙ୍କର ସେବା ନିମନ୍ତେ ଏତେ ସମ୍ପତ୍ତି ବି ଖଞ୍ଜା ନାହିଁ। ଯାହାକିଛି ଭକ୍ତମାନଙ୍କ ଦାନ ସୂତ୍ରରୁ ମିଳିଥାଏ।

ମାଗୁଣିଙ୍କର ଘର ସେହି ଗ୍ରାମରେ। ପରିବାର କହିଲେ ସ୍ତ୍ରୀଙ୍କ ସହ ଦୁଇପୁଅ ବାବୁଲି ଓ ନବକିଶୋର। ସମସ୍ତ ପିଲାମାନେ ବିବାହିତ। ବୋହୂ ନାତିନାତୁଣୀମାନଙ୍କ କୋଳାହଳରେ ଘର ପୂରିଉଠେ। ମାତ୍ର ମାଗୁଣିଙ୍କର ଘରକୁ ପ୍ରତିଦିନ ଆସିବାର ପ୍ରାୟ ନଥାଏ। ବୟସ ଥିବାବେଳେ ସେ କୁଆଡ଼େ ଶ୍ରୀଗୀତଗୋବିନ୍ଦ ଓ ଅନ୍ୟ ଭଜନମାନ ସୁନ୍ଦର ସ୍ୱରରେ ବୋଲୁଥିଲେ। ତେବେ ମନ୍ଦିରରେ ରହିବା ଦିନଠାରୁ ସେ ସକାଳ ଓ ସନ୍ଧ୍ୟାରେ କେବଳ ପ୍ରଭୁଙ୍କ ଆଳତିବେଳେ ଦୁଇ ହାତ ଯୋଡ଼ି ଶ୍ରୀଗୀତଗୋବିନ୍ଦ ସହ ଭଜନମାନ ଶୁଣିଥାନ୍ତି। କେବେ ଓ କାହାଠାରୁ ସେ ଏପରି ପ୍ରେରଣା ପାଇଥିଲେ ତାହା ବି କହିପାରନ୍ତି ନାହିଁ। ବୟସାଧିକ୍ୟରୁ ଏବେ ପ୍ରାୟ ପଛ କଥା ସବୁ ଭୁଲିଗଲେଣି। ଯେଉଁଦିନ ଶ୍ରୀଜୟଦେବଙ୍କ ବିଗ୍ରହ ମନ୍ଦିର ପରିସରରେ ପ୍ରତିଷ୍ଠା ହେଲା ସେତେବେଳେ ମାଗୁଣିଙ୍କର ଖୁସିକୁ କେହି ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ସେହି ଉତ୍ସବରେ ମୁଁ ଯୋଗ ଦେଇଥିଲି। ପ୍ରାୟ ଦଶହଜାର ଲୋକଙ୍କର ସେଠାରେ ହୋଇଥିଲା ସମାଗମ। ବିଗ୍ରହଙ୍କ ପାଖରେ ବସି ମାଗୁଣିଙ୍କର ଦୁଇ ଆଖିରୁ ଲୋତକର ଧାର ବହିଯାଉଥିଲା। ମନେ ଅଛି ସାଥିରେ ଥିବା ତତ୍କାଳୀନ ଜିଲ୍ଲାପାଳ ମୋତେ ପଚାରିଥିଲେ ଲୋକଟିର ଆଖିରେ ଲୁହ ଦେଖୁଛନ୍ତି ତ ? ଉତ୍ତରରେ କହିଥିଲି କେବଳ ଭକ୍ତି ଭାବନା ହିଁ ଏହାର କାରଣ। ଜୀବନ ଗତିପଥର ଚକ ଆଗକୁ ଗଡ଼ିଚାଲିଛି। ମାଗୁଣିଙ୍କ ଦେହ କ୍ରମଶଃ ଦୁର୍ବଳ ହୋଇଆସିଲା। ଥଣ୍ଡା, କାଶ, ଜ୍ୱର ହିଁ ତାଙ୍କୁ ଆହୁରି ଦୁର୍ବଳ କରିଦେଲା। ପ୍ରଭୁଙ୍କ ସେବା ସବୁକୁ ତୁଲାଇବା ପାଇଁ ଦେହ ଆଉ ଚଳିଲା ନାହିଁ। ମନ୍ଦିର ବାରଣ୍ଡାରେ ସେ ଶୋଇ ରହୁଥିଲେ। ପ୍ରଭୁଙ୍କ ନିମନ୍ତେ ଫୁଲ ଆଉ ତୋଳା ହୋଇଆସିଲା ନାହିଁ। ଟୋକେଇ ପୂରା ଫୁଲ ଯାଗାରେ ଆଞ୍ଜୁଳା ଭରା ଫୁଲରେ କାର୍ଯ୍ୟ ସମାପନ ହେଲା। ଆଳତିବେଳେ ଶ୍ରୀଗୀତଗୋବିନ୍ଦ ଗାନ ବା ଭଜନ ଶୁଣିବାକୁ ସେ ଆଉ ଯାଇପାରିଲେ ନାହିଁ। ଗ୍ରାମର ସଂକୀର୍ତ୍ତନ ଦଳ କଦବା ମନ୍ଦିରକୁ ଆସିଲେ କୀର୍ତ୍ତନ କରିଥାନ୍ତି। ମାଗୁଣିଙ୍କର ଜ୍ୱର ଆଉ ପ୍ରଶମିତ ହେଲା ନାହିଁ। ପିଲାମାନେ ତୁରନ୍ତ ତାଙ୍କୁ ଘରକୁ ନେଇ ଚିକିତ୍ସା ଆରମ୍ଭ କରିଦେଲେ। ନୟାଗଡ଼ ସହର ଡାକ୍ତରଖାନାକୁ ତାଙ୍କୁ ନିଆଗଲା। ସାମାନ୍ୟ ଭଲ ହେବା ପରେ ଘରକୁ ଫେରିଆସିଥିଲେ। ହେଲେ ନିୟତିର ଗତିପଥ ଥିଲା ଅନ୍ୟ। ଦିନେ ସକାଳୁ ସମସ୍ତ ଉଦ୍ୟମ ସତ୍ତ୍ୱେ ମାଗୁଣିଙ୍କ ଶରୀର ନିର୍ଜୀବ ହୋଇଗଲା ଓ ତା ପରେ କିଭଳି ଫେରିଆସିଲା ପୂର୍ବରୁ ଆଲୋଚନା ହୋଇସାରିଛି।

ଏବେ ମାଗୁଣି ଦୁରୁଦୁରାର ଶ୍ରୀଜଗନ୍ନାଥ ମନ୍ଦିରରେ ସେବାରତ। ପୁରୁଣା କଥା ପଚାରିଲେ କେବଳ ହସିଦିଅନ୍ତି। ଆଉ ହାତଯୋଡ଼ି ପ୍ରଭୁଙ୍କ ମନ୍ଦିରକୁ କେବଳ ଚାହିଁ ରହନ୍ତି। କୁହନ୍ତି ପ୍ରଭୁ ମୋତେ ତାଙ୍କ ସେବା ପାଇଁ ପୁଣି ବାହୁଡାଇ ଆଣିଛନ୍ତି। କିଏ ତାଙ୍କୁ ଟୋକେଇଏ ଫୁଲ ପ୍ରତିଦିନ ଆଣିଦେବ। ଜୀବନ ଥିବା ଯାଏ ଏହି କାର୍ଯ୍ୟ କରୁଥିବି। ଏତିକି ଶୁଣି ତାଙ୍କ ପାଖରେ ମୁଣ୍ଡ ନଇଁଗଲା। ତାଙ୍କ ଦୁଇ ହାତ ଧରି ମୋ ମୁଣ୍ଡରେ ରଖି ଆଶୀର୍ବାଦ ନେଲି। ଶ୍ରୀଜଗନ୍ନାଥ ଓ ଶ୍ରୀଜୟଦେବଙ୍କ ବିଗ୍ରହ ଆଡ଼କୁ ଚାହିଁ ହାତଯୋଡ଼ି ପ୍ରାର୍ଥନା କଲି "ମାଗୁଣି ଏହିଭଳି ଆପଣଙ୍କ ସେବା କରୁଥାନ୍ତୁ ପ୍ରଭୁ। ଏତିକି ମାତ୍ର ମାଗୁଣି।" ତେଣେ ମନ୍ଦିର ପଛରୁ ଖଞ୍ଜଣି ତାଳରେ ଭାସିଆସୁଥିଲା–

**କେତେ ନାଟ ଲଗାଉଛୁ କଳାଶ୍ରୀମୁଖ**
**ଯେତେ ଡାକିଲେ ତୋତେରେ ନଗଲା ଦୁଃଖ**
**ରସିଆ ରସିକମଣି ଶ୍ରୀଗୀତଗୋବିନ୍ଦ**
**ଶୁଣି ଧରାରେ ଧରାଉ ସଂସାର ଫାନ୍ଦରେ କଳାଶ୍ରୀମୁଖ।**

# ମୋତେ ମାର ନାହିଁ, କାମରେ ଆସିବି



**ଧ୍ରୁବଚରଣ ଘିବେଲା**
ବଉଦରାଜ, ଜି. ବୌଦ୍ଧ.
ପିନ –୭୬୨୦୧୪
ମୋ.୯୪୩୭୪୭୮୪୬୬

ଏ ଲେଖାର ଶୀର୍ଷକକୁ ପ୍ରଥମେ ଏକ ନମ୍ର ନିବେଦନ ବିଚାର ବିବେଚନା କରାଯାଉ । ତେବେ ଏ ନମ୍ର ନିବେଦନ କାହାର,କିଏ କରିପାରେ ଏମନ୍ତ ନିବେଦନ ପୁଣି କାହା ପାଇଁ କାହା ଉଦ୍ଦେଶ୍ୟରେ । ହୋଇପାରେ ଏ ଆକୁଳ ନିବେଦନ ଏକ ଶିଶୁକନ୍ୟାଭ୍ରୂଣର । ଏ ନିବେଦନ ବି ହୋଇପାରେ ସୁସ୍ଥ ସବୁଜ ସବୁଜିମାଭରା ଏକ ବୃକ୍ଷର । ଆଗ ଶିଶୁକନ୍ୟାଭ୍ରୂଣ କଥା ବିଚାର କରିବା ଓ କନ୍ୟାକୁ ରତ୍ନ ସହ ତୁଳନା କରାଯାଇ କନ୍ୟାରତ୍ନ ଆଖ୍ୟାୟିତ/ଅଭିହିତ କରାଯାଇଥାଏ । ଶିଶୁକନ୍ୟା ଭ୍ରୂଣହତ୍ୟା କଥା ଏଠି ନୂଆ ନୁହେଁ । କିଛି ବର୍ଷ ତଳେ ଆମ ରାଜ୍ୟର ଏକ ସହରରେ କେମିତି ଲୁଚାଛପାରେ କେତେ ଯେ ଶିଶୁ କନ୍ୟା ଭ୍ରୂଣ ହତ୍ୟା କରାଯାଇଥିଲା, ସେଇ ସତ୍ୟ ତଥ୍ୟ ଉନ୍ମୋଚିତ ହୋଇ ଲୋକଲୋଚନକୁ ଆସିଲା ପରେ ରାଜ୍ୟରେ ଖୁବ ହଇଚଇ ଖେଳିଯାଇଥିଲା । ତେବେ ଶିଶୁ କନ୍ୟା ଭ୍ରୂଣହତ୍ୟା କାହିଁକି ? ଗର୍ଭସ୍ଥ ଶିଶୁ କନ୍ୟା କଣ କାହାର ଶତ୍ରୁ ଥାଆନ୍ତି ନା କାହାର ଶତ୍ରୁ ସାଜିବେ ନା କାହା ପାଇଁ କଣ୍ଟା ହେବେ ! ନା ଶିଶୁକନ୍ୟା ଅବାଂଛିତ !ଏ ଉତ୍ତର ଦେବେ କିଏ ? ଶିଶୁ କନ୍ୟା ଭ୍ରୂଣକୁ ନଷ୍ଟ କରିବାକୁ କଣ ଚାହିଁଥାଏ ଆଗ ମାଆ ? ମାଆର ସମ୍ମତି ନ ରହିଲେ ଶିଶୁ କନ୍ୟାର ଭ୍ରୂଣହତ୍ୟା କେବେ ସମ୍ଭବ ନୁହେଁ । ମାଆ ଚାହିଁଲେ ଯାଇ ଗର୍ଭପାତ ହେଇପାରିବ । ନ ହେଲେ ନାହିଁ । ତେଣୁ ଏଥିପାଇଁ ମାଆକୁ ହିଁ ଆଗ ଦାୟୀ କରାଯିବା ଚାହି ଓ କରାଯାଇପାରିବ । ତେବେ ଶିଶୁକନ୍ୟାଭ୍ରୂଣ ହତ୍ୟା ପାଇଁ ଆମ ରାଜ୍ୟରେ ପୁରୁଷ ମହିଳା ଲିଙ୍ଗଗତ ବୈଷମ୍ୟ ବୃଦ୍ଧିପାଉଛି । ରାଜ୍ୟର ଅଧିକ ଶିକ୍ଷିତ ସାକ୍ଷର ଜିଲ୍ଲାମାନଙ୍କରେ ପୁରୁଷ ଓ ମହିଳା ଅନୁପାତ ଅତ୍ୟନ୍ତ ନିରୁତ୍ସାହଜନକ । ନାରୀ କାହିଁକି ଚାହେଁନି ଯେ ତାର ଶିଶୁ କନ୍ୟାଟେ ହେଉ ? ପୁଅ କାମନା କାହିଁକି ରଖନ୍ତି ? ଝିଅ କଣ ପୁଅ ସମକକ୍ଷ ନ ଥାନ୍ତି ? ଏବେ ଦେଖାଯାଉଛି ପୁଅଙ୍କୁ ବଳେଇ ଯାଉଛନ୍ତି ଝିଅମାନେ ସବୁଠି ସବୁକ୍ଷେତ୍ରରେ ଓ ଭୀମଭୋଇ କେବେଠୁ କହିଛନ୍ତି ନାରୀ ସଶକ୍ତିକରଣ କଥା ଓ ସେ କହିଛନ୍ତି – 'ନିନ୍ଦା ଗର୍ବ ମାନ ନ କରିବ ଟାଣ କରୁଥିବ ସମଭାବ, ପୁରୁଷଙ୍କୁ ସ୍ତିରୀ ଜ୍ଞାନ ଶିଖାଇଲେ ସତ୍ୟ ଯୁଗ ଲେଉଟିବ' । ଆଜିର ଦିନରେ ନାରୀ ଅବଳା ନୁହେଁ ଓ ଦୁର୍ବଳା ବି ନୁହେଁ । ସେ ହୋଇପାରେ ଦୁର୍ଗା । ସେ ସାଜିପାରେ ରଣଚଣ୍ଡୀ ଓ ଆଜି ପୁରୁଷର ଗତି ଯେଉଁଠି, ସେଇଠି ତା' ସ୍ଥାନ ଜମାଇଲାଣି ନାରୀ । କୌଣସି କ୍ଷେତ୍ର ପୁରୁଷ ପାଇଁ ଏକଚାଟିଆ ହୋଇରହିନାହିଁ । ତେବେ ନାରୀ ଶଦ୍ଦର ଅର୍ଥକୁ ଭୁଲ ପ୍ରମାଣିତ କରିବାକୁ ଚାହେଁ ନାରୀ ଶିଶୁକନ୍ୟା ଭ୍ରୂଣହତ୍ୟା କରି । ନ ଅରୀ ନାରୀ ବା ନାରୀର ଶତ୍ରୁ ନାହିଁ, ଏ କଥା ପ୍ରମାଣିତ କରିବ ନାରୀ ଗର୍ଭସ୍ଥ ଶିଶୁ କନ୍ୟା ଭ୍ରୂଣକୁ ମାରିବା ବଦଳରେ ତାକୁ ଦୁନିଆର ଆଲୋକ ଦେଖାଇ ଜନ୍ମ ଦେବାରେ। ମାଆ କଣ କେବେ ନିଜ ଛୁଆକୁ ମାରିପାରେ କନ୍ୟାଟିଏ ବୋଲି ? କୌଣସି ସ୍ଥିତିରେ ନାରୀ, ନାରୀର ଅରୀ ହେବା ଉଚିତ ନୁହେଁ । ଗର୍ଭସ୍ଥ ଶିଶୁକନ୍ୟାଭ୍ରୂଣ ତାକୁ ନଷ୍ଟ କରିବା ପାଇଁ କରାଯାଉଥିବା ଷଡ଼ଯନ୍ତ୍ରର ଆଭାସ ପାଇଲେ, ସେ ତା' ମାଆକୁ ଆକୁଳ ନିବେଦନ କରିପାରେ –' ମୋତେ ମାର ନାହିଁ, ମୁଁ ତୁମର ଅନେକ କାମରେ ଆସିବି । ଖାଲି ମୋତେ ଜନ୍ମ ଦେଇ ଦୁନିଆର ଆଲୋକ ଦେଖାଇ ଦିଅ । ମୋର ଟିକେ ଲାଳନପାଳନ କରି ମୋତେ ବଡ଼ କରି ଦିଅ । ଦେଖିବ ମାଆ, ମୁଁ ତୁମ ପାଇଁ ବୋଝ ହେବି ନାହିଁ । ବରଂ, ତୁମକୁ ତୁମର ସବୁ କାମରେ ସାହାଯ୍ୟ କରିବି। ମାଆ, ମୁଁ ଝିଅଟିଏ ବୋଲି କେବେ ମନ ଦୁଃଖ କରିବ ନାହିଁ । ତୁମେ ତ ମୋ' ଭଳି ତୁମ ମାଆଙ୍କ ଗର୍ଭରୁ ଜନ୍ମ ନେଇ ଦୁନିଆର ଆଲୋକ ଦେଖିଛ । ମୋତେ କିଆଁ ଦୁନିଆର ଆଲୋକ ଦେଖିବାରୁ ବଞ୍ଚିତ କରିବାକୁ ଚାହୁଁଛ । ମୁଁ କଥା ଦେଉଛି, ମୁଁ କେବେ ବି ତୁମ ପାଇଁ ବୋଝ ହେବି ନାହିଁ। ମୁଁ ନିଜ ଗୋଡ଼ରେ ଠିଆ ହେବି । ନିଜେ ପାଠ ପଢ଼ି ଶିକ୍ଷିତା ହେବି । ରୋଜଗାର କରିବି। ଶିଶୁକନ୍ୟାଭ୍ରୂଣର ଏଇ ବିକଳ ନିବେଦନରେ ମାଆର ହୃଦୟ ତରଳିଯିବ ନିଶ୍ଚୟ । ଆଉ କ୍ଷାନ୍ତ ରହିବ ଶିଶୁକନ୍ୟାଭ୍ରୂଣ ହତ୍ୟା ଭଳି କୁତ୍ସିତ କାର୍ଯ୍ୟରୁ । ଏଠି ଆମ ସମାଜରେ ମହିଳାଙ୍କ ସଂଖ୍ୟା କମୁଥିବାରୁ ଶିଶୁକନ୍ୟା ଜନ୍ମ ଦେବାକୁ ନବଦମ୍ପତିଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବା ଭଲ । ଏଥରକ ଅଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଅଂଶୁଘାତରେ ଅନେକ ମୃତ୍ୟୁବରଣ କରିଛନ୍ତି। ପରିବେଶରେ ପ୍ରାଣୀ ଓ ବୃକ୍ଷଙ୍କ ଅନୁପାତରେ ଅସନ୍ତୁଳନ ସ୍ଥିତି ସାଙ୍ଗକୁ କଂକ୍ରିଟ ଜଙ୍ଗଲ ବୃଦ୍ଧି, ଅଧିକ କୋଠାବାଡି ନିର୍ମାଣ, ମାଟି ଉପରେ ପିଚୁ ପକ୍କା ଓ କଂକ୍ରିଟ ରାସ୍ତା ନିର୍ମାଣ, ଅଧିକ ଏ ସି ବ୍ୟବହାର, ଯାନବାହନ ଚଳାଚଳ ଆଦି ବହୁବିଧ କାରଣରୁ ବିଶ୍ୱ ତାପନ ଆଜି ସ୍ଥାନୀୟ ସମସ୍ୟା ହୋଇରହିନାହିଁ ବରଂ ଏକ ବିଶ୍ୱବ୍ୟାପୀ ସଙ୍ଗୀନ ସମସ୍ୟା ଭାବେ ଉଭା ହୋଇଛି । ଏବେ 'ଥିଙ୍କ ଗ୍ଲୋବାଲି, ଆକ୍ଟ ଲୋକାଲି' ( Think Globally, Act Locally ) ଚିନ୍ତାଧାରା ଆଧାରରେ କାମ କରିବାର ଆବଶ୍ୟକତା ରହିଛି ଓ ଜଣେ ତାର ହାତପାଆନ୍ତା ପରିବେଶରେ କାମ କରିବ । ଗଛ ଅଧିକ ଲଗାଇପାରିବ ଓ ତାର ଦେଖାରଖା କରିପାରିବ । ଦୂର ସ୍ଥାନକୁ ଯାଇ କିଛି କରିବା ଅପେକ୍ଷା ନିଜ ପରିସରରେ ଅନେକ ଭଲ କାର୍ଯ୍ୟ କରାଯାଇପାରେ । ବୃକ୍ଷରୋପଣ ବା ଚାରାରୋପଣ ଏକ ସ୍ଲୋଗାନ ନ ହୋଇ ତାର ବାସ୍ତବ ପ୍ରତିଫଳନ ଯେମିତି ହେବ, ସେ ଦିଗରେ ସଭିଏଁ ସଚେତନ ରହି କାମ କରିବା ଚାହି। ଆଜିର ଦିନରେ ବି ଗଛ କଟାଯାଉଛି ବିକାଶ ପ୍ରକ୍ରିୟା ନାଆଁରେ । ସେଇ ସ୍ଥିତିରେ ଗଛ ନିବେଦନ କରିପାରେ –'ମୋତେ ମାର ନାହିଁ କାଟ ନାହିଁ, ମୁଁ କେତେ କାମରେ ଆସିବି। ମୁଁ ପରା ଖାଦ୍ୟ ବସ୍ତ୍ର ଦିଏ । ବର୍ଷା କରାଏ । ମୃତ୍ତିକା କ୍ଷୟକୁ ରୋକେ । ଭୂତଳ ଜଳ ସ୍ତର ବଢ଼ାଏ । ବାତାବରଣକୁ ଶୀତଳ ଛାଇ ଦିଏ । ପୃଥିବୀର ତାପମାତ୍ରା କମାଏ । ଅନେକ ଜୀବଜନ୍ତୁଙ୍କୁ ଆଶ୍ରୟ ଦିଏ । କୌଣସି ଲୋକ ଟାଙ୍ଗିଆଟେ ଧରି ମୋ ଆଡ଼କୁ ଆସିଲେ, ମୁଁ ଶିହରି ଉଠେ। କାଳେ କିଏ ମୋ' ଦେହରେ କୁରାଢ଼ୀ ଚୋଟଟେ ବସାଇ ଦେବ କି ! କିଏ କିଏ ମୋ ଛାଲି ଉତୁରାଇ ଦେଇ ମୋତେ ମାରିବା ପାଇଁ ଉଦ୍ୟମ କରନ୍ତି । ମୋର ଶାଖା ପ୍ରଶାଖା କାଟି ଦିଅନ୍ତି । ଥୁଣ୍ଟା ବି କରି ଦିଅନ୍ତି । ହେ ଜୀବଶ୍ରେଷ୍ଠ ମଣିଷ ମୋତେ ଆଉ ନଷ୍ଟ କର ନାହିଁ, ବରଂ ପରିବେଶ ସୁରକ୍ଷା ପାଇଁ ଖାଲି ଜାଗାରେ ଚାରା ଲଗାଅ । ଗଛ ବଞ୍ଚାଅ । ଗଛକୁ ଭଲ ପାଅ। ପରିବେଶକୁ ଭଲ ପାଅ। ଗଛକୁ ଭଲ ପାଇଲେ ସେ ହସିବ । ସେ ବଢ଼ିବ । ଆମ ଜଗନ୍ନାଥ ପରା ଦାରୁ ଦେବତା। ଗଛ ଏଠି ଦେବତାର ମାନ୍ୟତା ପାଇଛି । ବୃକ୍ଷ ପୂଜାର ପରମ୍ପରା ଅତୀବ ପ୍ରାଚୀନ । ଆମେ ଯାହାଠୁ ସାହାଯ୍ୟ ପାଇବା, ତାଙ୍କ ପ୍ରତି କୃତଜ୍ଞ ରହିବା । ଦେଖିବ, ପୁଣି ଫେରିଆସିବ ଏ ଧରାଧାମକୁ ହୃତ ସବୁଜିମା। ସକଳ ସୌନ୍ଦର୍ଯ୍ୟ ସୁଷମା । ଗଛ ବଞ୍ଚିଲେ ଆମେ ବଞ୍ଚିବା, ଏ ବିଚାର ରଖି କାମ କଲେ ପରିବେଶ ରହିବ ହସିଲା ଫୁଟିଲା ସବୁଜିମା ଭରା । ଆଗକୁ ଆସୁଛି ବର୍ଷାଦିନ, ବ୍ୟାପକ ହେଉ ବୃକ୍ଷରୋପଣ । ଆଉ ନ ଥିବ ଏତେ ଖରା କଷଣ ଓ ନ ଥିବ ଅଂଶୁଘାତର ଭୟଙ୍କର ଆତଙ୍କ । ଗଛର ଏଇ ନିବେଦନକୁ ମଣିଷ ବୁଝିଲେ ହେଲା । ଏବେ ଯେମିତି ପାଣି ବିକ୍ରି ହେଉଛି ବଜାରରେ ବୋତଲରେ ଭର୍ତ୍ତି କରାଯାଇ, ଠିକ ସେମିତି କେଜି ଦରରେ ମାଟି ବିକ୍ରି ହେବାର ସ୍ଥିତି ଯେ ଆମ ଏଠି ଉଦଭବ ନ ହେବ, ତାହା ଆଗାମୀ ସମୟ କହିବ । ସବୁଠି ଆଜି କଂକ୍ରିଟ ଆବରଣ। ମାଟିର ନିହାତି ଆବଶ୍ୟକତା ପଡ଼ିଲେ ନିଜର ଯାହା କିଛି କାମ ପାଇଁ, ସେତିକି ବେଳେ ମାଟି କିଣିବାକୁ ଯେ ନ ପଡ଼ିବ, ତାହା କିଏ କହିପାରିବ। ଏ ସମସ୍ୟା ସ୍ଥିତି ଆଗ ଦେଖାଦେଇପାରେ ଅତି ବଡ଼ ବଡ଼ ସହରରେ। ସେ ସମସ୍ୟା ଆମ ସାମ୍ନାରେ ବି ଉପୁଜିପାରେ।

# ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା ହେଉ



**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୯୪୩୭୯୯୪୩୭୯

ଉତ୍ତରଭାରତ ସମେତ ଦେଶର ବହୁ ରାଜ୍ୟରେ ଚଳିତ ଗ୍ରୀଷ୍ମ ଋତୁରେ ଲଗାତାର ଦେଢ଼ମାସ ଧରି ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ଯେଭଳି ଜଳୁଛି, ପୂର୍ବରୁ କେବେ ଦେଖାଯାଇନଥିଲା। କୁହାଯାଇଛି ଯେ, ଗତ ୧୫ବର୍ଷ ମଧ୍ୟରେ ଏଭଳି ଅଗ୍ନିବର୍ଷା ଘଟଣା କେବେ ଦେଖାଯାଇନଥିଲା। ପରିସ୍ଥିତି ଏପରି ହୋଇଛି ଯେ, କେତେକ ରାଜ୍ୟରେ ଦିନର ତାପମାତ୍ରା ଲଗାତାର ୪୫ଡିଗ୍ରୀ ସେଲସିୟସ ଉପରେ ରହୁଛି। ଅନ୍ୟ ଯେଉଁ କେତେକ ରାଜ୍ୟରେ ତାତି ଅପେକ୍ଷାକୃତ ଭାବେ କମ୍ ତାପମାତ୍ରା ରହିଛି, ସେଠାରେ ଦିନର ତାପମାତ୍ରା ସ୍ୱାଭାବିକ ଠାରୁ ୩ରୁ ୬ଡିଗ୍ରୀ ସେଲସିୟସ୍ ଉପରେ ରହିଥିବା କୁହାଯାଏ। କେବଳ ଦିନରେ ନୁହେଁ, ରାତିର ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୬ଡିଗ୍ରୀ ଉପରେ ରହିଥିବା ରେକର୍ଡ ଯାଇଛି। ବର୍ଷା ଓ ଆର୍ଦ୍ରତାର ଅଭାବରେ ଉଭୟ ଦିନ ଓ ରାତିର ତାପମାତ୍ରା ଜନଜୀବନ ତଥା ପ୍ରାଣୀଜଗତକୁ ଦୁର୍ବିସହ କରିଦେଇଛି। ରାଜଧାନୀ ଦିଲ୍ଲୀରେ ରାତିର ତାତି ଯୋଗୁଁ ଫୁଟପାଥରେ ଜୀବନ ବିତାଉଥିବା ବାସହରାଙ୍କ ମଧ୍ୟରୁ ବର୍ତ୍ତମାନସୁଦ୍ଧା ୨୦୦ ଲୋକଙ୍କର ମୃତ୍ୟୁ ଘଟିଲାଣି । ପରିସ୍ଥିତି ଯଦି ଆଉ କିଛି ଦିନ ଲାଗି ରହେ, ତେବେ ବାସହରା, ଦିନ ମଜୁରିଆଙ୍କ ମୃତ୍ୟୁ ସଂଖ୍ୟା ବଢିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଚଳିତ ବର୍ଷ ଗୋଟିଏ ପଟେ ଦେଶର ବହୁ ଭାଗରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବାବେଳେ ଅନ୍ୟପଟେ ସ୍ୱାଭାବିକ ସମୟର ୪ଦିନ ଆଗରୁ ଅର୍ଥାତ୍ ମେ' ୨୮ତାରିଖରେ କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବେଶ କରିଥିବାବେଳେ ଦୀର୍ଘ ୨୦ଦିନରୁ ଅଧିକ ସମୟ ଧରି କେବଳ ଦକ୍ଷିଣ ଭାରତରେ ଅଟକି ରହିଛି। ମୌସୁମୀ ଅଗ୍ରସର ନେଇ ଏବେ ଅନୁକୂଳ ପାଗ ନଥିବା କୁହାଯାଇଛି। କହିବା ବାହୁଲ୍ୟ ଯେ, କେରଳରେ ମୌସୁମୀ ପ୍ରବେଶ କରିବା ପୂର୍ବରୁ ଜୁନମାସରେ ଦେଶରେ ମୌସୁମୀ ବର୍ଷା ସ୍ୱାଭାବିକ ହେବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପୂର୍ବାନୁମାନ କରିଥିଲା। ମାତ୍ର ଦେଶରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବା ନେଇ ଆଇଏମଡି ପରବର୍ତ୍ତୀ ବୁଲେଟିନରେ କହିଥିବାବେଳେ ବାସ୍ତବରେ ଦେଶରେ ୫୦ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଜୁନ ୨୫ତାରିଖରୁ ଜୁଲାଇ ପହିଲା ମଧ୍ୟରେ ସାଧାରଣତ ଉତ୍ତର ଏବଂ ପଶ୍ଚିମ ଭାରତୀୟ ରାଜ୍ୟଗୁଡିକରେ ମୌସୁମୀ ପ୍ରବେଶ କରିଥାଏ। କିନ୍ତୁ ଚଳିତ ବର୍ଷ ମୌସୁମୀର କଚ୍ଛପ ଗତି ଏହି ଧାରାକୁ ବଜାୟ ରଖିବ, ନା ବିଳମ୍ବ ହେବ, ତା' ସମୟ କହିବ। ଏହର ନିଶ୍ଚିତ ଯେ, ଯଦି ଦୀର୍ଘକାଳୀନ ମୌସୁମୀ ଅଟକି ରହେ, ତେବେ ରାଜ୍ୟଗୁଡିକର ଭିତ୍ତିଭୂମିକୁ ପ୍ରଭାବିତ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଅନ୍ୟପକ୍ଷରେ ଉତ୍ତର ଭାରତରେ ଅସହ୍ୟ ଗ୍ରୀଷ୍ମପ୍ରବାହ ବା ଅଗ୍ନିବର୍ଷା ଯୋଗୁଁ ଗଲା ୧୭ତାରିଖ ଦିନ ବିଦ୍ୟୁତ ବ୍ୟବହାର ଦିନକରେ ୮୯ ଗିଗାୱାଟ ବା ୮୯,୦୦୦ ମେଗାୱାଟକୁ ବୃଦ୍ଧି ପାଇଥିଲା। ଦିନକରେ ଏତେ ବିଦ୍ୟୁତ ବ୍ୟବହାର ସର୍ବୋଚ୍ଚ ଥିଲା ବା ନୂତନ ରେକର୍ଡ ସୃଷ୍ଟି କରିଥିବା କୁହାଯାଏ। ବିଦ୍ୟୁତ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରାୟ ୨୫ପ୍ରତିଶତରୁ ୩୦ପ୍ରତିଶତ ଚାରୋଟି ରେଜିଅନ ତଥା ଦକ୍ଷିଣ, ପଶ୍ଚିମ, ପୂର୍ବ ଓ ଉତ୍ତର-ପୂର୍ବ ରେଜିଆନ ଓ ଭୁଟାନରୁ ଆମଦାନୀ କରାଯାଇଥିଲା। ସେହିଦିନ ବିଦ୍ୟୁତ ନିଅଣ୍ଟିଆ ଏପରି ଏକ ସ୍ତରରେ ପହଁଚିଥିଲା ଯେ, ଦିଲ୍ଲୀ ଆନ୍ତର୍ଜାତିକ ବିମାନ ବନ୍ଦର ଅଧଘଣ୍ଟାଏ ପାଇଁ ବ୍ଲକ ଆଉଟ କରିଦିଆଯାଇଥିଲା। ଅସହ୍ୟ ଗ୍ରୀଷ୍ମ ପ୍ରବାହ ଏବଂ ବିଦ୍ୟୁତ ସଙ୍କଟ ସାଙ୍ଗକୁ ଜାତୀୟ ରାଜଧାନୀ ଦିଲ୍ଲୀରେ ଉତ୍କଟ ଜଳାଭାବ ଜନଜୀବନକୁ ଦୁର୍ବିସହ କରିଦେଇଛି ବୋଲି କହିଲେ ହୁଏତ ଅତ୍ୟୁକ୍ତି ହେବ ନାହିଁ। ଦିଲ୍ଲୀରେ ଜଳ ଯୋଗାଣର ମୁଖ୍ୟ ଉତ୍ସ ହେଉଛି ହରିଆନା। ଚଳିତ ବର୍ଷ ହରିଆନା ଅଧିକ ଜଳଯୋଗାଇବାକୁ ମନା କରିଦେବା ଯୋଗୁଁ ଦିଲ୍ଲୀରେ ଜଳସଙ୍କଟ ଉତ୍କଟ ହୋଇଛି। ଏଥିଲାଗି ଦିଲ୍ଲୀ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଦିଲ୍ଲୀକୁ ଜଳ ଯୋଗାଇ ଦେବା ପାଇଁ ହିମାଚଳ ସରକାରଙ୍କୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହା ସତ୍ତ୍ୱେ ଦିଲ୍ଲୀରେ ଜଳସଙ୍କଟ ସୁଧୁରିନାହିଁ। କେବଳ ଦିଲ୍ଲୀ ନୁହେଁ, ଖରାଦିନ ଆସିଲେ ଆମ ଦେଶର ଅର୍ଦ୍ଧାଧିକ ଅଞ୍ଚଳରେ ଉତ୍କଟ ଜଳସଙ୍କଟ ସୃଷ୍ଟି ହୋଇଥାଏ। କୂଅ, ପୋଖରୀ, ନଦୀ, ନାଳ, ଜଳଭଣ୍ଡାର ଆଦି ଶୁଖିଯାଇଥାଏ। ଦେଶର ୯ଟି ବୃହତ ଜଳଭଣ୍ଡାରରେ ସର୍ବୋଚ୍ଚ ଜଳଧାରଣର ସ୍ତରରେ ମାତ୍ର ୨୫ ପ୍ରତିଶତ ଥିବା ରିପୋର୍ଟ ପ୍ରକାଶ ପାଇଛି। ଯାହାକି ବିଭିନ୍ନ ରାଜ୍ୟରେ ଜଳବିଦ୍ୟୁତ ସଙ୍କଟକୁ ଉତ୍କଟ କରିବା ଆଶଙ୍କା ଦେଖାଦେଇଛି। ଦୀର୍ଘକାଳୀନ ଅସହ୍ୟ ଗ୍ରୀଷ୍ମପ୍ରବାହ ଜନଜୀବନକୁ ଦୁର୍ବିସହ କରିଦେଇଛି। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଦୀର୍ଘକାଳୀନ ବା ଲଗାତାର ଅଦ୍ୟ ଗ୍ରୀଷ୍ମପ୍ରବାହ ସ୍ଥିତିକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ଶ୍ରେଣୀଭୁକ୍ତ କରିବା ଉଚିତ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଜୁନ୍ ୨୦୨୪ ବୁଧବାର

ଆଭା

# ଇତିହାସ ପୃଷ୍ଠାରେ ରଥଯାତ୍ରା

## ଗୁଣ୍ଡିଚା ମନ୍ଦିର ପାଖେ ରଥ ପହଞ୍ଚିବାକୁ ୬ଦିନ

ସେତେବେଳେ ମାଳିନୀ ନଦୀ ନଥିଲା, କି ୬ ରଥ ହେଉନଥିଲା। କିନ୍ତୁ ୧୮୮୯ ମସିହାର ରଥଯାତ୍ରାରେ ରଥ ଶ୍ରୀମନ୍ଦିରସ୍ଥ ସିଂହଦ୍ୱାରରୁ ଯାଇ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିବାକୁ ଲାଗିଯାଇଥିଲା ଛଅ ଦିନ। ରଥଯାତ୍ରା ପୂର୍ବଦିନ ନବଯୌବନ ଦର୍ଶନ ବ୍ୟବସ୍ଥା ସୁରୁଖୁରୁରେ ହୋଇଥିଲା।

ତତ୍କାଳୀନ ବ୍ରିଟିସ ଜିଲ୍ଲାପାଳ ଓ ପୁଲିସ ଦଳଦଳ ହୋଇ ଅମଲା ଓ ରାଜବାଟୀର ମ୍ୟାନେଜରଙ୍କ ସହଯୋଗରେ ସୂର୍ଯ୍ୟୋଦୟ ପୂର୍ବରୁ ମନ୍ଦିର ନିକଟରେ ପହଞ୍ଚି ଯାଇ ସକାଳ ୮ଟାରୁ ଭକ୍ତଙ୍କ ନିମନ୍ତେ ନବଯୌବନ ଦର୍ଶନର ସୁବିଧା କରାଇଥିଲେ। ପ୍ରାୟ ୫ହଜାର ଭକ୍ତ ଅକ୍ଳେଶରେ ନବଯୌବନ ଦର୍ଶନ କରି ଆନନ୍ଦିତ ହୋଇଥିଲେ। ତା'ପରଦିନ ଅପରାହ୍ନ ୩ଟାରୁ ରଥଗୁଡ଼ିକ ସିଂହଦ୍ୱାରକୁ ଆଣିବା ଆରମ୍ଭ ହୋଇଥିଲା।

ମାତ୍ର ବଡ଼ ରଥ ଆସିବାବେଳେ ପୂର୍ବ ପାର୍ଶ୍ୱରେ ଥିବା ନାଳକୁ ମାଡ଼ିଯିବାରୁ ୧୦ ହାତ ଲମ୍ବରେ ବଡ଼ବଡ଼ ପଥର ସବୁ ଭାଙ୍ଗିଗଲା। ତେଣୁ ରଥ ପହଞ୍ଚିବା ଦୁରୂହ ହେଲା। ତେବେ ଅନ୍ୟ ରଥମାନ ଶ୍ରୀଗୁଣ୍ଡିଚା ଦିନ ସନ୍ଧ୍ୟା ସମୟରେ ସିଂହଦ୍ୱାରରେ ପହଞ୍ଚିଥିଲେ। ସେ ପର୍ଯ୍ୟନ୍ତ ନାଳକୁ ମାଡ଼ି ଯାଇଥିବା ରଥର କାର୍ଯ୍ୟ ଶେଷ ହୋଇନଥିଲା। ସେଦିନ ବର୍ଷା ଜୋର ହେଉଥାଏ। ତେଣୁ ଚତୁର୍ଦ୍ଧା ବିଗ୍ରହଙ୍କୁ ଧାଡ଼ି ପହଣ୍ଡି କରି ରଥାରୋହଣ କରିବା ବେଳକୁ ପ୍ରାୟ ରାତି ଦୁଇ ପ୍ରହର ହୋଇସାରିଥିଲା। ରାତି ଯୋଗୁ ରଥ ଟଣା ହେଲା ନାହିଁ। ତେଣୁ ଭକ୍ତମାନେ କେବଳ ରାଥାରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ଚାଲିଯାଇଥିଲେ। ତା'ପରଦିନ ଅର୍ଥାତ୍ ୧୮୮୯ ମସିହା ଜୁଲାଇ ୧ ତାରିଖ ସୋମବାର ରଥଟଣା ଆରମ୍ଭ ହୋଇଥିଲା। ୬ ତାରିଖ ଶନିବାର ଗୁଣ୍ଡିଚା ଦ୍ୱାର ନିକଟରେ ରଥ ପହଞ୍ଚିଥିଲା। ସେଇଦିନ ରାତି ପ୍ରାୟ ୯ଟା ସମୟରେ ପହଣ୍ଡି ବିଜେ ଆରମ୍ଭ ହୋଇଥିଲା। ୭ ତାରିଖ ଦିନ ପାଗ ଭଲ ରହିବାରୁ ଆବାଳ ବୃଦ୍ଧବନିତା ଭଲରେ ସନ୍ଧ୍ୟା ଦର୍ଶନ କରି ଫେରିଥିଲେ। ୮ ତାରିଖ ସୋମବାର ମଧ୍ୟାହ୍ନ ସମୟର ମହାପ୍ରଭୁ ଜଗମୋହନରେ ବିଜେ କରି ରହିଲେ। ସେପର୍ଯ୍ୟନ୍ତ ରଥମାନ ଦକ୍ଷିଣ ମୁଖା ହୋଇନଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ଯୁଗେଯୁଗେ ରଥଯାତ୍ରା ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ ରହିଛି।

ଗବେଷକମାନଙ୍କ ମତରେ ଅତୀତରେ ରଥଯାତ୍ରା ସମ୍ପାଦନ ବିଧି ମୁତାବକ ହୋଇ ପାରୁନଥିଲା। ଶ୍ରୀଗୁଣ୍ଡିଚା ଦିନ ମହାପ୍ରଭୁ ରଥ ଉପରକୁ ବିଜେ କରିବା ବେଳକୁ ପ୍ରାୟତଃ ରାତି ହୋଇଯାଉଥିଲା। ତେଣୁ ରଥଯାତ୍ରା ଦିନ କେବଳ ପହଣ୍ଡିରେ ସେଦିନର ଯାତ୍ରା ସୀମିତ ରହୁଥିଲା। ତା' ପରଦିନଠାରୁ ରଥଟଣା ଆରମ୍ଭ ହେଉଥିଲା। ଭକ୍ତମାନଙ୍କ ସହଯୋଗରେ ରଥଟଣା ଯାଉଥିଲେ ହେଁ ରଥଯାତ୍ରା ଦିନ ଭଳି ଆଶାନୁରୂପ ଭିଡ଼ ହେଉନଥିଲା। କାଳକ୍ରମେ ରଥ ଟାଣିବା ପାଇଁ କଳାବେଠିଆମାନଙ୍କୁ ନିୟୋଜିତ କରାଗଲା। ସେମାନଙ୍କ ସହଯୋଗରେ ରଥଯାତ୍ରାରେ ରଥଟଣା ସୁଗମ ହେଲା। ଏବେ ଯଦି ଗୋଟିଏ ଦିନରେ ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ପହଞ୍ଚି ନପାରେ, ତେବେ ତା'ପରଦିନ ସକାଳେ ୯ଟାରୁ ୧୦ଟା ମଧ୍ୟରେ ରଥଟଣା ହୋଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥାଏ। ମାତ୍ର କିଛିବର୍ଷ ହେବ ଗୁଣ୍ଡିଚାଯାତ୍ରା ଦିନ ହିଁ ତିନି ରଥ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିଯାଉଛନ୍ତି।



## ରଥରେ ୨୭ ପାର୍ଶ୍ୱଦେବତା

ରଥ ସଂହିତା ମୁତାବକ ଶାସ୍ତ୍ରୀୟ ବିଧିରେ ରଥ ନିର୍ମାଣ କରାଯାଏ। ମାତ୍ର ପ୍ରତ୍ୟେକ ରଥରେ ଅଧିଷ୍ଠିତ ହେଉଥିବା ପାର୍ଶ୍ୱ ଦେବଦେବୀଙ୍କୁ ପ୍ରତିବର୍ଷ ନିର୍ମାଣ କରାଯାଏ ନାହିଁ। ବରଂ ନବକଳେବର ସମୟରେ ଯେବେ ନୂଆ କରି ଚତୁର୍ଦ୍ଧା ବିଗ୍ରହଙ୍କୁ ଗଢ଼ାଯାଏ, ସେଇ ବର୍ଷ ରଥର ପାର୍ଶ୍ୱ ଦେବଦେବୀଙ୍କୁ ନୂଆ କରି ଗଢ଼ାଯାଏ। ରୂପକାର ସେବକମାନେ ଏହି କାର୍ଯ୍ୟ କରିଥାଆନ୍ତି। ନିମ୍ବକାଠରେ ତିନିରଥ ପାଇଁ ମୋଟ୍ ୨୭ ପାର୍ଶ୍ୱ ଦେବଦେବୀଙ୍କ ବିଗ୍ରହ ନିର୍ମାଣ ହୁଏ। ପ୍ରତିବର୍ଷ ପାର୍ଶ୍ୱ ଦେବଦେବୀ ରଥରେ ଅଧିଷ୍ଠିତ ହେବାପୂର୍ବରୁ ଚିତ୍ରକର ସେବକମାନେ ଏହି ପାର୍ଶ୍ୱ ଦେବଦେବୀ ବିଗ୍ରହଙ୍କୁ ରଙ୍ଗ କରିଥାଆନ୍ତି। ଯଦି କୌଣସି ଦେବଦେବୀଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇଥାଏ, ତେବେ ଆବଶ୍ୟକସ୍ଥଳେ ରୂପକାର ସେବକମାନଙ୍କ ଦ୍ୱାରା ଏହାର ମରାମତି କରାଯାଇଥାଏ। ରଥଯାତ୍ରା ପୂର୍ବରୁ ମୂର୍ତ୍ତିରେ ରଙ୍ଗ ଦେବା ପରେ ରଥରେ ସଂଯୋଗ କରାଯାଇଥାଆନ୍ତି। ପ୍ରତ୍ୟେକ ରଥରେ ଦେବଦେବୀଙ୍କୁ ସ୍ଥାନିତ କରାଯିବା ନେଇ କିମ୍ବଦନ୍ତୀ ରହିଛି। କଥିତ ରହିଛି, ନନ୍ଦିଘୋଷ ରଥକୁ ଦେବତାଗଣ ରାବଣ ସହ ଯୁଦ୍ଧ ବେଳେ ଶ୍ରୀରାମଙ୍କୁ ଭେଟି ଦେଇଥିଲେ। ଏହି ରଥରେ ବସି ଶ୍ରୀରାମ ରାବଣ ସହ ଯୁଦ୍ଧ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ୯ ଜଣ ପାର୍ଶ୍ୱ ଦେବଦେବୀ ଅବସ୍ଥାନ କରିଥାନ୍ତି। ପାର୍ଶ୍ୱ ଦେବଦେବୀ ଭାବେ ହରିହର, ପଣ୍ଡୁ ନୃସିଂହ, ଗିରି ଗୋବର୍ଦ୍ଧନଧାରୀ, ରାବଣ ଛତ୍ରଭଙ୍ଗ, ଚିନ୍ତାମଣି କୃଷ୍ଣ, ନାରାୟଣ, ମଧୁସୂଦନ, ଲକ୍ଷ୍ମଣ ଓ ପଞ୍ଚମୁଖୀ ମହାବୀର ସ୍ଥାନିତ ହୋଇଥାଆନ୍ତି। ବଡ଼ଠାକୁର ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ୯ ଜଣ ପାର୍ଶ୍ୱ ଦେବଦେବୀ ଯଥା ପ୍ରଳମ୍ବାରୀ ମହାଦେବ, ବାଇଶିଭୂଜ ନୃସିଂହ, ବଳରାମ, ନଟବର ଗଣେଶ, ଅଙ୍ଗଦ, ନାଟାମ୍ବର, ଷଡ଼ାନନ କାର୍ତ୍ତିକେଶ୍ୱର, ମଧୁକୈଟଭ ଓ ଅନନ୍ତ ବାସୁଦେବ ସ୍ଥାନିତ ହୋଇଥାଆନ୍ତି। ଦର୍ପଦଳନ ରଥର ଅନ୍ୟ ନାମ ଦେବୀଦଳନ ବା ଦେବୀ ରଥ। ଦେବୀ ରଥ ହୋଇଥିବାରୁ ଏହି ରଥରେ ପାର୍ଶ୍ୱ ଦେବଦେବୀ ଭାବେ ଦେବୀମାନେ ଅବସ୍ଥାନ କରିଥାନ୍ତି। ମା' ସୁଭଦ୍ରାଙ୍କର ରଥରେ ୯ ଜଣ ପାର୍ଶ୍ୱ ଦେବଦେବୀ ହେଲେ, ବିମଳା, ମଙ୍ଗଳା, ବାରାହୀ, ଭଦ୍ରକାଳୀ (ମତାନ୍ତରେ ଜୟଦୁର୍ଗା), ଉମା (ମତାନ୍ତରେ ବନଦୁର୍ଗା), କାତ୍ୟାୟନୀ, ହରଚଣ୍ଡୀ, ରାମଚଣ୍ଡୀ ଓ ଅଘୋରା। ଦେବସ୍ନାନ ପୂର୍ଣ୍ଣିମା ପରଠୁ ଚିତ୍ରକରଙ୍କ କାର୍ଯ୍ୟର ଶୁଭାରମ୍ଭ କରାଯାଏ। ମାତ୍ର ଏଥର ଏହାପୂର୍ବରୁ ଆରମ୍ଭ ହୋଇଯାଇଛି।

# ଆକର୍ଷଣୀୟ ଶ୍ରୀଜୀଉଙ୍କ ୩ ବେଶ

### ବଡ଼ସିଂହାର ବେଶ

ରତ୍ନସିଂହାସନରେ ଦୈନନ୍ଦିନ ମହାପ୍ରଭୁଙ୍କର ବଡ଼ସିଂହାର ବେଶ କରାଯାଏ। ମୁଖ୍ୟତଃ ଏହି ବେଶ ଏବଂ ଗୋଟିଏ ଥର ରଥ ଉପରେ ଏହି ରାଜାଧିରାଜ ବେଶରେ ଦର୍ଶନ ଦେଇଥାନ୍ତି ମହାପ୍ରଭୁ। ଦଶହରା, ପୌଷ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା, କାର୍ତ୍ତିକ



ହେଉଛି ପୁଷ୍ପବେଶ। ଅର୍ଥାତ୍ ନାନାଦି ପୁଷ୍ପ ଅଳଙ୍କାରରେ ବିମଣ୍ଡିତ ଶ୍ରୀବିଗ୍ରହମାନଙ୍କ ଏହି ବେଶ ସବୁଠୁ ଆକର୍ଷଣୀୟ। ଚନ୍ଦନଲାଗି ବଢ଼ିବା ପରେ ଠାକୁରଙ୍କୁ ଏହି ବେଶ କରାଯାଏ। ଠାକୁରଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ଲାଗି କରାଯାଏ। ଏହି ବେଶରେ ଦାରୁବିଗ୍ରହ ମୁଖ୍ୟତଃ ଗଭା, ଚନ୍ଦ୍ରିକା, ଅଳକା, ତିଳକ, ଝୁମ୍ପା, ନାକୁଆସୀ, ଦୟଣା, ଅଧରମାଳ, କରପଲ୍ଲବ, ହୃଦୟ ପଦକ ଆଦି ପରିଧାନ କରିଥାନ୍ତି।





### ନାଗାର୍ଜୁନ ବେଶ

ଯେଉଁବର୍ଷ କାର୍ତ୍ତିକ ମାସରେ ପଞ୍ଚକ ପାଞ୍ଚଦିନ ପରିବର୍ତ୍ତେ ଛଅ ଦିନ ପଡ଼ିଥାଏ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପଞ୍ଚକର ଯେଉଁ ତିଥି ମଳ ରୁହେ, ସେହି ମଳ ତିଥିରେ ଦାରୁବିଗ୍ରହମାନଙ୍କର ନାଗାର୍ଜୁନ ବେଶ କରାଯାଏ। ଏହି ବେଶରେ ଠାକୁରମାନେ ମୁଖ୍ୟତଃ ସୋଲ, କନା, ଜରି, ବେତରେ ନିର୍ମିତ ହାଣ୍ଡିଆ, ନିଶଦାଢ଼ି, ସୋଲର ଛୁରି, କଟାରୀ, ବାଘଛାଲ, ସ୍ୱର୍ଣ୍ଣ ନିର୍ମିତ ଶ୍ରୀଭୁଜ, ଶ୍ରୀପୟର, ବାଘନଖମାଳି, ହରିଡ଼ାମାଳି ପରିଧାନ କରିଥାନ୍ତି। ଶ୍ରୀଜଗନ୍ନାଥଙ୍କ ହସ୍ତରେ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ରଙ୍କ ହସ୍ତରେ ହଳ, ମୂଷଳ ଧାରଣ କରି ବୀର ବେଶରେ ସଜ୍ଜିତ ହୋଇଥାନ୍ତି।

### ସୁନାବେଶ

ବର୍ଷକୁ ଏହି ବେଶ ପାଞ୍ଚଥର ହୋଇଥାଏ। ରତ୍ନସିଂହାସନରେ ୪ଥର ପୂର୍ଣ୍ଣିମା ଏବଂ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ଏହି ବେଶ ହୋଇଥାଏ। ମହାପ୍ରଭୁଙ୍କର ସବୁଠୁ ଆକର୍ଷଣୀୟ ତଥା ଦୁର୍ଲ୍ଲଭ ବେଶ ହେଉଛି ସୁନାବେଶ। ଏହି ବେଶରେ ଠାକୁରମାନେ ବିଭିନ୍ନ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହୋଇଥାଆନ୍ତି।

ବଡ଼ ଦେଉଳ ସ୍ଥାପତ୍ୟ

ବଡ଼ ଦେଉଳଟି ପଞ୍ଚରଥ ଶୈଳୀରେ ନିର୍ମିତ। ଦେଉଳ ଚାରିପଟେ 'ମେଘନାଦ ପାଚେରୀ' ରହିଛି। ମେଘନାଦ ପାଚେରୀ ଭିତର ପଟେ 'କୂର୍ମ ପାଚେରୀ' ନାମକ ଆଉ ଏକ ପାଚେରୀ ରହିଛି। କୂର୍ମପାଚେରୀ ମଝିରେ ଥିବା 'କୂର୍ମବେଢ଼ା' ମଝି ଭାଗରେ ବଡ଼ଦେଉଳ। ଦେଉଳଟି ଚାରି ଭାଗରେ ବିଭକ୍ତ। ବିମାନ (ମୁଖ୍ୟ ମନ୍ଦିର ବା ଗର୍ଭଗୃହ), ଜଗମୋହନ ବା ମୁଖଶାଳା, ନାଟମଣ୍ଡପ ଓ ଭୋଗମଣ୍ଡପ। ଭୋଇବଂଶ ପ୍ରଥମ ରାଜା ରାମଚନ୍ଦ୍ର ଦେବଙ୍କ ସମୟରେ ମନସିଂହଙ୍କ ପତ୍ନୀ ଗୌରୀ ମହାଦେବୀ ମୁକ୍ତିମଣ୍ଡପର ନିର୍ମାଣ କରାଇଥିଲେ। ୩୮ ଫୁଟ୍ ଦୈର୍ଘ୍ୟ ଓ ୩୮ ଓସାରର ଓ ୧୬ଟି ସ୍ତମ୍ଭ ବିଶିଷ୍ଟ ମୁକ୍ତି ମଣ୍ଡପ ନିର୍ମାଣ କରାଯାଇଥିଲା।

ରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ଭବ୍ୟ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ଦେଶ ବିଦେଶର ବିଶିଷ୍ଟ ବ୍ୟକ୍ତି ଯୋଗଦେବାକୁ ଯାଉଥିବାରୁ ସେମାନଙ୍କୁ ଜଗନ୍ନାଥ ସଂସ୍କୃତି ବିଷୟରେ ଅବଗତ କରିବା ଲାଗି ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସହରକୁ ସୁନ୍ଦର ଭାବେ ସଜା ଯାଉଛି। ଶ୍ରୀକ୍ଷେତ୍ରରେ ପାଦ ଦେବା ମାତ୍ରେ ଯେପରି ଯେକେହି ଏକ ଆଧାତ୍ମିକ ଭାବନାରେ ଭିଜିବେ, ସେଥିଲାଗି ସବୁମତେ ଚେଷ୍ଟା ଚାଲିଛି। ସେହିପରି ବିଶ୍ୱନିୟନ୍ତାଙ୍କ ବିଭିନ୍ନ ବେଶ ମଧ୍ୟ ପ୍ରଦର୍ଶନ କରାଯିବ। ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନ ଜଗନ୍ନାଥ ବଲ୍ଲଭ ପରିସରରେ ଏଥିପାଇଁ ଚାଲିଛି ପ୍ରସ୍ତୁତି। ପୁରୀର ବିଶିଷ୍ଟ ବେଶ ଶିଳ୍ପୀ ବସନ୍ତ ରଣା (ଇଲା) ଏହି ବେଶ ତିଆରିର ଦାୟିତ୍ୱ ନେଇଛନ୍ତି। ପ୍ରଶାସନଠାରୁ ନିର୍ଦ୍ଦେଶ ପାଇବା ପରେ ପ୍ରାୟ ଅଢ଼େଇ ମାସ ପୂର୍ବରୁ ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ଗଙ୍ଗାମାତା ମଠ ପରିସରରେ ବେଶ ତିଆରି କରୁଛନ୍ତି। ସେ ତିଆରି କରୁଥିବା ବେଶଗୁଡ଼ିକ ମଧ୍ୟରେ ରହିଛି, ଅବକାଶ ବେଶ (ତଡ଼ପ ଉତ୍ତରି ବେଶ), ଜାମାଲାଗି ବେଶ, ନବାଙ୍କ ବେଶ, ସାଧା ବେଶ, ରାଧାଦାମୋଦର ବେଶ, ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ), ବାଙ୍କଚୂଡ଼ ବେଶ, ତ୍ରିବିକ୍ରମ ବେଶ (ଡାଳିକିଆ ବେଶ), ଘୋଡ଼ାଲାଗି ବେଶ, ପଦ୍ମମୁଖ ବେଶ, ଗଜଉଦ୍ଧାରଣ ବେଶ, ଚାଚେଡ଼ି ବେଶ, ବଡ଼ସିଂହାର ବେଶ, ଗଜାନନ ବା ହାତୀବେଶ, ରାଜାଧିରାଜ ବେଶ (ସୁନାବେଶ), ବନ ଭୋଜି ବେଶ, କାଳୀୟଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣ ବଳରାମ ବେଶ, ବାମନ ବେଶ, ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ), ନାଗାର୍ଜୁନ ବେଶ, ଶ୍ରାଦ୍ଧ ବେଶ, ରଘୁନାଥ ବେଶ (ରାମାଭିଷେକ) ବେଶ ଓ ଚନ୍ଦନଲାଗି ବେଶ।

# ମଣିଷ ପାଇଁ ନୂଆ ବିପଦ: ମାତ୍ର ୨ ଦିନରେ ଜୀବନ ନେଉଛି ସଂକ୍ରମଣ

ଜାପାନର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫେକସିୟସ ଡିଜିଜ୍‌ର ସଦ୍ୟତମ ରିପୋର୍ଟ ଆଶ୍ଚର୍ଯ୍ୟଜନକ ଅଟେ। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ ୯୭୭ଟି ଷ୍ଟ୍ରେପଟୋକୋକାଲ୍ ଟକ୍ସିକ୍ ଶକ୍ ସିଣ୍ଡ୍ରୋମ (ଏସଟିଏସଏସ) ଅର୍ଥାତ୍ ମାଂସ ଖାଉଥିବା ବ୍ୟାକ୍ଟେରିଆ ସଂକ୍ରମଣରେ ସଂକ୍ରମିତ ହୋଇଥିବା ଆକ୍ରାନ୍ତଙ୍କୁ ରିପୋର୍ଟ କରାଯାଇଛି। ଗତ ବର୍ଷ ଏହି ମାମଲା ସଂଖ୍ୟା ୯୪୧ ଥିଲା। ଜାପାନରେ ବ୍ୟାପିଥିବା ଏହି ବିରଳ ରୋଗ ୨ ଦିନରେ ଜଣେ ବ୍ୟକ୍ତିଙ୍କ ଜୀବନ ନେଇଥାଏ। ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଜାପାନରେ ମାମଲା ସଂଖ୍ୟା ୨,୫୦୦ ଅତିକ୍ରମ କରିପାରେ। ଦେଶରେ ଏହି ରୋଗ ବର୍ତ୍ତମାନ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି ବୋଲି ଆକଳନ ରିପୋର୍ଟରେ ପ୍ରକାଶ ପାଇଛି। ଜଣେ ଆକ୍ରାନ୍ତ ମାତ୍ର ୪୮ ଘଣ୍ଟା ମଧ୍ୟରେ ମରିପାରନ୍ତି । ଜାପାନର ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇନଫେକସିୟସ ଡିଜିଜ୍‌ର ୧୯୯୯ ମସିହାରୁ ଏସଟିଏସଏସର ଟ୍ରାକିଂ କରୁଛି। ଗ୍ରୁପ୍ ଏ ଷ୍ଟ୍ରେପ୍ଟୋକୋକସ୍ (ଜିଏଏସ)ର ଲକ୍ଷଣ ପ୍ରାୟତଃ ପିଲାମାନଙ୍କଠାରେ ଦେଖାଯାଏ । ଏହି ସକ୍ରମଣରେ ପିଲାମାନେ ଫୁଲିଯିବା ଏବଂ ଗଳା ଯନ୍ତ୍ରଣା ଅନୁଭବ କରନ୍ତି। ଏହାକୁ ଷ୍ଟ୍ରେପ୍ ଥ୍ରୋଟ୍ ମଧ୍ୟ କୁହାଯାଏ । ଅଙ୍ଗରେ ଯନ୍ତ୍ରଣା ଏବଂ ଫୁଲା, ଜ୍ୱର, ନିମ୍ନ ରକ୍ତଚାପ ମଧ୍ୟ ଏହାର ଗମ୍ଭୀର ଲକ୍ଷଣ। ଏଥିରେ ଆକ୍ରାନ୍ତଙ୍କର ନେକ୍ରୋସିସ୍, ଅଙ୍ଗ ବିଫଳତା, ଶ୍ୱାସକ୍ରିୟାରେ ସମସ୍ୟା ଯୋଗୁ ମୃତ୍ୟୁ ହୋଇପାରେ। ୫୦ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ଏହି ରୋଗର ସଂକ୍ରମିତ ହେବାର ଆଶଙ୍କା ଅଧିକ । ଟୋକିଓ ମହିଳା ମେଡିକାଲ ୟୁନିଭରସିଟିର ବିଶେଷଜ୍ଞଙ୍କ ମତ ମଧ୍ୟ ଏହା ସହିତ ଭିନ୍ନ। ଅଧିକାଂଶ ଲୋକଙ୍କର ମୃତ୍ୟୁ ୪୮ ଘଣ୍ଟା ମଧ୍ୟରେ ଘଟିଥାଏ। ଏହି ରୋଗର ସଂକ୍ରମଣ ଅନ୍ୟ ଦେଶରେ



ମଧ୍ୟ ଦେଖିବାକୁ ମିଳିଛି। ୫ ୟୁରୋପୀୟ ଦେଶ ଡବ୍ଲୁଏଚଓ ସଂକ୍ରମଣର ବୃଦ୍ଧି ବିଷୟରେ ଜଣାଇଛନ୍ତି । ଏସଟିଏସଏସର ନାମ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ । ଏଥି ସହିତ, ଡବ୍ଲୁଏଚଓ କହିଛି ଯେ କୋଭିଡ କଟକଣା ହଟାଇବା ପରେ ଏହି ମାମଲା ବୃଦ୍ଧି ପାଇଛି। ଚଳିତ ୨୦୨୪ ବର୍ଷରେ ମୃତ୍ୟୁ ହାର ୩୦ ପ୍ରତିଶତ ଏବଂ ମାମଲା ୨,୫୦୦ ଅତିକ୍ରମ କରିପାରେ। ଲୋକମାନେ ଲଗାତାର ହାତ ସଫା କରିବା ଉଚିତ୍ ଏବଂ ତୁରନ୍ତ ଡାକ୍ତରଙ୍କ ଦ୍ୱାରା କ୍ଷତର ଚିକିତ୍ସା କରାଇବା ଉଚିତ୍ । ଜିଏଏସ ସଂକ୍ରମଣ ରୋଗୀର ଅନ୍ତଃନଳୀରେ ମଧ୍ୟ ବ୍ୟାପିପାରେ ।

# ମହାକାଶରୁ ଠାବ ହେବ ମହାସାଗର ବର୍ଜ୍ୟ



ସମୁଦ୍ରରେ ଭାସୁଥିବା ପାହାଡ଼ ସଦୃଶ ପ୍ଲାଷ୍ଟିକ୍ ବର୍ଜ୍ୟ ସବୁକୁ ମହାକାଶରୁ ନିରୀକ୍ଷଣ କରିହେବ। ସୁପରକମ୍ପ୍ୟୁଟରର ସାହାଯ୍ୟ ନେଇ ଉପଗ୍ରହ ମାଧ୍ୟମରେ ଅନୁଧ୍ୟାନ ଦ୍ୱାରା ଏହା ସମ୍ଭବ ବୋଲି ସ୍ପେନର କାଡିଜ୍ ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ଗବେଷଣା ସଂସ୍ଥାର ଅନୁସନ୍ଧାନକାରୀମାନେ ଆଶା ପୋଷଣ କରିଛନ୍ତି। ପୃଥିବୀର ମହାସାଗରଗୁଡ଼ିକୁ ପ୍ରଦୂଷିତ କରି ଚାଲିଥିବା ପ୍ଲାଷ୍ଟିକ ପଦାର୍ଥଗୁଡ଼ିକର ସିଂହଭାଗ ସମୁଦ୍ର ଉପରିଭାଗରେ ଭାସିବା ଅପେକ୍ଷା ପାଣି ଭିତରେ ଠୁଳ ହେଉଛନ୍ତି। ନାନା ସମସ୍ୟା ସୃଷ୍ଟି କରୁଥିବା ଏହି ବର୍ଜ୍ୟ ପଦାର୍ଥଗୁଡ଼ିକର ସଠିକ୍ ପରିଚାଳନା ପାଇଁ ଆକାଶ ମାର୍ଗରୁ ଉପଗ୍ରହରୁ ତାହାକୁ ନିରୀକ୍ଷଣ କରିବା ହିଁ ଗବେଷକମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଆସିଛି। ତେବେ ଏକ ନୂତନ ସୁପରକମ୍ପ୍ୟୁଟର ପ୍ରଣାଳୀ ଦ୍ୱାରା ସେହି କାର୍ଯ୍ୟ ଏଣିକି ଅନାୟାସରେ ହୋଇପାରିବ ବୋଲି ଜଣାଯାଇଛି। ଏହାଦ୍ୱାରା ସମୁଦ୍ର ପ୍ରଦୂଷଣ ପରି ବୈଶ୍ୱିକ ସମସ୍ୟାର ଆଶାନୁରୂପ ସମାଧାନ ହୋଇପାରିବ। ୟୁରୋପୀୟ ମହାକାଶ ସଂସ୍ଥା ଦ୍ୱାରା ପ୍ରେରିତ 'କୋପରନିକସ୍ ସେଣ୍ଟିନେଲ୍-୨' ଉପଗ୍ରହ ବିଗତ ୬ ବର୍ଷରେ ଉଠାଇଥିବା ଭୂମଧ୍ୟସାଗରର ୩,୦୦,୦୦୦ଟି ଫଟୋକୁ ବିଶ୍ଳେଷଣ କରି ଏଭଳି ଆଶା ଉଜ୍ଜୀବିତ ହୋଇଛି। ସମୁଦ୍ର ଉପରେ ଭାସି ବୁଲୁଥିବା 'ବିଣ୍ଡ୍ରୋ' ବା କ୍ଷଣସ୍ଥାୟୀ ବର୍ଜ୍ୟ ଟୁକୁଡ଼ାଗୁଡ଼ିକ ପାଣି ଭିତରେ ଛପିଯିବା ଆଗରୁ ମାଇଲ ମାଇଲ ଧରି ଭାସି ବୁଲୁଥା'ନ୍ତି। ଅନୁସନ୍ଧାନକାରୀମାନେ ୨୦୧୫ ଜୁଲାଇ ଓ ୨୦୨୧ ସେପ୍ଟେମ୍ବର ମଧ୍ୟରେ ଏପରି ୧୪,୩୭୪ଟି 'ବିଣ୍ଡ୍ରୋ' ଉପରେ ନିଘା ରଖି ଏହି ନିର୍ଯାସରେ ପହଞ୍ଚି ପାରିଛନ୍ତି। ପ୍ରାୟ ୯୪.୫ ବର୍ଗ କି.ମି. ପରିମିତ ସମୁଦ୍ର ଜଳରାଶିକୁ ପ୍ରଦୂଷିତ କରିଥିବା 'ବିଣ୍ଡ୍ରୋ' ଭିତରୁ ଅଧିକାଂଶ ଯୋଡ଼ି ହୋଇ ୧ କି.ମି. ଯାଏ ଲମ୍ବିଥିବା ବେଳେ ୨୭ଟି ୧୦ରୁ ୨୩ କି.ମି. ଲମ୍ବର ହୋଇଥିଲେ। ବିଭିନ୍ନ ଜଳସ୍ରୋତରେ ଭାସି ଆସି ସମୁଦ୍ରରେ ମିଶୁଥିବା ଏହି ବର୍ଜ୍ୟବସ୍ତୁଗୁଡ଼ିକ ସାଧାରଣତଃ ସମୁଦ୍ର କୂଳଠାରୁ ୧୫ କି.ମି. ଭିତରେ ହିଁ ରହିଥା'ନ୍ତି। ଗବେଷକମାନଙ୍କ ଏହି ସୁପରକମ୍ପ୍ୟୁଟର ପ୍ରସୂତ ନୂତନ ପଦ୍ଧତି ବିଭିନ୍ନ ପ୍ରଦୂଷିତ ଇଲାକା ଠାବ କରି ସମୁଦ୍ର ପରିମଳ ପ୍ରକଳ୍ପଗୁଡ଼ିକ ଲାଗି ସହାୟକ ହେବା ସହ ଜାହାଜର ତୈଳ କ୍ଷରଣ ଚିହ୍ନଟ କରିବା ସମେତ ଅନ୍ୱେଷଣ ଓ ଉଦ୍ଧାର ସ୍ଥିତିକୁ ସୁହାଇବ ବୋଲି ଗବେଷକମାନେ ଆଶାବାଦୀ ଅଛନ୍ତି।

# ଡିଜିଟାଲ୍ ଆଫ୍ଟରଲାଇଫ୍: ମୃତ୍ୟୁ ପରେ ମଧ୍ୟ ଟେକ୍ନୋଲୋଜି ଲୋକଙ୍କୁ ଜୀବନ୍ତ ରଖିବ

ଭବିଷ୍ୟତରେ ଲୋକେ ନିଜ ଫୋନକୁ ଏକ ବାର୍ତ୍ତା ଆସିବ ଯାହା ତାଙ୍କୁ ଜଣାଇଦେବ ଯେ ତାଙ୍କର ମୃତ ସମ୍ପର୍କୀୟ କିମ୍ବା ପ୍ରିୟଜନଙ୍କ ଏକ ଡିଜିଟାଲ୍ ବଟ୍ ସୃଷ୍ଟି ହୋଇଛି। ସେ ମୃତ ପ୍ରିୟଜନଙ୍କ ଭର୍ଚୁଆଲ୍ ସଂସ୍କରଣ ସହିତ ଯୋଗାଯୋଗ କରିପାରିବେ। ଏହା କୌଣସି ଚଳଚ୍ଚିତ୍ର ପରି ଲାଗୁଥିଲେ ମଧ୍ୟ ଏହା ସତ୍ୟ। ଏହି କଳ୍ପନା ଭବିଷ୍ୟତରେ ସତ୍ୟ ହେବ। ବାସ୍ତବରେ, ଏହିପରି ସେବା ପ୍ରଦାନ କରୁଥିବା ଡିଜିଟାଲ୍ ଆଫ୍ଟରଲାଇଫ୍ ଶିଳ୍ପ ବର୍ତ୍ତମାନ ନିଜର ସ୍ଥିତିକୁ ସୁଦୃଢ଼ କରୁଛନ୍ତି। ଅନେକ କମ୍ପାନୀ ଏହି ଦୁନିଆ ଛାଡିଥିବା ଲୋକଙ୍କ ଭର୍ଚୁଆଲ୍ ମଡେଲ୍ ସୃଷ୍ଟି କରିବାକୁ ଦାବି କରୁଛନ୍ତି, ଯାହା ସହିତ ଲୋକେ ସେମାନଙ୍କ ସହିତ କଥାବାର୍ତ୍ତା କରିବାକୁ ସମର୍ଥ ହେବେ ଯେପରି ସେମାନେ ଜୀବିତ ଅଛନ୍ତି ସେପରି ଲାଗିବେ। କୃତ୍ରିମ ଇଣ୍ଟେଲିଜେନ୍ସ ଚାଟବଟ୍ (ଏଆଇ ଚାଟବଟ୍) ଠାରୁ ଭର୍ଚୁଆଲ୍ ଅବତାର ଏବଂ ହୋଲୋଗ୍ରାମ ପର୍ଯ୍ୟନ୍ତ, ଏହି ଟେକ୍ନୋଲୋଜି ସୁବିଧା ଏବଂ ଅସୁବିଧାର ଏକ ଅଦ୍ଭୁତ ମିଶ୍ରଣ ପ୍ରଦାନ କରିବ। ବିଶେଷଜ୍ଞଙ୍କ ଅନୁଯାୟୀ, ଲୋକମାନେ ନିଜ ପ୍ରିୟଜନଙ୍କୁ ହରାଇଥିବାର ଦୁଃଖକୁ କିଛି ମାତ୍ରାରେ ଲାଘବ କରି ପାରିବେ। କିନ୍ତୁ ଏନେଇ ସମସ୍ୟା ମଧ୍ୟ ଗୁରୁତର ହୋଇପାରେ। ଉଦାହରଣ ସ୍ୱରୂପ, ଜଣେ ବ୍ୟକ୍ତି ତାଙ୍କ ମୃତ ପିତାଙ୍କ ଏକ ଡିଜିଟାଲ୍ ସଂସ୍କରଣ ସହିତ କଥା ହେବେ। ଏହି ସମୟ ମଧ୍ୟରେ ତାଙ୍କର ଭାବପ୍ରବଣ ଅବସ୍ଥା ଅତ୍ୟନ୍ତ କଷ୍ଟଦାୟକ ଏବଂ ବିପଜ୍ଜନକ ହୋଇପାରେ। ଏହିପରି ରହସ୍ୟ ଏବଂ କାହାଣୀଗୁଡିକ ପ୍ରକାଶ କରାଯାଇପାରେ ଯାହା କଳ୍ପନା କରାଯାଇ ପାରି ନ ଥାନ୍ତା। ଏହା ମଧ୍ୟ ସେହି ବ୍ୟକ୍ତିଙ୍କ ବିଷୟରେ ଦୃଷ୍ଟିକୋଣ ବଦଳାଇପାରେ। ଡିଜିଟାଲ୍ ଆଫ୍ଟରଲାଇଫ୍ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନୈତିକ ଏବଂ ଭାବଗତ ଆହ୍ୱାନ ସୃଷ୍ଟି କରିଛି। ସେଥିମଧ୍ୟରେ ଜୀବନ ଉପରେ ଅନୁମତି, ଗୋପନୀୟତା ଏବଂ ମାନସିକ ପ୍ରଭାବ ଆଦି ଅନ୍ତର୍ଭୁକ୍ତ। ଏହି ଇଣ୍ଡଷ୍ଟ୍ରିର କମ୍ପାନୀଗୁଡିକ ଭର୍ଚୁଆଲ୍ ରିଅଲିଟି (ଭିଆର) ଏବଂ ଏଆଇ ଟେକ୍ନୋଲୋଜି ବ୍ୟବହାର କରି ଲୋକଙ୍କ ପ୍ରିୟ ଲୋକଙ୍କ ଭର୍ଚୁଆଲ୍ ମଡେଲ୍ ସୃଷ୍ଟି କରିବାକୁ କାର୍ଯ୍ୟ କରୁଛନ୍ତି। ଏଥିପାଇଁ ଏହି କମ୍ପାନୀଗୁଡିକ ଜଣେ ବ୍ୟକ୍ତିଙ୍କ ସୋସିଆଲ ମିଡିଆ ପୋଷ୍ଟ, ଇ-ମେଲ, ପାଠ୍ୟ ବାର୍ତ୍ତା ଏବଂ ଭଏସ୍ ରେକର୍ଡିଂ ବ୍ୟବହାର କରି ଏକ ଡିଜିଟାଲ୍ ପର୍ସନା ସୃଷ୍ଟି କରୁଛନ୍ତି। ବର୍ତ୍ତମାନ, ଏହିପରି ସେବା ପ୍ରଦାନ କରୁଥିବା କମ୍ପାନୀଙ୍କ ସଂଖ୍ୟାରେ କ୍ରମାଗତ ବୃଦ୍ଧି ଘଟୁଛି। ହିୟର ଆଫ୍ଟର ନାମକ ଏକ କମ୍ପାନୀ ଏହାର ଉପଭୋକ୍ତାମାନଙ୍କୁ ସେମାନଙ୍କ ଜୀବନ କାଳରେ କାହାଣୀ ଏବଂ ବାର୍ତ୍ତା ରେକର୍ଡ କରିବାକୁ ଅନୁମତି ଦେଉଛି, ଯାହା ସେମାନଙ୍କ ପରିବାର ମୃତ୍ୟୁ ପରେ ବ୍ୟବହାର କରିବାକୁ ସମର୍ଥ ହେବେ। ଅନ୍ୟ ଏକ କମ୍ପାନୀ ହେଉଛି ମାଇଁ ୱିସେସ୍। ଯାହା ମୃତ୍ୟୁ ପରେ ବାର୍ତ୍ତା ପଠାଇବା ସେବା ପ୍ରଦାନ କରିବ। ଏହି ବାର୍ତ୍ତାଗୁଡିକ ଆଗୁଆ ଧାର୍ଯ୍ୟ କରାଯାଇଛି ଏବଂ ମୃତ୍ୟୁ ପରେ ପର୍ଯ୍ୟାୟକ୍ରମେ ପଠାଯାଇପାରିବ। ଏହା ବ୍ୟତୀତ ହାନସନ୍ ରୋବୋଟିକ୍ସ ନାମକ ଏକ କମ୍ପାନୀ ଏକ ରୋବୋଟିକ୍ ଟର୍ସ ସୃଷ୍ଟି କରିଛି ଯାହା ତାଙ୍କ ସ୍ମୃତି ଏବଂ ବ୍ୟକ୍ତିତ୍ୱ ଗୁଣ ବ୍ୟବହାର କରି ମୃତଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିପାରିବ। ଏହି ଶିଳ୍ପରେ ଜେନେରେଟିଭ୍ ଏଆଇର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରକାର ଟେକ୍ନୋଲୋଜି ଅତ୍ୟନ୍ତ ବାସ୍ତବବାଦୀ ଏବଂ ଇଣ୍ଟରାକ୍ଟିଭ୍ ଡିଜିଟାଲ୍ ବ୍ୟକ୍ତିବିଶେଷ ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି ବାସ୍ତବତାର ଏକ ଉଚ୍ଚସ୍ତର ବାସ୍ତବତା ଏବଂ ଅନୁକରଣ ମଧ୍ୟରେ ଅନ୍ତରକୁ ଏହା ଅସ୍ପଷ୍ଟ କରିପାରେ। ଏହା ଉପଭୋକ୍ତାଙ୍କ ଅଭିଜ୍ଞତାକୁ ଉନ୍ନତ କରିପାରେ, କିନ୍ତୁ ଏହା ଲୋକମାନଙ୍କ ମଧ୍ୟରେ ଭାବପ୍ରବଣ ଏବଂ ମାନସିକ ଦୁଃଖ ମଧ୍ୟ ସୃଷ୍ଟି କରିପାରେ। ବାସ୍ତବରେ, ପ୍ରତ୍ୟେକ ମନୁଷ୍ୟର ଜୀବନରେ କିଛି ରହସ୍ୟ ଅଛି ଯାହାକୁ ସେ କାହା ସହିତ ଅଂଶୀଦାର କରନ୍ତି ନାହିଁ। ଏପରି ପରିସ୍ଥିତିରେ, ଏହି ଟେକ୍ନୋଲୋଜି ଲୋକମାନଙ୍କ ମଧ୍ୟରେ ଗୁରୁତର ଭାବପ୍ରବଣତା ମଧ୍ୟ ସୃଷ୍ଟି କରିବାର ସମ୍ଭାବନା ରହିଛି।

# କ୍ରୋଧ କମାଉଛି ଓମେଗା-୩

ଏକ ଖାଦ୍ୟ ପରିପୂରକ ଭାବେ ବ୍ୟବହୃତ ତଥା ମାଛ ତେଲରେ ରହିଥିବା ଓମେଗା-୩ ପରି ଚର୍ବିଳାମ୍ଳ ଆମର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରଖିବା ସହ ଆମର ଆକ୍ରମଣାତ୍ମକ ମନୋଭାବ କମାଇଥାଏ ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାଯାଇଛି। ପୂର୍ବରୁ ସିଜୋଫ୍ରେନିଆ ରୋଗର ପ୍ରତିରୋଧକ ଭାବେ ଏହି ଓମେଗା-୩କୁ ବିବେଚନା କରାଯାଉଥିଲା। ଏହି ଅବସରରେ କୌଣସି ପୋଷକତତ୍ତ୍ୱର ଅଭାବକୁ ପୀଡ଼ିତର ଆକ୍ରମଣାତ୍ମକ ମନୋଭାବ ଓ ଅସାମାଜିକ ବ୍ୟବହାର ପାଇଁ ଦାୟୀ କରାଯାଉଥିଲା। ଆମେ ଯାହା ଭକ୍ଷଣ କରୁଛୁ, ତାହା ଆମର ମସ୍ତିଷ୍କ ରସାୟନକୁ ପ୍ରଭାବିତ କରିଥାଏ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ପେନସିଲଭାନିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଅନୁଯାୟୀ, ଏହି ଓମେଗା-୩ ମଧ୍ୟ ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ପ୍ରଭାବିତ କରୁଛି। ୧୯୯୬ ମସିହାରୁ ୨୦୨୪ ମଧ୍ୟରେ ଏକ ଦୀର୍ଘମିଆଦୀ ଅନୁଧ୍ୟାନରେ ୩,୯୧୮ଜଣ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ପ୍ରାୟ ୨୯ ପ୍ରକାର ନିୟନ୍ତ୍ରିତ ପରୀକ୍ଷା ନିରୀକ୍ଷା ଚଳାଇ ସେମାନେ ଏହି ନିର୍ଯାସରେ ପହଞ୍ଚିପାରିଛନ୍ତି। ବୟସ-ଲିଙ୍ଗ ନିର୍ବିଶେଷରେ ପ୍ରାୟ ୧୬ ସପ୍ତାହର ଓମେଗା-୩ ପ୍ରୟୋଗ ଦ୍ୱାରା ପ୍ରାୟ ୨୮ ପ୍ରତିଶତ ଆକ୍ରମଣାତ୍ମକ ମନୋଭାବ କମିପାରୁଛି ବୋଲି ଜାଣିବାକୁ ମିଳିଛି। ପେନସିଲଭାନିଆ ଗବେଷକମାନଙ୍କ ଏହି ନୂତନ ସିଦ୍ଧାନ୍ତ ଏକ ସକାରାତ୍ମକ ପରିଣାମ ଆଣିପାରିବାର ଆଶା ସଂଚାର କରିଛି। ବିଶେଷ କରି ଏପରି ଆକ୍ରମଣାତ୍ମକ ବ୍ୟବହାର ପ୍ରଦର୍ଶନ ଦେଖାଉଥିବା ଶିଶୁଙ୍କୁ ସପ୍ତାହକୁ ସ୍ୱାଭାବିକଠାରୁ ଟିକେ ଅଧିକ ପରିମାଣର ମାଛ ଖାଇବାକୁ ଦେଇ ତାହାକୁ ନିୟନ୍ତ୍ରଣ କରିହେବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ସେହିପରି ଶରୀରରେ ଏହି ଓମେଗା-୩ ଚର୍ବିଳାମ୍ଳର ସନ୍ତୁଳନ ହିଁ ସମାଜରେ ହିଂସାତ୍ମକ କାର୍ଯ୍ୟକଳାପ ରୋକିବାରେ ଅନ୍ୟତମ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।



30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଜୁନ୍, ବୁଧବାର, ୨୦୨୪


# ଡିଏଲ୍ଏସ ପଦ୍ଧତିର ଜନକ ଫ୍ରାଙ୍କ ଡକଓ୍ୱର୍ଥଙ୍କ ପରଲୋକ

**ଲଣ୍ଡନ**



କ୍ରିକେଟ୍‌ରେ ବର୍ଷା ପରେ ମ୍ୟାଚ୍‌ର ଫଳାଫଳ ପାଇବା ପାଇଁ ଡକର୍ଥ-ଲୁଇସ୍-ଷ୍ଟର୍ନ ପଦ୍ଧତି ବ୍ୟବହୃତ ହୁଏ। ଏହି ନିୟମର ସୃଷ୍ଟିକର୍ତ୍ତାମାନଙ୍କ ମଧ୍ୟରୁ ଫ୍ରାଙ୍କ ଡକଓ୍ୱର୍ଥଙ୍କର ଦେହାନ୍ତ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ସେ, ତାଙ୍କ ସାଥୀ ଟନି ଲୁଇସଙ୍କ ସହ, ବର୍ଷା କିମ୍ବା ଅନ୍ୟାନ୍ୟ କାରଣରୁ ବାଧାପ୍ରାପ୍ତ ସୀମିତ ଓଭର ମ୍ୟାଚ୍‌ରେ ଉଚିତ ଫଳାଫଳ କରିବାକୁ ଏହି ନିୟମ ପ୍ରସ୍ତୁତ କରିଥିଲେ। ୧୯୯୭ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଏହି ନିୟମ ଲାଗୁ କରାଯାଇଥିଲା। ୨୦୦୧ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ଏହି ନିୟମ ଆନୁଷ୍ଠାନିକ ଭାବେ ଗ୍ରହଣ କରାଯାଇଥିଲା।

ଏହି ନିୟମ ପ୍ରଥମେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୧୯୯୭ରେ ପ୍ରବର୍ତ୍ତିତ ହୋଇଥିଲା ଏବଂ ୨୦୦୧ରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ଏହା ଅଧିକାରିକ ଭାବରେ ଗ୍ରହଣ କରାଯାଇଥିଲା।

ଟି-୨୦ ବିଶ୍ୱକପ ୨୦୨୪ର ସୁପର ୮ ମ୍ୟାଚ୍‌ରେ ଆଫଗାନିସ୍ତାନ ବାଂଲାଦେଶ ମ୍ୟାଚ୍‌ରେ ବର୍ଷା ହୋଇଥିଲା ଯାହା ପରେ ଡକର୍ଥ-ଲୁଇସ ନିୟମ ବ୍ୟବହାର କରାଯାଇଥିଲା। ଏହି ନିୟମରେ, ଜଟିଳ ପରିସଂଖ୍ୟାନ ବିଶ୍ଳେଷଣ ଉପରେ ଆଧାର କରି ଦଳକୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଦିଆଯାଇଥିଲା। ଏହି ଲକ୍ଷ୍ୟ ସ୍ଥିର କରିବାରେ ଅବଶିଷ୍ଟ ଓ୍ୱିକେଟ ଏବଂ ଅବଶିଷ୍ଟ ଓଭର ମଧ୍ୟ ଗଣାଯାଇଥାଏ।

ଡକଓ୍ୱର୍ଥ ଏବଂ ଲୁଇସ୍ ୨୦୧୪ରେ ଅବସର ନେଇଥିଲେ ଏହା ପରେ ଏହି ନିୟମର ନାମ ଡିଏଲ୍ଏସ୍‌ରେ ପରିବର୍ତ୍ତିତ ହୋଇଥିଲା।

# ବର୍ଷା ଯୋଗୁ ମ୍ୟାଚ୍ ନ ହେଲେ ବି ଫାଇନାଲକୁ ଯିବ ଭାରତ

**ନୂଆଦିଲ୍ଲୀ**




ଟି-୨୦ ବିଶ୍ୱକପର ସପୁର ୮ରେ ଶେଷ ମୁକାବିଲା ନାଟକୀୟ ଢଙ୍ଗରେ ଶେଷ ହୋଇଛି। ସମସ୍ତଙ୍କୁ ଚକିତ କରି ବିଶ୍ୱକପର ସେମି ଫାଇନାଲରେ ପ୍ରବେଶ କରିଛି ଆଫଗାନିସ୍ତାନ। ପ୍ରଥମ ସେମିରେ ଦକ୍ଷିଣ ଆଫ୍ରିକା ସହ ମ୍ୟାଚ୍ ଖେଳିବ। ଭାରତର ମୁକାବିଲା ଦ୍ୱିତୀୟ ସେମିରେ ଇଂଲଣ୍ଡ ସହ ହେବ। ୨୦୨୨ରେ ଇଂଲଣ୍ଡ ୧୦ ଓ୍ୱିକେଟରେ ଭାରତକୁ ସେମି ଫାଇନାଲରେ ହରାଇବା ପରେ ଫାଇନାଲରେ ଟ୍ରଫି ଜିତିଥିଲା। ତେଣୁ ଭାରତ ପାଖରେ ଏହାର ମଧୁର ପ୍ରତିଶୋଧ ନେବାର ସୁଯୋଗ ରହିଛି।

ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ ପ୍ରଥମ ସେମି ଫାଇନାଲରେ ମୁହାଁମୁହିଁ ହେବେ। ଗୁରୁବାର ଭାରତୀୟ ସମୟ ସକାଳ ୬ଟାରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ସେହିପରି ଭାରତ ଓ ଇଂଲଣ୍ଡ ଭାରତୀୟ ସମୟ ସନ୍ଧ୍ୟା ୮ରେ ଗାୟାନାରେ ମୁହାଁମୁହିଁ ହେବେ।

ଟୁର୍ଣ୍ଣାମେଣ୍ଟ ପୂର୍ବରୁ ହିଁ ଭାରତ ଗାୟାନାରେ ସେମିଫାଇନାଲ ଖେଳିବ ବୋଲି ସ୍ଥିର ହୋଇଥିଲା। ଦୁଇଟି ଯାକ ଭେନ୍ୟୁର ପ୍ଲେଇଂ କଣ୍ଡିସନ ପୂରା ଭିନ୍ନ। ଭାରତ-ଇଂଲଣ୍ଡ ସେମି ଫାଇନାଲ ପାଇଁ କୌଣସି ପ୍ରକାରର ସଂରକ୍ଷିତ ଦିବସ ନାହିଁ। କାରଣ ସେମି ଓ ଫାଇନାଲ ମଧ୍ୟରେ କେବଳ ଗୋଟିଏ ଦିନର ଗ୍ୟାପ ରହୁଛି। ଗୁରୁବାର ସେମି ଫାଇନାଲ ଖେଳାଯିବାକୁ ଥିବା ବେଳେ ଶନିବାର ଫାଇନାଲ ଅନୁଷ୍ଠିତ ହେବ।

ତେବେ ଭାରତ ଓ ଇଂଲଣ୍ଡ ମ୍ୟାଚ୍ ପାଇଁ ମୋଟ୍ ୨୫୦ ମିନିଟ ବା ୪ ଘଣ୍ଟା ୧୦ ମିନିଟର ସମୟ ରଖାଯାଇଛି। ଏହାର ଅର୍ଥ ବର୍ଷା ବାଧକ ହେଲେ ମଧ୍ୟ ମ୍ୟାଚ୍ ସେହି ଦିନ ସାରିବାକୁ ଯୋଜନା ରହିଛି।

ପ୍ରଥମ ସେମି ଫାଇନାଲ ପାଇଁ ସେହିଦିନ ଅତିରିକ୍ତ ୬୦ ମିନିଟ ଓ ସଂରକ୍ଷଣ ଦିବସରେ ୧୯୦ ମିନିଟ ସମୟ ରଖାଯାଇଛି। ଏହି ୧୯୦ ମିନିଟ ସ୍ଥାନୀୟ ସମୟ ଦିନ ୨ଟାରୁ ଆରମ୍ଭ ହେବ।

ସେହିପରି ସେମି ଓ ଫାଇନାଲ ମ୍ୟାଚ୍‌ର ଫଳାଫଳ ପାଇଁ ସର୍ବନିମ୍ନ ୧୦ ଓଭର ରଖାଯାଇଛି। ଏହାର ଅର୍ଥ ବର୍ଷା ହେଲେ ଆଉ ୫ ଓଭର ପରେ ଡିଏଲଏସ୍ ଲାଗୁ ହେବ ନାହିଁ। ୧୦ ଓଭର ପରେ ଏହି ନିୟମ ଲାଗୁ କରାଯିବ। ଲିଗ୍ ଓ ସୁପର ୮ରେ ଏହା ସର୍ବନିମ୍ନ ୫ ଓଭର ରହିଥିଲା।

ଉଭୟ ଭେନ୍ୟୁର ପାଣିପାଗକୁ ଦୃଷ୍ଟିରେ ରଖି ଏପରି ବ୍ୟବସ୍ଥା ଲାଗୁ କରାଯାଇଛି। ଦୁଇଟି ଯାକ ମ୍ୟାଚ୍ ଉପରେ ବର୍ଷା ବାଧକ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ବର୍ଷା ଯୋଗୁ ଭାରତ ଓ ଇଂଲଣ୍ଡ ମ୍ୟାଚ ବାତିଲ ହୋଇଯାଏ, ତା'ହେଲେ କେଉଁ ଦଳ ଫାଇନାଲକୁ ଯିବ? ଏହାର ଉତ୍ତର ହେଉଛି ଭାରତ। କାରଣ ଭାରତ ଏଯାଏଁ ଅପରାଜେୟ ରହିଛି।

ସୁପର ୮ରେ ୧ନଂରେ ରହି ସେମିଫାଇନାଲକୁ ଆସିଥିବା ଦଳ ମ୍ୟାଚ୍ ବାତିଲ ହେଲେ ସିଧା ଫାଇନାଲରେ ପ୍ରବେଶ କରିବ। ସମାନ ନିୟମ ଦକ୍ଷିଣ ଆଫ୍ରିକା କ୍ଷେତ୍ରରେ ମଧ୍ୟ ଲାଗୁ ହେବ। କାରଣ ଦକ୍ଷିଣ ଆଫ୍ରିକା ମଧ୍ୟ ଅପରାଜେୟ ରହି ସେମିକୁ ଯାଇଛି। ଅନ୍ୟପକ୍ଷରେ ଜୁନ୍ ୨୯ରେ ଯଦି ବର୍ଷା ହୁଏ, ତା'ହେଲେ ଫାଇନାଲକୁ ଯାଇଥିବା ଉଭୟ ଦଳକୁ ମିଳିତ ବିଜେତା ଘୋଷଣା କରାଯିବ।

# ଅଷ୍ଟ୍ରେଲିଆର ବିଶ୍ୱକପ ବିଦାୟ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଲେ ଓ୍ୱାର୍ଣ୍ଣର

**ନୂଆଦିଲ୍ଲୀ**




ଅନ୍ତର୍ଜାତୀୟ କ୍ରିକେଟରେ ସରିଛି ବିସ୍ଫୋରକ ବ୍ୟାଟର ଡାଭିଡ ଓ୍ୱାର୍ଣ୍ଣରଙ୍କ ଯୁଗ। ଅଷ୍ଟ୍ରେଲିଆ ପାଇଁ ଆଉ ନଜର ଆସିବେନି ଏହି ବାମହାତୀ ଷ୍ଟାଇଲିଶ ବ୍ୟାଟର। କାରଣ ଅନ୍ତର୍ଜାତୀୟ କ୍ରିକେଟକୁ ସବୁଦିନ ପାଇଁ ବାଏବାଏ କହିଛନ୍ତି ଡାଭିଡ ଓ୍ୱାର୍ଣ୍ଣର।

ଟି-୨୦ ବିଶ୍ୱକପରୁ ଅଷ୍ଟ୍ରେଲିଆ ସୁପର ୮ରୁ ବିଦାୟ ନେଇଛି। ଭାରତ ଠାରୁ ହାରିବା ପରେ ଦଳର ଭାଗ୍ୟ ବାଂଲାଦେଶ ଓ ଆଫଗାନିସ୍ତାନ ମ୍ୟାଚ ଉପରେ ନିର୍ଭର କରୁଥିଲା। ବାଂଲାଦେଶ ଜିତିଥିଲେ ଅଷ୍ଟ୍ରେଲିଆ ସେମିକୁ ଯାଇଥାଆନ୍ତା। ହେଲେ ଆଫଗାନିସ୍ତାନ ସମସ୍ତଙ୍କୁ ଚକିତ କରି ମ୍ୟାଚ୍ କବ୍‌ଜା କରିବା ସହ ପ୍ରଥମଥର ପାଇଁ ବଶ୍ୱକପର କୌଣସି ସେମିଫାଇନାଲରେ ପ୍ରବେଶ କରିଛି। ଆଫଗାନିସ୍ତାନ ବିଜୟୀ ହୋଇଥିବାରୁ ୨୦୨୧ ଟି-୨୦ ବିଶ୍ୱକପ ବିଜେତା ଅଷ୍ଟ୍ରେଲିଆକୁ ବାହାରର ରାସ୍ତା ଦେଖିବାକୁ ପଡ଼ିଛି।

ବିଶ୍ୱକପରୁ ଦୁଃଖଦ ବିଦାୟ ପରେ ଡାଭିଡ ଓ୍ୱାର୍ଣ୍ଣର ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ବିଶ୍ୱକପ ପୂର୍ବରୁ ହିଁ ସେ ଟୁର୍ଣ୍ଣାମେଣ୍ଟ ପରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି କହି ସାରିଥିଲେ। ତେବେ ସେ ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବା ଚମ୍ପିୟନ୍ସ ଟ୍ରଫି ବେଳକୁ କମ୍‌ବ୍ୟାକ କରିବେ ବୋଲି ଆଶା କରାଯାଉଥିଲା। ହେଲେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହି ଦେଇଛନ୍ତି। ଓ୍ୱାର୍ଣ୍ଣର ଅଷ୍ଟ୍ରେଲିଆ ପାଇଁ ଶେଷ ଦିନିକିଆ ଭାରତ ବିପକ୍ଷ ୨୦୨୩ ବିଶ୍ୱକପ ଫାଇନାଲରେ ଖେଳିଥିଲେ। ସେହିପରି ପାକିସ୍ତାନ ବିପକ୍ଷ ଟେଷ୍ଟରେ ସେ ଅଷ୍ଟ୍ରେଲିଆ ପାଇଁ ଶେଷଥର ନଜର ଆସିଥିଲେ। ଏବେ ଭାରତ ବିପକ୍ଷ ଶେଷ ଟି-୨୦ ମ୍ୟାଚ୍ ପରେ ସେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଛନ୍ତି।

ଓ୍ୱାର୍ଣ୍ଣର ଅଷ୍ଟ୍ରେଲିଆ ପାଇଁ ୧୧୦ ଟି-୨୦ ମ୍ୟାଚ୍‌ରେ ୩୨୭୭ ରନ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ସେଞ୍ଚୁରୀ ଓ ୨୮ଟି ଅର୍ଦ୍ଧଶତକ ରହିଛି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ ହେଁ ଓ୍ୱାର୍ଣ୍ଣର ବିଭିନ୍ନ ଫ୍ରାଞ୍ଚାଇଜ ପକ୍ଷରୁ ଟି-୨୦ କ୍ରିକେଟ ଖେଳିବା ଜାରି ରଖିବେ। ଏହାର ଅର୍ଥ ଆସନ୍ତାବର୍ଷ ଆଇପିଏଲରେ ସେ ନଜର ଆସିବେ। ଦିନିକିଆ ବିଶ୍ୱକପ ସହ ୨୦୨୧ରେ ଟି-୨୦ ବିଶ୍ୱକପ ଓ ୨୦୨୩ରେ ବିଶ୍ୱ ଟେଷ୍ଟ ଚମ୍ପିୟନସିପ ଟ୍ରଫି ଜିତିଥିବା କଙ୍ଗାରୁ ଦଳରେ ଓ୍ୱାର୍ଣ୍ଣର ରହିଥିଲେ। ୩୭ ବର୍ଷୀୟ ଓ୍ୱାର୍ଣ୍ଣର ଅନ୍ତର୍ଜାତୀୟ କ୍ରିକେଟରେ ୪୯ଟି ଶତକ ସହାୟତାରେ ପ୍ରାୟ ୧୯ ହଜାର ରନ କରିଛନ୍ତି।

# ଟି-୨୦ ବିଶ୍ୱକପ୍ : ବାଂଲାଦେଶକୁ ହରାଇ ସେମିରେ ଆଫଗାନିସ୍ତାନ

**କିଙ୍ଗଷ୍ଟନ**




ଟି-୨୦ ବିଶ୍ୱକପ ମୁକାବିଲାରେ ସମସ୍ତଙ୍କୁ ଚମକାଇ ଦେଇଛି ଆଫଗାନିସ୍ତାନ। ପ୍ରଥମେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ପରାସ୍ତ କରି ଚର୍ଚ୍ଚାରେ ଥିବା ଏହି ଟିମ୍ ଏବେ ବାଂଲାଦେଶକୁ ମାତ୍ ଦେଇ ସେମିରେ ପ୍ରବେଶ କରିଛି। ଆସନ୍ତା ୨୭ରେ ସେମିଫାଇନାଲ ମୁକାବିଲାରେ ଦକ୍ଷିଣ ଆଫ୍ରିକାକୁ ଭେଟିବ।

ସେଣ୍ଟ ଭିନସେଣ୍ଟର ଆର୍ନୋସ ଭାଲେ ଗ୍ରାଉଣ୍ଡରେ ଖେଳା ଯାଇଥିବା ବାଂଲାଦେଶ-ଆଫଗାନିସ୍ତାନ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଓ୍ୱିକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଆଫଗାନିସ୍ତାନ ଦଳ ପକ୍ଷରୁ ରହମାନଉଲ୍ଲା ଗୁରବାଜ ୪୩ ରନ କରିଥିବା ବେଳେ ଇବ୍ରାହିମ ୧୮ ଓ ରସିଦ ଖାନ ୧୯ ରନ କରିଥିଲେ।

ବର୍ଷା କାରଣରୁ ଡିଏଲ ମେଥଡ୍ ଅନୁସାରେ ବିଜୟ ପାଇଁ ୧୯ ଓଭରରେ ୧୧୪ ରନ ବିଜୟ ଲକ୍ଷ୍ୟ ରଖାଯାଇଥିଲା। ବାଂଲାଦେଶ ପକ୍ଷରୁ ଲିଟନ ଦାସଙ୍କ ମୂଲ୍ୟବାନ ଯୋଗଦାନ ସତ୍ତ୍ୱେ ଦଳକୁ ଆଫଗାନିସ୍ତାନଠାରୁ ୮ ରନରେ ପରାସ୍ତ ହେବାକୁ ପଡ଼ିଥିଲା। ଲିଟନ ଦାସ ଅପରାଜିତ ରହି ୫୪(୪୯) ରନ କରିଥିବା ବେଳେ ତୌହିଦ୍ ହ୍ରିଦୟ ୧୪(୯) ଏବଂ ସୌମ୍ୟ ସରକାର ୧୦(୧୦) ରନ ସଂଗ୍ରହ କରିଥିଲେ। କିନ୍ତୁ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ। ୧୭.୫ ଓଭରରେ ୧୦୫ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା ବାଂଲାଦେଶ। ଫଳରେ ୮ ରନରେ ଏହି ମ୍ୟାଚ୍‌କୁ ଜିତି ନେଇଥିଲା ଆଫଗାନିସ୍ତାନ।

# ଐତିହାସିକ ବିଜୟ ପରେ ଆଫଗାନିସ୍ତାନ ସଡ଼କରେ ଜନ ସମୁଦ୍ର

**କାବୁଲ**



ଯାହା ଆଶା କରାଯାଇନଥିଲା ଆଫଗାନିସ୍ତାନ କ୍ରିକେଟ ଟିମ୍ ବିଶ୍ୱରେ ତାହା କରି ଦେଖାଇଲା। ଏହି ଦଳ ଟି-୨୦ ବି୍ବକପ ୨୦୨୪ର ସେମିଫାଇନାଲରେ ପ୍ରବେଶ କରିଛି। ରସିଦ ଖାନଙ୍କ ଅଧିନାୟକତ୍ୱ ଦଳ ପ୍ରଥମେ ସୁପର- ୮ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ତା'ପରେ ଏହି ଦଳ ବାଂଲାଦେଶକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଆଫଗାନିସ୍ତାନ ପ୍ରଥମ ଥର ପାଇଁ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି।

ଏହି ଐତିହାସିକ ବିଜୟ ପରେ ଆଫଗାନିସ୍ତାନ କ୍ରିକେଟ ଦଳ ପାଇଁ ଖୁସିର କୌଣସି ସୀମା ନ ଥିଲା। ବିଜୟ ଉତ୍ସବରେ ପୂରା ଦଳ ବୁଡ଼ି ଯାଇଥିଲେ। ଆଫଗାନିସ୍ତାନ ଖେଳାଳିମାନେ ସମଗ୍ର ପଡ଼ିଆରେ ନାଚିବା ଆରମ୍ଭ କରିଥିଲେ। ଏହି ପ୍ରକାର ପ୍ରଦର୍ଶନ ସହିତ ଆଫଗାନିସ୍ତାନ ସେମିଫାଇନାଲରେ ପହଞ୍ଚିବ ବୋଲି କେହି ଭାବି ନଥିଲେ। ଏହି ବିଜୟ କେବଳ ପଡ଼ିଆରେ ନୁହେଁ ବରଂ ଆଫଗାନିସ୍ତାନ ରାସ୍ତାରେ ମଧ୍ୟ ଏହି ବିଜୟ ଉତ୍ସବ ପାଳନ କରାଯାଇଥିଲା।

ରସିଦ ଖାନଙ୍କ ଦ୍ୱାରା ଅଧିନାୟକ ଦଳ ବାଂଲାଦେଶକୁ ପରାସ୍ତ କରିବା ମାତ୍ରେ ଆଫଗାନିସ୍ତାନର ଲୋକମାନେ ରାଜ ରାସ୍ତାକୁ ଚାଲି ଯାଇଥିଲେ। ଲୋକମାନେ ଆଫଗାନିସ୍ତାନ ପତାକା ସହିତ ନିଜ ଦଳକୁ ଉତ୍ସାହିତ କରୁଥିଲେ। ବର୍ତ୍ତମାନ ଆଫଗାନିସ୍ତାନର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ରାସ୍ତାରେ ଲୋକଙ୍କ ଭିଡ଼ ସ୍ୱଷ୍ଟ ଦେଖାଯାଉଛି। ରାସ୍ତାରେ ପାଦ ରଖିବାକୁ ମଧ୍ୟ ସ୍ଥାନ ନାହିଁ। ଏହି ଭିଡ଼ ଦେଖିଲେ ଲାଗୁଛି ସତେ ଯେପରି ଲୋକମାନେ ଜଣେ ନେତାଙ୍କ ଭାଷଣ କିମ୍ବା ଗାୟକଙ୍କ କନ୍ସର୍ଟ ଶୁଣିବାକୁ ଆସିଛନ୍ତି।

# ବିଜେପିର ବରିଷ୍ଠ ନେତା ଡ. ମୁରଲୀ ମନୋହର ଜୋଷୀ ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଲେ ଉପ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ**

ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୋମବାର ନୂଆଦିଲ୍ଲୀ ଠାରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଡ. ମୁରଲୀ ମନୋହର ଜୋଷୀଙ୍କୁ ଭେଟିଛନ୍ତି । ସେ ନିଜେ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି । ସେ ଲେଖିଛନ୍ତି, ବିଜେପିର ବରିଷ୍ଠ ଟାଣୁଆ ନେତା ପଦ୍ମବିଭୂଷଣ ଡ. ମୁରଲୀ ମନୋହର ଯୋଷୀଙ୍କୁ ତାଙ୍କ ବାସଭବନ ରେ ସାକ୍ଷାତ କରିବାର ସୁଯୋଗ ପାଇଲି , ଅନେକ ବିଷୟରେ ଚର୍ଚ୍ଚା ମଧ୍ୟ ହେଲା। ପରିଣତ ବୟସରେ ମଧ୍ୟ ଡ. ଯୋଷୀଙ୍କ ଉତ୍ସାହ ପୂର୍ବ ପରି ଅଛି, ତାଙ୍କର ଦୀର୍ଘ୍ୟ ଓ ସୁସ୍ଥ ଜୀବନ ପାଇଁ ଭଗବାନଙ୍କ ନିକଟରେ କାମନା କରୁଛି।

ସେହିପରି ଶ୍ରୀ ସିଂହଦେଓ ସୋମବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି। ସେ ନିଜେ ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ରେଳମନ୍ତ୍ରୀ ମାନନୀୟ ଅଶ୍ୱିନୀ ବୈଷ୍ଣବଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ୍ କଲି। ଏହି ସମୟରେ ଓଡ଼ିଶାରେ ରେଳର ଉନ୍ନତିକରଣ ସହ ଆଧୁନିକୀକରଣ କେମିତି କରାଯିବ ସେ ବିଷୟରେ ଆଲୋଚନା କଲି।

GOVT. OF ODISHA A-72
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER,
MAHANADI NORTH DIVISION-1, JAGATPUR, CUTTACK
E-mail ID exengr.mnd@gmail.com

Tender Cancellation Notice

The tender invited vide 'e' Procurement Notice No- MND-02/2024-25 for works from SI no 1 to SI no 21 is hereby cancelled due to some unavoidable circumstances .

Sd/- Superintending Engineer
Mahanadi North Division-I
Jagatpur
OIPR-32003/11/0003/2425

INVITATION FOR BIDS (IFB) O-47
NATIONAL COMPETITIVE BIDDING THROUGH E-PROCUREMENT
IDENTIFICATION NO: RWS&S DIVN., PURI - 05 OF 2024-25
☎ (06752) 251276 Fax - (06752) 251276 E-mail eerwss_puri@nic.in

The Executive Engineer. RWS&S Division, Puri on behalf of Governor of Odisha invites Percentage rate price bids through e-procurement in single cover system according to the norms of e-procurement system, in on-line mode from eligible contractors.

| Sl. No. | Nature of work : | Supplying, Installation, Testing and Commissioning of Iron Removal Plant for PWS to Samanga under Puri sadar Block in Puri District. |
|---|---|---|
| 1. | No. of works : | 01 (ONE) |
| 2. | Estimated Cost : | Rs. 11.00 lakhs |
| 3. | Time for completion : | 2 (Two) months |
| 4. | Cost of bidding document : | Rs. 6000/- |
| 5. | Class of Contractors eligible : | D & C |
| 6. | Availability of bids on-line : | From 11.00 hour of 26.06.2024 to 17.00 hours of 03.07.2024 |
| 7. | Last date and time for seeking clarification : | 17.00 hours of 29.06.2024 |
| 8. | Date & Time of opening of technical bids : | On dt 04.07.2024 at 1 1.30 1 Hours in the office of the Superintending Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 9. | Date and time of opening of financial bids: | Does not arise. |

Further details can be seen from the website https://www.tendersorissa.gov.in. Subsequent corrigendum if any shall appear in the website.

Sd/- Superintending Engineer
RWS&S Division, Puri
OIPR-25017/11/0003/2425

GOVERNMENT OE ODISHA A-70
OFFICE OF THE ADDITIONAL CHIEF ENGINEER
CENTRAL MINOR IRRIGATION CIRCLE, BHUBANESWAR
Phonc/Fax (0674)2540559 cmic.bbsr@gmail.com ,
No. 1046 Dt.20.06.2024
1st Corrigendum to e-procurement Tender Call Notice No. ACECMIC-01/2024-25

It is to notify that the following changes have been made for the tender invited vide tender call notice no. ACECMIC-01/2024-25

| Description | Earlier scheduled date and time | Modified scheduled date and time |
|---|---|---|
| Date and Time of availability of Bid Documents and Receipt of Bid Cost on online Payment mode in Portal | From 26.06.2024(10.00 Hrs) to 17.07.2024 (17.30Hrs) in website (www.tendersodisha.gov.in) | From 12.07. 2024 (10.00 Hrs) to 4.08.2024 (17.30 Hrs) in website (www.tendersodisha gov.in) |
| Last Date/Time for receipt of Bids in the Portal | 17. 07. 2024 (Upto 17.30 Hrs.) through online only. | 4.08.2024 (Up to 17.30 Hrs) through online only |
| Date of Opening of Technical Bid | 11.00 Hrs Onwards on 18.07.2024 in the O/o- Additional Chief Engineer, Central M.I Circle, Bhubaneswar | 11.00 Hrs onwards on 5.08.2024 in the O/o- Additional Chief Engineer, Central M I. Circle, Bhubaneswar |

All other terms and conditions of the above tender call notice will remain unchanged.

Sd/- Additional Chief Engineer
Central MI Circle, Bhubaneswar
OIPR-32047/11/0003/2425

# ତିନିଦିନିଆ କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଘାଟିତ

**ନୂଆପଡ଼ା, ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ତିନିଦିନିଆ କ୍ରୀଡ଼ାଙ୍ଗନ ତାଲିମ ଶିବିର ଖଡ଼ିଆଳ ବ୍ଲକ ଲୋହରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ଦଣ୍ଡସେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ଗୋଷ୍ଠି ଶିକ୍ଷା ଅଧିକାରୀ କାହ୍ନୁ ଚରଣ ନାଏକ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା ଓ ସାଧନା କର୍ମୀ ଶାରୀରିକ ଶିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନୀ ଯୋଗଦାନ କରି କାର୍ଯ୍ୟକ୍ରମଟିକୁ ସୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ ଲୋହରାପାଲି ଠାରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଖଡ଼ିଆଳ ବ୍ଲକ ତାଲିମ ଶିବିରର ସ୍ୱାଗତ ସମ୍ଭାଷଣ ଶାରିରୀକ ଶିକ୍ଷକ ରତନ ସିଂ ବାରିକ ପ୍ରଦାନ କରିଥିବା ବେଳେ ଶାରୀରିକ ଶିକ୍ଷକ ଧନଞ୍ଜୟ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ଖଡ଼ିଆଳ ବ୍ଲକର ୩୦ ଗୋଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିଥିଲେ।

# କେନ୍ଦ୍ରାପଡ଼ା କଲେଜର ପିଜି କ୍ଲାସ୍‌ରେ ଅବ୍ୟବସ୍ଥା ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଛାତ୍ରଛାତ୍ରୀ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୨ରୁ ବିଭିନ୍ନ ବିଷୟରେ ପିଜି କ୍ଲାସ୍ ଖୋଲିଥିଲେ ମଧ୍ୟ ଶିକ୍ଷାଦାନ, ପାଠ୍ୟ ବିଷୟ ଚୟନ ତଥା ଅନ୍ୟାନ୍ୟ ପରିଚାଳନା ଗତ ସମସ୍ୟାକୁ ନେଇ ଛାତ୍ର ଅଶାନ୍ତି ବଢିବାରେ ଲାଗିଛି। ଏନେଇ ପିଜି କ୍ଲାସରେ ଅଧ୍ୟୟନ କରୁଥିବା କେତେକ ଛାତ୍ରଛାତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଏହାର ତୁରନ୍ତ ସମାଧାନ ପାଇଁ ଦାବି କରିବା ସହ ଉଚ୍ଚତର ଶିକ୍ଷାଲାଭ କରୁଥିବା ଏହି ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ମାନ ବଜାୟ ରଖିବା ପାଇଁ ଦାବି ଜଣାଇଛନ୍ତି । କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ୨୦୧୭ ମସିହାରୁ ସୋସିଓଲୋଜିରେ ପିଜି କ୍ଲାସ ଖୋଲିଥିବା ବେଳେ ଅନ୍ୟ ୧୪ଟି ବିଭାଗରେ ପିଜି କ୍ଲାସ ୨୦୨୨ ମସିହାରେ ଖୋଲିଛି । ତେବେ ସମୁଦାୟ ପିଜି କ୍ଲାସରେ ପ୍ରାୟ ୩୦୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ଭବିଷ୍ୟତ ସଂପୂର୍ଣ୍ଣ ଅନିଶ୍ଚିତ ହୋଇ ପଡ଼ିଥିବା ଛାତ୍ରଛାତ୍ରୀ ମାନେ ଅଭିଯୋଗ କରିଛନ୍ତି । ୩ ବର୍ଷ ହେଲା ଠିକ୍ ଭାବରେ ପାଠପଢା ନହେବା, ଆଡମିଟ୍ କାର୍ଡ ନମିଳିବା ଏବଂ ଭବିଷ୍ୟତରେ ପ୍ରମାଣପତ୍ର ନମିଳିବା ଭଳି ଆଶଙ୍କା ଦେଖା ଦେଇଛି । ପିଜି ଖୋଲିଥିବା ୧୪ଟି ବିଭାଗର ଅନୁମୋଦନ ନଥିବାରୁ ଛାତ୍ରଛାତ୍ରୀମାନେ ନିଜର ଭବିଷ୍ୟତକୁ ନେଇ ଆଶଙ୍କିତ ହୋଇ ପଡିଛନ୍ତି। ନିୟମିତ କ୍ଲାସ୍ ନହେବା ଏବଂ +୩ ଖାତା ଦେଖିବା ପାଇଁ ପିଜି ଛାତ୍ରଛାତ୍ରୀମାନଙ୍କୁ ନିୟୋଜିତ କରିବା ଆଦି ଘଟଣାରୁ ବିଶୃଙ୍ଖଳା ସ୍ୱଷ୍ଟ ଜଣା ପଡ଼ିଯାଉଛି। ତେବେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ଓ ଇନ୍ଦୁପୁର ସ୍ଥିତ ବିରୂପା ମହାବିଦ୍ୟାଳୟର ଅଧ୍ୟକ୍ଷ ଦାୟିତ୍ୱରେ ଜଣେ ବ୍ୟକ୍ତି ଥିବାରୁ ଛାତ୍ରଛାତ୍ରୀମାନଙ୍କ ସମସ୍ୟା ସମାଧାନ ପାଇଁ ପର୍ଯ୍ୟାପ୍ତ ସମୟ ଦେଇ ହେଉନାହିଁ ବୋଲି ଛାତ୍ରଛାତ୍ରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଜିଲ୍ଲାପାଳ ଶ୍ରୀ ମୟୂର ବିକାଶ ତୁରନ୍ତ ଏହାର ସମାଧାନ କରାଯିବ ବୋଲି ଭେଟିଥିବା ଛାତ୍ରଛାତ୍ରୀ ଈଶ୍ୱର ଦାଶ, ବିକାଶ ମହାରଣା, ପ୍ରଜ୍ଞା ପରମିତା ବଳ, ଶୁଭଶ୍ରୀ ଦାସ, ସୌଭାଗ୍ୟ ଦାସ, ଦେଶଦିପ ଦାସ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଏ ବିଷୟରେ କଲେଜର ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଯେଉଁ ସମସ୍ୟା ଗୁଡିକ କଲେଜ ହାତରେ ଅଛି ସେଗୁଡିକର ସମାଧାନ ତୁରନ୍ତ କରାଯିବ ଓ ଅନ୍ୟ ଯେଉଁ ଗୁଡିକ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ସେଗୁଡିକର ସମାଧାନ ପାଇଁ କିଛିଦିନ ସମୟ ଲାଗିବ ।

# ପାଞ୍ଚ ବର୍ଷରେ ରାଜପଥରେ ଗଲାଣି ୩୫୫ ମୁଣ୍ଡ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀରେ ରାଜପଥ ପାଲଟି ଯାଇଛି ମୃତ୍ୟୁର ଯନ୍ତା। କେଉଁଠି ରାସ୍ତା ନିର୍ମାଣ ତ୍ରୁଟି ତ ଆଉ କେଉଁଠି ବେପରୁଆ ଗାଡ଼ିଚାଳନା ଯୋଗୁଁ ଦୁର୍ଘଟଣା ଘଟୁଛି। ପ୍ରତିବର୍ଷ ଦୁର୍ଘଟଣାରେ ରୋକ୍ ଲଗାଇବା ପାଇଁ ସଚେତନତା କରିବା ସତ୍ତ୍ୱେ ବି ସଡ଼କ ଦୁର୍ଘଟଣା ଉଦ୍‌ବେଗଜନକ ରହିଛି। ସହର ଠାରୁ ଉପକଣ୍ଠ ଯାଇଥିବା ଜାତୀୟ ରାଜପଥ-୧୬, ୨୦୩ ଓ ୩୧୬ ଏବେ ମରଣଯନ୍ତା ପାଲଟିଛି। ରାଜଧାନୀରେ ଗତ ୫ବର୍ଷରେ ରାଜପଥରେ ଦୁର୍ଘଟଣାରେ ୩୫୫ ଜଣଙ୍କ ଜୀବନ ଯାଇଛି। ଜଟଣୀଠାରୁ ବାଲିଅନ୍ତା ପର୍ଯ୍ୟନ୍ତ ଯାଇଥିବା ଜାତୀୟ ରାଜପଥରେ ୨୫ଟି ଦୁର୍ଘଟଣା ପ୍ରବଣ ଅଞ୍ଚଳ ରହିଛି। ଗଙ୍ଗପଡ଼ା ଛକ, କଳିଙ୍ଗବିହାର ଛକ, ଆଇଗିଣିଆ, ହଂସପାଳ, ପଳାଶୁଣୀ, ପିତାପଲ୍ଲୀ, ବରମୁଣ୍ଡା, ଖଣ୍ଡଗିରି, କେଶୁରା, ଆଚାର୍ଯ୍ୟବିହାର, ଜୟଦେବବିହାର ଆଦି ଛକରେ ଦୁର୍ଘଟଣାପ୍ରବଣ ଅଞ୍ଚଳ ସାଜିଛି। ତେବେ ଜାତୀୟ ରାଜପଥ ଜଟଣୀର ପିତାପଲ୍ଲୀ ଛକ ଗେଟ୍ ଠାରୁ ଗଙ୍ଗପଡ଼ା ଛକ ସର୍ବାଧିକ ଦୁର୍ଘଟଣା ହେବା ସହ ଜୀବନ ଯାଇଛି। ପିତାପଲ୍ଲୀ ଠାରୁ ହଂସପାଳ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା ଦୁର୍ଘଟଣାପ୍ରବଣ ଅଞ୍ଚଳ(ବ୍ଲାକସ୍ୱଟ୍) ଭାବେ ୧୨ଟି ସ୍ଥାନରେ ସୂଚନା ଫଳକ ଲଗାଯାଇଛି। ଏହା ସହ ପିତା ପଲ୍ଲୀ ଠାରୁ ହଂସପାଳ ମଧ୍ୟରେ ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ବିନା ହେଲ୍‌ମେଟ୍‌ରେ ଗାଡ଼ି ନ ଚଳାଇବା ଆଦି ୨୫ଟି ସଚେତନତା ଭିତ୍ତିକ ସୂଚନା ଫଳକ ଲଗାଯାଇଛି। ସହରରେ ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ିଚାଳନା ଯୋଗୁଁ ଦୁର୍ଘଟଣା ବଢୁଛି । ଏପରିକି ବିନା ହେଲ୍‌ମେଟ୍‌ରେ ଯାତ୍ରା ବୃଦ୍ଧିହେବା ସହ ଟ୍ରାଫିକ କଟକଣାକୁ ପାଳନ କରୁନାହାନ୍ତି ଗାଡ଼ିଚାଳକ। ସଚେତନତା ଏବଂ ଜରିମାନା ଗାଡ଼ିଚାଳକଙ୍କୁ କାଟୁ କରୁନି। ତେଣୁ ସଡ଼କ ଦୁର୍ଘଟଣା ହାରରେ ରୋକ ଲଗାଇବା ଓ ବେପରୁଆ ଗାଡ଼ି ଚାଳକଙ୍କୁ ସାବାଡ଼ କରିବା ଲାଗି ଟ୍ରାଫିକ୍ ପୁଲିସ ନୂଆ ଯୋଜନା କରୁଛି। ଏଣିକି ସହରରେ ବୁଲୁଛି ଇଣ୍ଟରସେପ୍ଟର। ସହରରେ ପ୍ରମୁଖ ଛକରେ ରହି ଗାଡ଼ିର ବେଗ ମାପିବା ସହ ଉଲ୍ଲଙ୍ଘନ କରୁଥିବା ଗାଡ଼ିଚାଳକଙ୍କୁ ସିଧା ଚାଲାଣ ପଠାଯାଇଛି। ସୋମବାର ସଚିବାଳୟ ମାର୍ଗ ସମେତ ବିଭିନ୍ନ ସମ୍ବେଦନଶୀଳ ଛକରେ ରହି ଗାଡ଼ି ଚାଳକଙ୍କ ବେଗ ମପାଯାଇଥିଲା। କିଛି ଚାଳକ ଦ୍ରୁତଗତିରେ ଗାଡ଼ି ଚଳାଇ ଫସିଛନ୍ତି। ପୂର୍ବରୁ କେବଳ ଜାତୀୟ ରାଜପଥ କିମ୍ବା ବ୍ଲାକସ୍ୱଟ୍‌ରେ ଇଣ୍ଟରସେପ୍ଟର ଜଗୁଥିବା ବେଳେ ଏବେ ସହରରେ ପ୍ରମୁଖ ଛକରେ ଜଗିବ। ଫଳରେ ଗାଡ଼ି ଚାଳକ ଜରିମାନା ଦେବା ବେଳେ ସାବଧାନ ହେବ ବୋଲି ପୁଲିସ କହିଛି।

# ଜିଏସ୍‌ଟି ଓ ମହାମାରୀ ଯୋଗୁଁ ଗତ ୭ ବର୍ଷରେ ୧୮ ଲକ୍ଷ କ୍ଷୁଦ୍ର ଉଦ୍ୟୋଗ ବନ୍ଦ

**ନୂଆଦିଲ୍ଲୀ**

ଦେଶରେ ମହାମାରୀ ଓ ଜିଏସଟି ଯୋଗୁ ଗତ ୭ ବର୍ଷରେ ୧୮ ଲକ୍ଷ କ୍ଷୁଦ୍ର ଉଦ୍ୟୋଗ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ଦେଶରେ ମାନୁଫାକ୍‌ଚରିଂ ବା ବିନିର୍ମାଣ କ୍ଷେତ୍ରରେ କାର୍ଯ୍ୟରତ ଉଦ୍ୟୋଗଗୁଡ଼ିକର ସ୍ଥିତି ଅତ୍ୟନ୍ତ ସଙ୍ଗିନ୍। ୨୦୧୫ ଜୁଲାଇରୁ ୨୦୧୬ ଜୁନ୍ ଏବଂ ୨୦୨୨ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ ଦେଶରେ ପ୍ରାୟ ୧୮ ଲକ୍ଷ କ୍ଷୁଦ୍ର ଉଦ୍ୟୋଗ ବନ୍ଦ ହୋଇଛି। କେବଳ ସେତିକି ନୁହେଁ, ଏହି ଉଦ୍ୟୋଗଗୁଡ଼ିକ ବନ୍ଦ ହେବା ଯୋଗୁଁ ପ୍ରାୟ ଏହି ସଂସ୍ଥାରେ କାର୍ଯ୍ୟ କରୁଥିବା ୫୪ଲକ୍ଷ ଲୋକ ଚାକିରି ହରାଇଛନ୍ତି। ନିକଟରେ ପ୍ରକାଶିତ ଅଣସଂଗଠିତ କ୍ଷେତ୍ର ଉଦ୍ୟୋଗର ବାର୍ଷିକ ସର୍ଭେ ରିପୋର୍ଟ ଏବଂ ୨୦୧୫-୧୬ ଅକ୍ଟୋବରରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ଦ୍ୱାରା କରାଯାଇଥିବା ଏକ ତୁଳନାତ୍ମକ ବିଶ୍ଳେଷଣରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ଦେଶର ବିନିର୍ମାଣ କ୍ଷେତ୍ରରେ ଉଦ୍ୟୋଗ ସଂଖ୍ୟା ୨୦୧୫ ତୁଳନାରେ ପ୍ରାୟ ୧୦% ହ୍ରାସ ପାଇଛି। ୨୦୧୫ ଜୁଲାଇରୁ ୨୦୧୬ ଜୁନ୍ ମଧ୍ୟରେ ଦେଶରେ ୧୯୭ ଲକ୍ଷ ଅସଂଗଠିତ ୟୁନିଟ୍ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଏହି ସଂଖ୍ୟା ୧୭୮ ୨ ଲକ୍ଷକୁ ହ୍ରାସ ପାଇଛି। ଅନୁରୂପ ଭାବରେ ଏହି ପ୍ରତିଷ୍ଠାନ ଗୁଡ଼ିକରେ କାର୍ଯ୍ୟ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ ଏହି ସମୟ ମଧ୍ୟରେ ପ୍ରାୟ ୧୫ ପ୍ରତିଶତ ହ୍ରାସ ପାଇଛି। ୨୦୧୫ରେ ଏହି ଉଦ୍ୟୋଗଗୁଡ଼ିକରେ ୩,୬୦୪ କୋଟି ଲୋକ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ଏହା ୩.୦୬ କୋଟିକୁ ହ୍ରାସ ପାଇଛି। ଦେଶରେ ପରିଚାଳିତ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକ ସାଧାରଣତଃ ଏକମାତ୍ର ମାଲିକାନା ଓ ସହଭାଗିତା ଭିତ୍ତିରେ ପରଚାଳିତ ହୋଇଥାଏ। ୨୦୨୧ ଏପ୍ରିଲରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ମହାମାରୀ ସମୟରେ ଏହି ଛୋଟ ଛୋଟ ଉଦ୍ୟୋଗ ଗୁଡ଼ିକରେ କର୍ମଚାରୀଙ୍କ ସଂଖ୍ୟା ସର୍ବନିମ୍ନ ସ୍ତରରେ ରହିଥିଲା ଓ ତେବେ ୨୦୨୨ ଅକ୍ଟୋବରରୁ ୨୦୨୩ ସେପ୍ଟେମ୍ବର ମଧ୍ୟରେ କାର୍ଯ୍ୟ କ୍ଷେତ୍ରରେ ୧୧୭ କୋଟି କର୍ମଚାରୀ ଯୋଡ଼ି ହୋଇଥିଲେ । ଦେଶରେ ଏତେ ସଂଖ୍ୟାରେ ଉଦ୍ୟୋଗ ବନ୍ଦ ହେବା ପଛରେ କୋଭିଡ୍ ମହାମାରୀ ଓ ଜିଏସ୍‌ଟିକୁ ଦାୟୀ କରାଯାଇଛି। ଏହି ଉଦ୍ୟୋଗଗୁଡ଼ିକ ସାଧାରଣତଃ ପ୍ରାୟ ୨ରୁ ୩ଜଣ ଲୋକଙ୍କୁ ନେଇ ପରଚାଳିତ ହୋଇଥାଏ। ଏଥିରେ ଅଧିକାଂଶ ଲୋକଙ୍କ ନିଜସ୍ୱ ବ୍ୟବସାୟ ରହିଛି କିମ୍ବା ପରିବାର ସଦସ୍ୟମାନଙ୍କୁ ନେଇ ପରିଚାଳିତ ହୋଇଥାଏ। ଏହାର ଅର୍ଥ ହେଉଛି ଏପରି କ୍ଷୁଦ୍ର ଉଦ୍ୟୋଗଗୁଡ଼ିକରେ ସେହି ପରିବାର ସଦସ୍ୟମାନେ କର୍ମଚାରୀ ଭାବେ କାମ କରିଥା'ନ୍ତି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ସାନ୍ତୋଷ ମେହେରୋତ୍ରା କହିଛନ୍ତି ଯେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ରେ ଏକ ବୃହତ୍ ଆକାରର ଅସଂଗଠିତ କ୍ଷେତ୍ର ରହିଛି। ଅଣ କୃଷି କ୍ଷେତ୍ର ପରେ ଏହା ହେଉଛି ସର୍ବବୃହତ୍ ନିଯୁକ୍ତିଦାତା। ସେ କହିଛନ୍ତି, ୨୦୧୬ ପରେ କ୍ରମାଗତ ଭାବେ ନୀତିଗତ ଧକ୍କା ହେତୁ ଏମଏସଏମ୍‌ଇ ଏବଂ ଅଣସଂଗଠିତ କ୍ଷେତ୍ରର ଏହି ୟୁନିଟ୍ ଗୁଡ଼ିକରେ ଅଣକୃଷି କ୍ଷେତ୍ରର ନିଯୁକ୍ତି ସ୍ଥିତିରେ ହ୍ରାସ ଘଟିଛି।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଜୁନ୍ ୨୦୨୪ ବୁଧବାର





# କିନ୍ନରଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ ଲକ୍ଷ୍ୟ : ଶୌଚାଳୟରେ ହେବ ସାଇନ୍‌ଏଜ୍ ବ୍ୟବସ୍ଥା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଏଣିକି ଶୌଚାଳୟରେ କିନ୍ନରଙ୍କ ପାଇଁ ସାଇନ୍‌ଏଜ୍ କରାହେବ। ଗୃହ ଏବଂ ନଗର ଉନ୍ନୟନ ବିଭାଗ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ଏବଂ ରାଜ୍ୟର ବିଭିନ୍ନ ପୌରପାଳିକା ଅଧୀନରେ ଥିବା ସମସ୍ତ ଗୋଷ୍ଠୀ ଶୌଚାଳୟରେ ଏକ 'ଲିଙ୍ଗ ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ' ବ୍ୟବସ୍ଥା କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ରାଜ୍ୟରେ ଲିଙ୍ଗଗତ ସମାନତା ଏବଂ ସମସ୍ତଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ଉପଲବ୍ଧ କରାଇବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହି ବ୍ୟବସ୍ଥା ଦ୍ୱାରା ଲିଙ୍ଗଗତ ନିର୍ବିଶେଷରେ ସମସ୍ତେ ଶୌଚାଳୟ ବ୍ୟବହାର କରିପାରିବେ। ଶୌଚାଳୟରେ ଲାଗିଥିବା ସାଇନ୍‌ଏଜରେ ସେମାନଙ୍କ ସମ୍ପର୍କରେ କୌଣସି ସୂଚନା ନ ଥିବାରୁ ବିଭିନ୍ନ ସମୟରେ କିନ୍ନରମାନେ ଶୌଚାଳୟ ବ୍ୟବହାର କଲା ବେଳେ ନିର୍ଯାତନାର ଶିକାର ହୋଇଥାନ୍ତି । ଏହାକୁ ଦୃଷ୍ଟିରେ ରଖି ଏଭଳି ବ୍ୟବସ୍ଥା ଲାଗୁ କରାଯାଇଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି । ରାଜ୍ୟର ସମସ୍ତ ପୌରସଂସ୍ଥା ସମେତ ଅନ୍ୟ ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକ ଆସନ୍ତା ଏକ ମାସ ମଧ୍ୟରେ ଏହାକୁ ଲାଗୁ କରିବେ ବୋଲି ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଜି. ମାଥିଭାତନନ୍ ଆଶା ପ୍ରକଟ କରିଛନ୍ତି। ଏଥିରେ ଗୋଷ୍ଠୀ ଶୌଚାଳୟକୁ କିଛି ନିର୍ଦ୍ଦେଶନାମା ଦିଆଯାଇଛି, ସେଗୁଡ଼ିକ ହେଲା ବର୍ତ୍ତମାନ ଦିବ୍ୟାଙ୍ଗ (ପିଡବ୍ଲୁଡି)ଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ୟୁନିଟ୍‌କୁ ଲିଙ୍ଗ ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ଭାବେ ଚିହ୍ନିତ କରାଯାଉ । ଯେଉଁଠାରେ ଦିବ୍ୟାଙ୍ଗ ପାଇଁ ଏକ ସ୍ୱତନ୍ତ୍ର ଟଏଲେଟ୍ ୟୁନିଟ୍ ରଖାଯାଇ ନାହିଁ, ସେଠାରେ ଅତିକମରେ ଗୋଟିଏ ଟଏଲେଟ୍ ୟୁନିଟ୍ ଲିଙ୍ଗ-ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ଭାବରେ ଚିହ୍ନିତ ହେବା ଉଚିତ । ଏହାସହ ପରିବର୍ତ୍ତିତ ସାଇନ୍‌ଏଜ୍ ଲଗାଇବାକୁ କୁହାଯାଇଛି। ଯେଉଁଠାରେ ପର୍ଯ୍ୟାପ୍ତ ସ୍ଥାନ ରହିଛି ସେଠାରେ ଏକ ନୂତନ ଲିଙ୍ଗ-ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟ ପ୍ରତିଷ୍ଠା କରିବାକୁ କୁହାଯାଇଛି । ଅନ୍ୟପକ୍ଷରେ ଏଭଳି ପରିବର୍ତ୍ତନ କଲା ବେଳେ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟକୁ ଯେପରି ଲିଙ୍ଗ-ନିରପେକ୍ଷ ଏବଂ ସାର୍ବଜନୀନ ଶୌଚାଳୟରେ ପରିବର୍ତ୍ତନ କରା ନ ଯାଏ ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ କୁହାଯାଇଛି । ତେବେ ଏଭଳି ପଦକ୍ଷେପ କେବଳ ଯେ, ସମାଜରେ ସମସ୍ତଙ୍କ ଭାଗୀଦାରିତାକୁ ବଢାଇବ ତାହା ନୁହେଁ ବରଂ ମାନବାଧିକାର ରକ୍ଷା ଦିଗରେ ଏକ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ଏହାସହ ଏକ ମଣିଷର ସମ୍ମାନଜନକ ଜୀବନଧାରଣକୁ ପ୍ରୋତ୍ସାହନ ଦେଉଛି । ତେବେ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ ପ୍ରତ୍ୟେକ କିନ୍ନରଙ୍କ ପାଇଁ ଏହି ଶୌଚାଳୟ ବାଧ୍ୟତାମୂଳକ ନୁହେଁ । ଟ୍ରାନ୍ସ-ମେନ୍ ଏବଂ ଟ୍ରାନ୍ସ-ଓମେନ୍ କିନ୍ନରମାନେ ଲିଙ୍ଗ ଭିତ୍ତିରେ ଶୌଚାଳୟକୁ ବ୍ୟବହାର କରିପାରିବେ ।

# ସମୟ ପୂର୍ବରୁ ଖଲାସ ଅପରାଧୀଙ୍କୁ ପୁନଃ କାରାବାସ ପାଇଁ ଅଦାଲତ ଆଦେଶ ଦେଇପାରିବେ ନାହିଁ

**କଟକ, ନ୍ୟୁଜ ବ୍ୟୁରୋ**



## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଦଣ୍ଡାଦେଶ ଅବଧି ଶେଷ ପୂର୍ବରୁ ଖଲାସ ହେଉଥିବା ଅପରାଧୀଙ୍କୁ ପୁନଃ କାରାବାସ ପାଇଁ ଅଦାଲତ ଆଦେଶ ପ୍ରଦାନ କରିପାରିବେ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଯଦି ସମୟ ପୂର୍ବରୁ ଅପରାଧୀଙ୍କ ମୁକ୍ତିକୁ ଚାଲେଞ୍ଜ କରାଯାଇନଥାଏ, ତା'ହେଲେ ଆବେଦନର ପୁର୍ନବିଚାର କରୁଥିବା ଅଦାଲତ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୁଣି କାରବାସ ପାଇଁ ଆଦେଶ ଦେଇପାରିବେ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବା ଲାଜାରା ଛତ୍ରିଆ ନାମକ ଜଣେ ହତ୍ୟା ଅପରାଧୀଙ୍କ ପକ୍ଷରୁ ରୁଜୁ ଅପିଲର ଶୁଣାଣି କରି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ଓ ଜଷ୍ଟିସ ସଂଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟପାଳଙ୍କ ଆଦେଶ ଦ୍ୱାରା ଆବେଦନକାରୀଙ୍କୁ କ୍ଷମା ମିଳିବା ସହ ସମୟ ପୂର୍ବରୁ ଖଲାସ ପାଇଁ ନିର୍ଦ୍ଦେଶ ଥିଲା । ଏହାକୁ ମଧ୍ୟ ଅଦାଲତରେ ଚାଲେଞ୍ଜ କରାଯାଇ ନଥିଲା। ଏଣୁ ଏହାକୁ ସମ୍ମାନ ଜଣାଇ ଖଣ୍ଡପୀଠ ତାଙ୍କର ୨୦୨୩ ନଭେମ୍ବର ୧୫ ଆଦେଶରେ ପରିବର୍ତ୍ତନ କରିଛନ୍ତି। ଅନ୍ୟପଟରେ ଏହିଭଳି ମାମଲାର ସ୍ଥିରତା ଓ ସ୍ୱଚ୍ଛତା ପାଇଁ ତଥା କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ଆଦେଶ ମଧ୍ୟରେ ଦ୍ୱନ୍ଦ୍ୱ ଏଡ଼ାଇବାକୁ ହାଇକୋର୍ଟ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ନିର୍ଦ୍ଦେଶାବଳୀ ଅନୁସାରେ, ନିମ୍ନ ଅଦାଲତ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଏଭଳି ସମୟପୂର୍ବ ଖଲାସ ଆଦେଶ ସମ୍ପର୍କରେ ଅପିଲ କୋର୍ଟଙ୍କୁ ଅବଗତ କରାଯିବା ସହ କେସ୍ ବିବରଣୀରେ ଉଲ୍ଲେଖ ରହିବ। ବିଚାର ବିଭାଗ ଆଦେଶ ପରବର୍ତ୍ତନ ନହେବା ପର୍ଯ୍ୟନ୍ତ ଅଦାଲତଙ୍କ ଦଣ୍ଡାଦେଶ ପ୍ରଭାବୀ ରହିବ। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦ୍ୱାରା ଅପରାଧୀଙ୍କୁ ସମୟ ପୂର୍ବରୁ ଖଲାସ କ୍ଷେତ୍ରରେ ରହିଥିବା ସର୍ତ୍ତକୁ ଅଭିଯୁକ୍ତ ପୂରଣ କରିଛନ୍ତି କି ନାହିଁ, ତାହା ଅଦାଲତ ସୁନିଶ୍ଚିତ କରାଇବେ। ସମୟ ପୂର୍ବ ଖଲାସ ମାମଲାଗୁଡ଼ିକର ଦ୍ରୁତ ତାଲିକାଭୁକ୍ତ ପାଇଁ ଅଦାଲତ ରେଜିଷ୍ଟ୍ରି ପଦକ୍ଷେପ ନେବେ ଏହିଭଳି ମାମଲା ମନିଟର ପାଇଁ ସ୍ୱତନ୍ତ୍ର ପ୍ରଣାଳୀ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଜେଲ ଦଣ୍ଡାଦେଶ ପାଇଥିବା ବେଳେ ୨୦୧୪ରୁ ସେ ଜାମିନରେ ଥିଲେ। ହାଇକୋର୍ଟ ତାଙ୍କ ଅପିଲର ଶୁଣାଣି କରି ବାକି ସମୟ ଜେଲଦଣ୍ଡ ଭୋଗ କରିବା ନିମନ୍ତେ ଅଦାଲତରେ ଆତ୍ମସମର୍ପଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆତ୍ମସମର୍ପଣ ନକଲେ ନିମ୍ନ ଅଦାଲତ ତାଙ୍କ ଗିରଫଦାରୀ ପାଇଁ ପଦକ୍ଷେପ ନେବେ ବୋଲି ହାଇକୋର୍ଟ କହିଥିଲେ। ତେବେ ସମ୍ପୃକ୍ତ ହାଇକୋର୍ଟରେ ଅପିଲ ବିଚାରାଧୀନ ଥିବା ବେଳେ ସମ୍ପୃକ୍ତ ଆବେଦନକାରୀ ଅଭିଯୁକ୍ତର ଦଣ୍ଡକୁ ରାଜ୍ୟପାଳ କ୍ଷମା କରିଛନ୍ତି ଓ ଖଲାସ ପାଇଁ ନିର୍ଦ୍ଦେଶ ଦେଇଥିବା ନେଇ ହାଇକୋର୍ଟଙ୍କୁ ଅବଗତ କରିଥିଲେ ବଲାଙ୍ଗୀର ଅତିରିକ୍ତ ଦୌରାଜଜ୍। ଏଣୁ ହାଇକୋର୍ଟ ତାଙ୍କ ଆଦେଶକୁ ପ୍ରତ୍ୟାହାର କରିବା ସହ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଏନଟିଏ ପରୀକ୍ଷା...

ଉନ୍ନତି ପାଇଁ ପରାମର୍ଶ ଦେବ ଏବଂ ଏନଟିଏର ସ୍ପଷ୍ଟ ଭୂମିକା ଏବଂ ଦାୟିତ୍ୱ ନିର୍ଦ୍ଧାରଣ କରିବ । ଏହି କମିଟି ବର୍ତ୍ତମାନର ଅଭିଯୋଗ ସମାଧାନ ବ୍ୟବସ୍ଥାର ଆକଳନ କରିବ ଏବଂ ଉନ୍ନତି ପାଇଁ ପ୍ରସ୍ତାବ ଦେବ। ଶିକ୍ଷା ମନ୍ତ୍ରଣାଳୟକୁ ରିପୋର୍ଟ ଦେବା ପାଇଁ ଏହି କମିଟିକୁ ୨ ମାସ ସମୟ ଦିଆଯାଇଛି।

## ସୃଷ୍ଟି ହେଲା...

ଗଞ୍ଜାମ, ଗଜପତି, ରାୟଗଡ଼ା, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ସହିତ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିପାରେ। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ରାୟଗଡ଼ା, ଗଜପତି, ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷାହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଖୋର୍ଦ୍ଧା, ସୋନପୁର, ବୌଦ୍ଧ, ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ସହିତ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିପାରେ । ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୭ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ । ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ବୌଦ୍ଧକୁ ଛାଡ଼ି ଦେଲେ ବାକି ଜିଲ୍ଲାରେ ସାମାନ୍ୟ ବର୍ଷା ସହ ବଜ୍ରପାତ ଓ ଘଡ଼ଘଡ଼ି ହୋଇପାରେ ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୮ ତାରିଖରେ ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏହି ଦୁଇ ଜିଲ୍ଲାରେ ୧୨ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ବୌଦ୍ଧ, ସୋନପୁର, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ । ଏଥିସହ ଝାରସୁଗୁଡ଼ା, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ସାମାନ୍ୟ ବର୍ଷା ସହିତ ବଜ୍ରପାତ ଏବଂ ଘଡ଼ଘଡ଼ି ମାରିପାରେ। ଏହି ସବୁ ଜିଲ୍ଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୨୯ ତାରିଖରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ସବୁ ଜିଲ୍ଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ପ୍ରଶ୍ନପତ୍ର ଲିକ...

ଅପରାଧୀଙ୍କ ବିରୋଧରେ ଅଭିଯାନ ଚଳାଇଥିଲେ। ଏବେ କପି ପ୍ରଶ୍ନପତ୍ର ଲିକ ଓ ସଲଭର ଗ୍ୟାଙ୍ଗସହିତ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହି ଅଧ୍ୟାଦେଶ ଅନୁଯାୟୀ ପେପର ଲିକ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ୨ ବର୍ଷରୁ ଆଜୀବନ କାରାଦଣ୍ଡ ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି । ଏହାବ୍ୟତୀତ ଏକ କୋଟି ଟଙ୍କା ଜରିମାନା ମଧ୍ୟ ଦେବାକୁ ପଡ଼ିବ। ଅନୁଷ୍ଠିତ ବୈଠକରେ ପ୍ରଶ୍ନପତ୍ର ଲିକ୍ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରଶ୍ନପତ୍ର ଲିକ ଘଟଣାରେ ମୁଖ୍ୟମନ୍ତ୍ରୀ ଯୋଗୀ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଭୁବନେଶ୍ୱରରେ ନିର୍ମାଣ...

ହେଉଥିବା ଫୁଟ୍ ଓଭରବ୍ରିଜ୍ ନିର୍ମାଣ ସକାଶେ ସାଂସଦ ଅପରାଜିତ ଷଡ଼ଙ୍ଗୀ ପୂର୍ବରୁ ଦାବି କରି ଆସୁଥିଲେ। ଜାତୀୟ ରାଜପଥ ପ୍ରାଧିକରଣ ଏହାର ବିଚାର କରି ପଦକ୍ଷେପ ନେଇଥିବାରୁ ଶ୍ରୀମତୀ ଷଡଙ୍ଗୀ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କେରଳ ହେବ...

ପରିବର୍ତ୍ତନ କରିବାର କ୍ଷମତା ଅଛି। ଏହି ସଂକଳ୍ପ ଉପରେ ଆଲୋକପାତ କରି ସେ କହିଛନ୍ତି ସମ୍ବିଧାନର ଧାରା ୩ ଅନୁଯାୟୀ ରାଜ୍ୟର ନାମ ସଂଶୋଧନ କରିବାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ଉଲ୍ଲେଖ କରାଯାଇଥିବା ସମସ୍ତ ଭାଷାରେ ଏହାକୁ କେରଳମ୍‌ରେ ପରିବର୍ତ୍ତନ କରିବାକୁ ରାଜ୍ୟ ବିଧାନସଭା ସର୍ବସମ୍ମତି କ୍ରମେ ଅନୁରୋଧ କରିଛି। ଏଭଳି ପରିସ୍ଥିତିରେ ନେବାକୁ ଥିବା ପଦକ୍ଷେପ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପାଖରେ ଅଛି । ଏଥିପାଇଁ ସଂସଦ ଅଧିବେଶନରେ କେନ୍ଦ୍ର ସରକାରଙ୍କୁ ସମ୍ବିଧାନରେ ସଂଶୋଧନ କରିବାକୁ ପଡ଼ିବ। ସମ୍ବିଧାନ ଅନୁଯାୟୀ, ରାଜ୍ୟଗୁଡିକର ନାମ ପରିବର୍ତ୍ତନ କରିବା ଏବଂ ଏହାର ସୀମା ନିର୍ଣ୍ଣୟ କରିବା ବ୍ୟତୀତ ଏକ ନୂତନ ରାଜ୍ୟ ଗଠନ କରିବାର କ୍ଷମତା ସଂସଦର ଅଛି। ଏଭଳି ପରିସ୍ଥିତିରେ ଏହା ନାମ ପରିବର୍ତ୍ତନ କରିବାକୁ ଇଚ୍ଛୁକ କି ନାହିଁ ତାହା କେନ୍ଦ୍ର ସରକାରଙ୍କ ଇଚ୍ଛା ଉପରେ ନିର୍ଭର କରିବ। ତେବେ କେରଳରେ ବିଜେପିର ସ୍ଥିତି ସୁଦୃଢ ହେବାରେ ଲାଗିଛି । ଦଳର ଭୋଟ ଅଂଶ ମଧ୍ୟ କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏଭଳି ପରିସ୍ଥିତିରେ ରାଜ୍ୟର ନାମ ପ୍ରସ୍ତାବକୁ ମଧ୍ୟ କେନ୍ଦ୍ର ସରକାର ଅନୁମୋଦନ କରିବାର ସମ୍ଭାବନା ରହିଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ମନୋଜ ଆହୁଜା...

ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରୁ ବ୍ୟାଚଲର ଅଫ୍ ଇଞ୍ଜିନିୟରିଂ (ମେକାନିକାଲ) ଡିଗ୍ରୀ ହାସଲ କରିଥିବା ବେଳେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଏମ୍‌ବିଏ ଏବଂ ହାବାର୍ଡ ୟୁନିଭରସିଟି (ଆମେରିକା)ରୁ ପବ୍ଲିକ୍ ଆଡମିନିଷ୍ଟ୍ରେସନରେ ମାଷ୍ଟର ଡିଗ୍ରୀ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି।

## ଆରମ୍ଭ ହେଲା...

ବାର୍ଷିକ କିସ୍ତିରେ ସ୍ପେକ୍ଟ୍ରମ ରାଶି ପୈଠ କରିବାକୁ ପଡ଼ିବ। କେବଳ ଏତିକି ନୁହେଁ ଟେଲିକମ କମ୍ପାନୀ ୧୦ ବର୍ଷ ପରେ ହିଁ ନିଜର ସ୍ପେକ୍ଟ୍ରମ ସମର୍ପଣ କରିପାରିବ। ତେବେ ଟେଲିକମ କମ୍ପାନୀଗୁଡ଼ିକୁ ଏଥର ନିଲାମରେ ସ୍ପେକ୍ଟ୍ରମ ବ୍ୟବହାର ଶୁଳ୍କ (ଏସୟୁସି) ଦେବାକୁ ପଡ଼ିବ ନାହିଁ।

# ଓଡ଼ିଶୀ ନୃତ୍ୟର ବିକାଶରେ ସଂଯୁକ୍ତା ପାଣିଗ୍ରାହୀଙ୍କ ଅବଦାନ ଅତୁଳନୀୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଓଡ଼ିଶୀ ନୃତ୍ୟାଙ୍ଗନା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ୨୭ତମ ପୁଣ୍ୟତିଥି ଭୁବନେଶ୍ୱର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣାକେନ୍ଦ୍ର ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି । ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ବନ୍ଦନା ଗାନ କଲାପରେ ଅନୁଷ୍ଠିତ ଉତ୍ସବରେ ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜୟ କୁମାର ସାହୁ, ଅମିତ୍ ପାତାଳସିଂହ, ଜୟ ଓଡ଼ିଶା ପକ୍ଷରୁ ସନ୍ତୋଷ ସେଠୀ, ସ୍ୱରାଜ ସୂତାର, ଜ୍ୟୋତିରଂଜନ ରାଉତ, ଅନୁଷ୍ଠାନର ବିଦ୍ୟାର୍ଥୀ ସତ୍ୟାନନ୍ଦ ମିଶ୍ର, ଜଳନ୍ଧର ନାୟକ, ସ୍ମୃତିରେଖା ପ୍ରତିହାରୀ, ଯଶମତୀ ହେମ୍ବ୍ରମ୍, ହୀରାରାଣୀ ଗୁରୁ, ଜ୍ୟୋତିରାଣୀ ନାୟକ, ଶୁଭଦର୍ଶିନୀ କୁଣ୍ଡୁ, ପ୍ରତୀକ୍ଷା ନନ୍ଦ, ସୂର୍ଯ୍ୟକାନ୍ତ ପ୍ରଧାନ ଓ ଗୁଲ୍‌ସନ୍ କୁମାର ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟରେ ଓଡ଼ିଶୀ ନୃତ୍ୟର ବିକାଶରେ ସଂଯୁକ୍ତା ପାଣିଗ୍ରାହୀଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିବା ସହ ସୁରମଣି ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସଂଗୀତ ଓ ସଂଯୁକ୍ତା ପାଣିଗ୍ରାହୀଙ୍କ ନୃତ୍ୟର ଯୁଗଳବନ୍ଦୀ ଓଡ଼ିଶାର କଳାସଂସ୍କୃତିକୁ ବିକଶିତ କରିଥିଲା । ସଂଯୁକ୍ତା ପାଣିଗ୍ରାହୀ ରାଜ୍ୟ ମଧ୍ୟରେ ଭାରତର ବିଭିନ୍ନ ପ୍ରଦେଶରେ ଓ ବିଦେଶରେ ଉଚ୍ଚକୋଟୀର ଓଡ଼ିଶୀ ନୃତ୍ୟ ପରିବେଷଣ କରି ଓଡ଼ିଶାର ସୁନାମକୁ ବିଶ୍ୱବିଦିତ କରିଥିଲେ ବୋଲି ଆଲୋକପାତ କରିଥିଲେ । ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଅନୁଜା ତାରିଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହାପରେ ବିଭାଗ ପକ୍ଷରୁ ଓଡ଼ିଶା ବିଧାନସଭା ସମ୍ମୁଖରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସର୍ବୋଦୟ ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ଋଷିପ୍ରତିମ ନବକୃଷ୍ଣ ଚୌଧୁରୀଙ୍କ ୪୦ତମ ପୁଣ୍ୟତିଥି ଅବସରରେ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।

# ନାବାଳିକାକୁ ଅସଦାଚରଣ ମାମଲା : ନାବାଳକକୁ ୧୦ ବର୍ଷ ଜେଲ୍

**ବାରିପଦା, ନ୍ୟୁଜ ବ୍ୟୁରୋ**

ମୟୂରଭଞ୍ଜ ଅତିରିକ୍ତ ଦୌରାଜଜ୍ (୧) ତଥା ଶିଶୁ କୋର୍ଟର ପ୍ରିଜାଇଡିଂ ଅଫିସର ବିଚାରପତି ସତ୍ୟନାରାୟଣ ପାତ୍ର ଏକ ନାବାଳିକା ଅସଦାଚରଣ ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି । ଘଟଣାର ଅଭିଯୁକ୍ତ ଜଣେ ନାବାଳକକୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୧ମାସ କାରାଦଣ୍ଡ ଭୋଗିବା ନେଇ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ନାବାଳକଜଣକ ହେଉଛି ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅଞ୍ଚଳର। ୧୪ ଜଣ ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି । ନାବାଳକ ଜଣକୁ ୨୧ ବର୍ଷ ହେବା ପର୍ଯ୍ୟନ୍ତ ରାଉରକେଲାଠାରେ ଏକ ସୁରକ୍ଷିତ ସ୍ଥାନରେ ରଖାଯିବ । ୨୧ ବର୍ଷ ପରେ ନାବାଳକକୁ ବାରିପଦାସ୍ଥିତ ମଣ୍ଡଳ କାରାଗାରକୁ ଅଣାଯିବ ବୋଲି ରାୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ନାବାଳକଜଣକ ଗତ ୨୦୨୨ ମସିହାରେ ଜଣେ ନାବାଳିକାକୁ ଅସଦାଚରଣ କରିଥିଲା। ନାବାଳିକାଜଣକ ରଜ ପୂର୍ଣ୍ଣିମାରେ ଘର ସମ୍ମୁଖରେ ଖେଳୁଥିବା ବେଳେ ତାକୁ ଟେକିନେଇ ନିକଟସ୍ଥ ଏକ ପଡ଼ିଆରେ ଅସଦାଚରଣ କରିଥିଲା। ଏ ସଂପର୍କରେ ପରିବାରଲୋକେ ଝାରପୋଖରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ନାବାଳକକୁ ସ୍ୱଧାର ଗୃହକୁ ପଠାଇ ଦେଇଥିଲେ। ଉକ୍ତ ମାମଲାକୁ ଅତିରିକ୍ତ ପିପି କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

# ବିଦେଶରୁ ସୁନା ପଠାଇବା ଆଳରେ ଠକିନେଲେ ୧୦ ଲକ୍ଷ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଦେଶରୁ ସୁନା ପଠାଇବା ଆଳରେ ସାଇବର ଠକ ଆକାଉଣ୍ଟରୁ ୧୦ଲକ୍ଷ ଟଙ୍କା ଠକି ନେଇଛନ୍ତି। ଠକାମିର ଶିକାର ହୋଇଥିବା ରାଘବ ସାହୁ ଏନେଇ ସାଇବର୍ ଥନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ସୋସିଆଲ ମିଡ଼ିଆରେ ଜଣେ ଯୁବତୀଙ୍କ ସହ ପରିଚିତ ହୋଇଥିଲେ। ସେ ନିଜକୁ ଡାକ୍ତର ବୋଲି କହିଥିଲେ। ଓଡ଼ିଶା ଲୋକଙ୍କର ସେବା କରିବାକୁ ଚାହୁଁଥିବା କହିଥିଲେ । ତେଣୁ ସେ ତାଙ୍କ ନିକଟକୁ କିଛି ସୁନା ପଠାଉଛନ୍ତି। ଏହାକୁ ଟଙ୍କାରେ ପରିବର୍ତ୍ତନ କରି ଲୋକଙ୍କ କାମରେ ଲଗାଇବାକୁ କହିଥିଲେ। ରାଘବ ଏହା ଶୁଣି ଖୁସି ହୋଇଯାଇଥିଲେ। ପଠାଇବାର ଦୁଇଦିନ ପରେ ଦିଲ୍ଲୀ ବିମାନ ବନ୍ଦରରୁ ଫୋନ୍ ଆସିଥିଲା। ସୁନା ପାର୍ସଲରେ ଆସିଥିବାରୁ ଏଥିପାଇଁ ଦେୟ ବାବଦରେ ୨ଲକ୍ଷ ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଠକ ପୁଣି ବିଭିନ୍ନ ବାହାନା କରି ଟଙ୍କା ମାଗିବା ପରେ ରାଘବ ଠକାମିର ଶିକାର ହୋଇଥିବା କହିଥିଲେ।

# 'ମୋ ବସ୍'ର କଣ୍ଡକ୍ଟରଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା 'ମୋ ବସ୍'ର ଜଣେ କଣ୍ଡକ୍ଟର ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପରିବାର ଲୋକ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ଗୃହରେ ରଖିଛି। ମଙ୍ଗଳବାର ଏହାର ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସନ୍ଧ୍ୟାରେ ଘରେ କେହି ନଥିବା ବେଳେ କଣ୍ଡକ୍ଟର ଝୁଲି ପଡ଼ିଥିଲେ ବୋଲି ଜଣାପଡିଛି।

**ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ**

**ବିଭିନ୍ନ କାର୍ଯ୍ୟ ନିମନ୍ତେ ଟେଣ୍ଡର ସୂଚନା**
**କ୍ରମ ସଂ (1) ଇ-ଟେଣ୍ଡର ସଂଖ୍ୟା ଡିଆରଏମ୍-ଇଞ୍ଜି-ବିଏସ୍‌ପି-ଟି-50-24-25, ତାରିଖ 12.06.2024**
**କାର୍ଯ୍ୟ :** 30.06.2025କୁ ସମାପ୍ତି ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା ମନେନ୍ଦ୍ରଗଡ଼ ଅଧିକାର କ୍ଷେତ୍ର ଅନ୍ତର୍ଗତ ଦରିଟୋଲା (ଇନ)ରୁ ଅମ୍ବିକାପୁର (ଇନ) ପର୍ଯ୍ୟନ୍ତ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ (₹): 1,40,71,476.10/- ଅମାନତ ରାଶି (₹):2,20,400/-**
କାର୍ଯ୍ୟ ପୂର୍ଣ୍ଣତାର ଅବଧି : **30.06.2025 ପର୍ଯ୍ୟନ୍ତ କ୍ରମିକ ସଂଖ୍ୟା (2) ଇ-ଟେଣ୍ଡର ସଂଖ୍ୟା ଡିଆରଏମ୍-ଇଞ୍ଜି-ବିଏସ୍‌ପି-ଟି-51-24-25.** ତାରିଖ **12.06.2024** କାର୍ଯ୍ୟ : 30.06.2025କୁ ସମାପ୍ତି ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା ମନେନ୍ଦ୍ରଗଡ଼ର ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନୁପପୁର (ଏକ୍ସ)ରୁ ବୋରିଡାଡ଼ (ଏକ୍ସ) ପର୍ଯ୍ୟନ୍ତ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ (₹):1,00,85,919.43/- ଅମାନତ ରାଶି (₹): 2,00,400/- କାର୍ଯ୍ୟ ପୂର୍ଣ୍ଣତାର ଅବଧି : 30.06.2025 ପର୍ଯ୍ୟନ୍ତ।**
**କ୍ରମ ସଂ.(3) ଇ-ଟେଣ୍ଡର ସଂଖ୍ୟା, ଡିଆରଏମ୍-ଇଞ୍ଜି-ବିଏସ୍‌ପି-ଟି-52-24-25, ତାରିଖ 12.06.2024 କାର୍ଯ୍ୟ :** 30.06.2025କୁ ସମାପ୍ତି ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା ମନେନ୍ଦ୍ରଗଡ଼ର ଅଧିକାର କ୍ଷେତ୍ର ଅନ୍ତର୍ଗତ ବୋରିଡାଣ୍ଡ (ଇନ)ରୁ ଦରିଟୋଲା (ଏକ୍ସ) ଏବଂ ବୋରିଡାଣ୍ଡ (ଇନ)ରୁ ବିରିମିରି (ଇନ) ପର୍ଯ୍ୟନ୍ତ ସିଭିଲ ଜୋନାଲ କାର୍ଯ୍ୟ ନିଷ୍ପାଦନ। **ଟେଣ୍ଡର ମୂଲ୍ୟ (₹): 1,50,40 ,057.23/- ଅମାନତ ରାଶି (₹): 2,25,200/- କାର୍ଯ୍ୟ ପୂର୍ଣ୍ଣତାର ଅବଧି: 30.06.2025 ପର୍ଯ୍ୟନ୍ତ।**
କ୍ରମ ସଂ (4) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ୍ ଇଞ୍ଜି-ବିଏସପି-ଟି-53-24-25 ତାରିଖ **12.06.2024 କାର୍ଯ୍ୟ :** 30.06.25 କୁ ସମାପ୍ତି ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା ଉମରିୟା ଅଧିକାର କ୍ଷେତ୍ର ଅନ୍ତର୍ଗତ ବିରସିଙ୍ଗପୁର (ଇନ୍)ରୁ ଉମରିୟା (ଏକ୍ସ) ପର୍ଯ୍ୟନ୍ତ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ : (₹): 91,04,256.18/- ଅମାନତ ରାଶି (₹): 1,82,100/- କାର୍ଯ୍ୟ ପୂର୍ଣ୍ଣତାର ଅବଧି 30.06.2025 ପର୍ଯ୍ୟନ୍ତ।**
କ୍ରମ ସଂ (୫) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ୍ ଇଞ୍ଜି-ବିଏସପି-ଟି-54-24-25 ତାରିଖ **12.06.2024 କାର୍ଯ୍ୟ:** 30.06.2025କୁ ସମାପ୍ତି ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା/ ଉମରିୟାର ଅଧିକାର କ୍ଷେତ୍ର ଅନ୍ତର୍ଗତ ଉମରିୟା (ଇନ)ରୁ କଟନୀ (କେଟିଇ ଓ କେଏମଜେଡ୍‌ରେ ଏସଇସିଆର ପରିସମ୍ପତ୍ତି ନିମନ୍ତେ) ପର୍ଯ୍ୟନ୍ତ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ (₹): 90,70,772.17/- ଅମାନତ ରାଶି (₹):1,81,400/- କାର୍ଯ୍ୟ ପୂର୍ଣ୍ଣତାର ଅବଧି 30.06.2025 ପର୍ଯ୍ୟନ୍ତ।**
କ୍ରମିକ ସଂ (6) ଇ-ଟେଣ୍ଡର ସଂଖ୍ୟା ଡିଆରଏମ ଇଞ୍ଜି-ବିଏସପି-ଟି-55-24-25 ତାରିଖ **12.06.2024 କାର୍ଯ୍ୟ :** 30.06.2025କୁ ସମାପ୍ତି ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା/ ରାହଡୋଲର ଅଧିକାର କ୍ଷେତ୍ର ଅନ୍ତର୍ଗତ ଅନୁପପୁର (ଇନ)ରୁ ବୁରହାର (ଇନ) ପର୍ଯ୍ୟନ୍ତ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ (₹): 1,02,88,781.94/- ଅମାନତ ରାଶି (₹): 2,01,500/-** କାର୍ଯ୍ୟ ପୂର୍ଣ୍ଣତାର ଅବଧି **30.06.2025 ପର୍ଯ୍ୟନ୍ତ।**
କ୍ରମ ସଂ (7) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ୍ ଇଞ୍ଜି-ବିଏସପି-ଟି-56-24-25 ତାରିଖ **12.06.2024 କାର୍ଯ୍ୟ:** 30.06.2025କୁ ସମାପ୍ତି ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା/ ରାହଡୋଲର ଅଧିକାର କ୍ଷେତ୍ର ଅନ୍ତର୍ଗତ ବୁରହାର (ଏକ୍ସ)ରୁ ବିରସିଙ୍ଗପୁର (ଏକ୍ସ) ପର୍ଯ୍ୟନ୍ତ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ (₹): 1,10,65,594.86/-** ଅମାନତ ରାଶି **(₹): 2,05,300** କାର୍ଯ୍ୟ ପୂର୍ଣ୍ଣତାର ଅବଧି **30.06.2025 ପର୍ଯ୍ୟନ୍ତ।**
**କ୍ରମ ସଂ. (8) ଇ-ଟେଣ୍ଡର ସଂଖ୍ୟା ଡିଆରଏମ୍ ଇଞ୍ଜି-ବିଏସପି-ଟି-57-24-25 ତାରିଖ 12.06.2024 କାର୍ଯ୍ୟ** 30.06.2025କୁ ସମାପ୍ତି ଅବଧି ନିମନ୍ତେ ବରିଷ୍ଠ ମଣ୍ଡଳ ଅଭିଜ୍ଞତା ଉତ୍ତରର ଅଧିକାର କ୍ଷେତ୍ର ଅନ୍ତର୍ଗତ ସଡ଼କ ମରାମତି ନିମନ୍ତେ ଜୋନାଲ କାର୍ଯ୍ୟ ନିଷ୍ପାଦନ। **ଟେଣ୍ଡର ମୂଲ୍ୟ (₹):** 75,00 000/- **ଅମାନତ ରାଶି (₹): 1,50,000/- - କାର୍ଯ୍ୟ ପୂର୍ଣ୍ଣତାର ଅବଧି:** 30.06.2025 ପର୍ଯ୍ୟନ୍ତ।
**ନୋଟ: ଉପରୋକ୍ତ ସମସ୍ତ କାର୍ଯ୍ୟ ନିମନ୍ତେ ଟେଣ୍ଡର ଜମା କରିବାର ଆରମ୍ଭ ତାରିଖ: 21.06.2024 ରୁ ଟେଣ୍ଡର ଜମା କରିବାର ଅନ୍ତିମ ତାରିଖ 05.07.2024 11.00ଟା ପର୍ଯ୍ୟନ୍ତ।**
ଉପରୋକ୍ତ ଇ-ଟେଣ୍ଡର ସୂଚନାର ସମସ୍ତ ତଥ୍ୟ https://www.ireps.gov.in ୱେବସାଇଟରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ହେତୁ ଇ-ଟେଣ୍ଡର ବ୍ୟତୀତ ଅନ୍ୟ ଟେଣ୍ଡର ସ୍ୱୀକାର କରାଯିବ ନାହିଁ।
**ମଣ୍ଡଳ ରେଲୱେ ପ୍ରବନ୍ଧକ (ଅଭି.)**
*CPR/10/99* ଦ.ପୂ.ମ. ରେଲୱେ/ବିଳାସପୁର
South East Central Railway @secrail

# ଲୋପ ପାଉଛି ତାଳଗଛ : ବଜ୍ରାଘାତ ନେଉଛି ଜୀବନ

**କଳାପଥର, ନ୍ୟୁଜ ବ୍ୟୁରୋ**

କ୍ରମାଗତ ଭାବେ ଜଙ୍ଗଲ ଧ୍ୱଂସ କାରଣରୁ ବ୍ୟାପକ ଭାବେ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି । କଂକ୍ରିଟ ଜଙ୍ଗଲ ଓ କଂକ୍ରିଟ୍ ରାସ୍ତାଘାଟ ହେବା ଫଳରେ ତାପମାତ୍ରା ଦିନକୁ ଦିନ ଅଧିକ ବୃଦ୍ଧି ପାଉଛି । ବିଶେଷ କରି ବର୍ଷାର ପରିମାଣ ଆସ୍ତେ ଆସ୍ତେ କମିଯିବା ଫଳରେ ପ୍ରାକୃତିକ ବିପର୍ଯ୍ୟୟକୁ ନିମନ୍ତ୍ରଣ କରୁଛି । ସହର ଓ ଜନବସତି ଅଂଚଳରେ ଗଛଲତା କଟାଯାଉଛି ଏବଂ ସବୁଜ ବଳୟ ଲୋକ ପାଇବାରେ ଲାଗିଛି । ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ଏବେ ସବୁଠାରୁ ବଜ୍ରଘାତ ଘଟିବା ଅଧିକ ପରିମାଣରେ ହେଉଛି । ଏହି ବଜ୍ରଘାତ ଯୋଗୁଁ ଅନେକ ଧନଜୀବନ ହାନୀ ଘଟୁଛି । ଆମ ଓଡ଼ିଶାରେ ବଜ୍ରାଘାତରେ ୨୦୨୧-୨୨ରେ ୨୮୧ଜଣ ମୃତ୍ୟୁବରଣ କରିଥିବା ବେଳେ ବିଗତ ୧୧ବର୍ଷ ମଧ୍ୟରେ ୩୭୯୦ଜଣ ମଣିଷଙ୍କର ମୃତ୍ୟୁ ଘଟିଛି । ରାସ୍ତାଘାଟ ସଂପ୍ରସାରଣ ଓ କଳକାରଖାନା ନିର୍ମାଣ ଯୋଗୁଁ ଗଛକଟା ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବହୁ ତାଳଗଛ କଟା ଯାଉଛି । ତାଳଗଛ ହେଉଛି ବଜ୍ରାଘାତକୁ ରକ୍ଷା କରିବାର ଏକ କବଚ ବା ସେମିକଣ୍ଡକ୍ଟର ଭାବେ ସୁରକ୍ଷା ଦେଉଛି । ତେଣୁ ତାଳଗଛ ଲୋପ ପାଇବାରୁ ବ୍ରଜାଘାତ ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ଏହା ସହିତ ତାଳଗଛରେ ବାସକରୁଥିବା ବାଇଚଢ଼େଇ ଆଉ ଦେଖିବାକୁ ମିଳୁନାହିଁ । ତାଳଗଛ ବଢ଼ିବାକୁ ପ୍ରାୟ ୨୫ ରୁ ୩୦ ବର୍ଷ ସମୟ ଲାଗିଥାଏ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ଓ ଜଙ୍ଗଲରେ ତାଳଗଛ ରୋପଣ କରିବାର ଆବଶ୍ୟକତା ରହିଛି ବୋଲି ପରିବେଶବିତ୍ ତଥା ପ୍ରକୃତିବନ୍ଧୁ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ମତବ୍ୟକ୍ତ କରିଛନ୍ତି। ତାଳଗଛ ରୋପଣକୁ ଗୁରୁତ୍ୱ ଦେଇ ଜନସଚେତନତା ଏବଂ ଛାତ୍ର ଓ ଯୁବକ ମଧ୍ୟରେ ଚାରା ରୋପଣ ପାଇଁ ଏକ କାର୍ଯ୍ୟକ୍ରମ କରାଯିବ ବୋଲି ପ୍ରାଧ୍ୟାପକ ମହାପାତ୍ର ପ୍ରକାଶ କରିଛନ୍ତି ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. : SBP-ELECT-2024-T-212

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ମେଜର ଷ୍ଟେସନଗୁଡ଼ିକରେ ପମ୍ପ, ପ୍ଲାଟଫର୍ମ (30%/70%) ଆଲୋକିତକରଣ, ସଡ଼କ ଆଲୋକିତକରଣ, ଏସ୍କାଲେଟର, ସବ୍‌ଷ୍ଟେସନ ଇତ୍ୟାଦି ଭଳି ଇଲେକ୍ଟ୍ରିକାଲ ଜେନେରାଲ ଆସେଟ୍‌ଗୁଡ଼ିକର ନିରୀକ୍ଷଣ ଏବଂ ନିୟନ୍ତ୍ରଣ (ଭାରତୀୟ ରେଳବାଇ ନେଟିଭ IOT ଆଧାରିତ ପ୍ରାପ୍ତି ବିଶ୍ଳେଷଣ, ଟେଲିମେଟ୍ରି, ରେକର୍ଡିଙ୍ଗ୍ ଏବଂ ନିୟନ୍ତ୍ରଣ-IR-NIYANTRAC) ନିମନ୍ତେ IOT ଡିଭାଇସ୍/ଇଣ୍ଟିଲିଜେଣ୍ଟ ଫିଲ୍ଡ ଡିଭାଇସ୍(IFDs) ର ବ୍ୟବସ୍ଥା (ଫେଜ-I) ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 2,23,52,551.22,**
EMD/ବିଡ୍ ସିକ୍ୟୁରିଟି ଜମା (₹) : **2,61,800.00,**
କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର ଜାରି ହେବା ତାରିଖ ଠାରୁ 06(ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :**
ତା.22.07.2024 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା / ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-244/P/24-25

# ନିଟ୍ ୟୁଜି ପୁନଃ ପରୀକ୍ଷା ଦେଲେନି ୪୮% ଛାତ୍ରଛାତ୍ରୀ

**ନୂଆଦିଲ୍ଲୀ,**

ସାରା ଦେଶରେ ବିବାଦ ଓ ତଦନ୍ତ ପାଇଁ ରବିବାର ଯେଉଁ ୭ଟି କେନ୍ଦ୍ରରେ ୧୫୬୩ ପରୀକ୍ଷାର୍ଥୀଙ୍କର ପୁଣି ଥରେ ନିଟ୍-ୟୁଜି ପରୀକ୍ଷା ଆୟୋଜିତ ହୋଇଥିଲା, ସେଥିରୁ ୪୮ ପ୍ରତିଶତ ଛାତ୍ର ପରୀକ୍ଷା ଦେଇନାହାନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ନିଟ୍-ୟୁଜି ପରୀକ୍ଷାରେ ଗ୍ରେସ ମାର୍କ୍ସ ହାସଲ କରିଥିବା ୧୫୬୩ ପରୀକ୍ଷାର୍ଥୀଙ୍କର ପୁନଃ ପରୀକ୍ଷା ହେବାର ଥିଲା । ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ, ରବିବାର ଜୁନ ୨୩ରେ ଦେଶରେ ୭ଟି କେନ୍ଦ୍ରରେ ୧୫୬୩ ଛାତ୍ରଛାତ୍ରୀଙ୍କ ପାଇଁ ପୁଣି ନିଟ୍-ୟୁଜି ପରୀକ୍ଷା ଆୟୋଜିତ କରାଯାଇଥିଲା । ଏଥିରେ କିଛି କେନ୍ଦ୍ରରେ ଜଣେ ବି ଛାତ୍ର ପରୀକ୍ଷା ଦେବାକୁ ଆସିନଥିଲେ । ପ୍ରାୟ ୪୮ ପ୍ରତିଶତ ଷ୍ଟୁଡେଂଟ ପରୀକ୍ଷା ଦେବାକୁ ପହଞ୍ଚିନଥିଲେ। ଏନଟିଏ ମୁତାବକ ମୋଟ ୧୫୬୩ ଛାତ୍ରଙ୍କ ମଧ୍ୟରୁ ୮୧୩ଜଣ ପୁନଃ ପରୀକ୍ଷା ଦେଇଛନ୍ତି ଏବଂ ୭୫୦ଜଣ ଛାତ୍ର ପରୀକ୍ଷା ଦେଇନାହାନ୍ତି । ଛତିଶଗଡ, ଗୁଜରାଟ, ହରିୟାଣା, ମେଘାଳୟ ଓ ଚଣ୍ଡିଗଡରେ ୭ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା ।

# ପୁଲିସ ସାମ୍ନାରେ ଟ୍ରେନ୍ ଆଗକୁ ଡେଇଁଲେ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ଯୁବକ ପୁଲିସ ସାମ୍ନାରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଏଭଳି ଘଟଣା ପଟିଆ ରେଳ ଷ୍ଟେସନରେ ଦେଖିବାକୁ ମିଳିଛି। ଆତ୍ମହତ୍ୟା କରିଥିବା ବ୍ୟକ୍ତି ଜଣଙ୍କ ହେଲେ ପଦ୍ମକେଶରୀପୁରର କହ୍ନେଇ ଦାଶ। ଜିଆରପି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ସୂଚନା ଅନୁସାରେ, କହ୍ନେଇଙ୍କ ବାପାଙ୍କ ମୃତ୍ୟୁ ଘଟିବା ପରେ ସେ ପରିବାରର ବୋଝ ସମ୍ଭାଳୁଥିଲେ। ତାଙ୍କ ବିବାହ କରାଯିବା ପରେ ଇତି ମଧ୍ୟରେ ଗୋଟିଏ ପୁଅ ରହିଛି। ହେଲେ କିଛିଦିନ ହେଲା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଝଗଡ଼ା ହୋଇଥିଲା । ଏନେଇ ତାଙ୍କ ପତ୍ନୀ ଥାନାରେ ଅଭିଯୋଗ କରିବା ପରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ କରି ଘରକୁ ଫେରୁଥିଲେ। ହେଲେ ତାଙ୍କ ପତ୍ନୀ ପାରିବାରିକ କଳହକୁ କେନ୍ଦ୍ରକରି ପୁଣି ଥାନାରେ ଅଭିଯୋଗ କରିଥିଲେ । ପୁଲିସ କହ୍ନେଇଙ୍କୁ ତାଗିଦ କରିବା ପରେ ସନ୍ଧ୍ୟାରେ ଛାଡ଼ି ଦେଇଥିଲା। ହେଲେ ପୁଲିସ ତାକୁ ଡାକିବାକୁ ଯାଇଥିବା ବେଳେ ସେ ଭୟରେ ପଟିଆ ଷ୍ଟେସନରେ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ।

# ବୃକ୍ଷରୋପଣ ସର୍ତ୍ତରେ ଅଭିଯୁକ୍ତକୁ ଜାମିନ୍ ଦେଲେ ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**

ଜଣେ ଅଭିଯୁକ୍ତଙ୍କୁ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ହାଇକୋର୍ଟ ଜାମିନ୍ ପ୍ରଦାନ କରିଥିବାବେଳେ ଉକ୍ତ ଅଭିଯୁକ୍ତ ୨୦ଟି ଚାରା ଲଗାଇବେ ବୋଲି ସର୍ତ୍ତ ଧାର୍ଯ୍ୟ କରିଛନ୍ତି । ଏଥିପାଇଁ ସ୍ଥାନୀୟ ନର୍ସରୀ ଆବଶ୍ୟକ ଚାରା ଯୋଗାଇ ଦେବ । ମୋତିଲାଲ୍ ଗଡ଼ବାଙ୍କ ପକ୍ଷରୁ ଆଗତ ଜାମିନ୍ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍. କେ. ପାଣିଗ୍ରାହୀ ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଗଛ ଲଗାଇଲେ କି' ନାହିଁ ସ୍ଥାନୀୟ ଆଇଆଇସି ବନ ବିଭାଗ ଅଧିକାରୀଙ୍କ ସହ ଯୋଗାଯୋଗ କରି ସ୍ପଷ୍ଟ କରିବେ। ଗଛ ଲଗାଇବାର ଦୁଇବର୍ଷ ପର୍ଯ୍ୟନ୍ତ ଆବେଦନକାରୀ ସେଗୁଡ଼ିକର ଯତ୍ନ ନେବେ ବୋଲି ସ୍ଥାନୀୟ ଆଇଆଇସିଙ୍କ ନିକଟରେ ଏକ ସତ୍ୟପାଠ ମଧ୍ୟ ଦାଖଲ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏକ ଦୁଷ୍କର୍ମ ମାମଲାରେ କୋରାପୁଟ ଜିଲ୍ଲା ଜୟପୁର ମହିଳା ଥାନା ଦ୍ୱାରା ଗିରଫ ହୋଇ ଅଭିଯୁକ୍ତ ମୋତିଲାଲ ଗଡ଼ବା ପ୍ରାୟ ତିନି ବର୍ଷ ଧରି ଜେଲ୍‌ରେ ରହି ଆସୁଥିଲା । ଅଭିଯୁକ୍ତଙ୍କ ମା' କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜୟପୁର ମେଡିକାଲ୍‌ରେ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି । ପରିବାରରେ ତାଙ୍କ ବାପାଙ୍କ ବ୍ୟତୀତ ଆଉ କେହି ପୁରୁଷ ସଦସ୍ୟ ନାହାନ୍ତି । ତେଣୁ ମା'ଙ୍କ ନିକଟରେ ଆବେଦନକାରୀଙ୍କ ଉପସ୍ଥିତ ନିହାତି ଆବଶ୍ୟକତା ଥିବାରୁ ତାଙ୍କୁ ଜାମିନ୍‌ରେ ଛାଡ଼ ପାଇଁ ପ୍ରାର୍ଥନା କରାଯାଇଥିଲା । ମା'ଙ୍କ ଚିକିତ୍ସା ପାଇଁ ଆବେଦନକାରୀଙ୍କ ନିହାତି ଉପସ୍ଥିତି ଆବଶ୍ୟକତା ଥିବାରୁ ହାଇକୋର୍ଟ ତାଙ୍କୁ ୩ ମାସ ଲାଗି ଅନ୍ତରୀଣ ଜାମିନ୍ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ଜାମିନ୍‌ରେ ଯିବାବେଳେ ସ୍ଥାନୀୟ ସରକାରୀ ଜମିରେ ୨୦ଟି ଚାରା ଲଗାଇବେ ବୋଲି ସର୍ତ୍ତ ଧାର୍ଯ୍ୟ କରିଛନ୍ତି । ଏଥିସହ ଜାମିନ୍‌ରେ ଥିବାବେଳେ ସେ କୌଣସି ପ୍ରକାର ଅପରାଧିକ କାର୍ଯ୍ୟକଳାପରେ ଜଡ଼ିତ ହେବେ ନାହିଁ, ତାଙ୍କ ବିରୋଧରେ ଥିବା ପ୍ରମାଣକୁ ନଷ୍ଟ କରିବେ ନାହିଁ ଏବଂ ଜାମିନ୍ ଅବଧି ଶେଷ ହେବା ପରେ ତୁରନ୍ତ ତଳ କୋର୍ଟରେ ଆତ୍ମସମର୍ପଣ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି ।

**ଭୁବନେଶ୍ୱର**
**୨୬ ଜୁନ୍**
**ବୁଧବାର, ୨୦୨୪**

RNI Regd. No. : 52640/94
Postal Regd. No. :
BN/60/22-24



ନୂଆଦିଲ୍ଲୀ : ଅଷ୍ଟାଦଶ ଲୋକସଭାର କାମଚଳା ବାଚସ୍ପତି ରୂପେ ଶପଥ ନେବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅନ୍ୟାନ୍ୟ ବରିଷ୍ଠ ନେତାମାନଙ୍କ ଗ୍ରହଣରେ କଟକର ଲୋକସଭା ସଭ୍ୟ ଭର୍ତ୍ତୃହରି ମହତାବ।





ଭୁବନେଶ୍ୱର : ରାଜ୍ୟ ଅତିଥିଭବନ ସ୍ଥିତ ଅସ୍ଥାୟୀ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଧାରଣ ଲୋକ, ବିଭିନ୍ନ ସଙ୍ଗଠନ ଓ ଦିବ୍ୟାଙ୍ଗଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣୁଛନ୍ତି । (ଫଟୋ : ସମ୍ବାଦ କଳିକା)

### ଏସସିବିରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

## ଉନ୍ନତମାନର ରୋଗୀ ସେବା ଯୋଗାଇବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ



**କଟକ, ୨୫/୬ ନ୍ୟୁଜ ବ୍ୟୁରୋ**
ଏସସିବି ମେଡିକାଲ ଗସ୍ତ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ । ମେଡିକାଲରେ ସମସ୍ତ ବିଭାଗ ଭ୍ରମଣ କରିବା ସହ ଏସସିବି ଅଧିକ୍ଷକ ଓ ବରିଷ୍ଠ ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ମନ୍ତ୍ରୀଙ୍କ ମତରେ ରାଜ୍ୟରେ ନୂଆ ସରକାର ଗଠନ ହେବାପରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆସିବ । ଗୋଟିଏ ପଟେ ଡାକ୍ତରଙ୍କୁ ସୁରକ୍ଷା, ଅନ୍ୟପଟେ ଉନ୍ନତମାନର ରୋଗୀ ସେବା ଯୋଗାଇବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ରୋଗୀ ଓ ଡାକ୍ତରମାନଙ୍କ ମଧ୍ୟରେ ଯେପରି ଭଲ ସମ୍ପର୍କ ରହିବ ତାହା ଉପରେ ବେଶି ଗୁରୁତ୍ୱ ଦିଆଯାଉଛି । ଯେପରି ଡାକ୍ତର ରୋଗୀଙ୍କ ପ୍ରତି ଭଲ ବ୍ୟବହାର କରିବେ ସେନେଇ ଅଧିକ ଯତ୍ନବାନ ହେବା ନେଇ ବିଭିନ୍ନ ବର୍ଗର ଡ଼ାକ୍ତରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ଆଗାମୀ ଦିନରେ ଯେପରି ଚିକିତ୍ସା ବ୍ୟବସ୍ଥା ଉପରେ ସୁଧାର ଆସିବ ସେନେଇ ଏକ ସ୍ୱତନ୍ତ୍ର ରୋଡ଼ମ୍ୟାପ ପ୍ରସ୍ତୁତ କରାଯିବ । ଏସସିବିରେ ଡାକ୍ତର ଅଭାବ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଉଛି ତାହା ଉପରେ ନଜର ଦିଆଯିବ ବୋଲି କହିଛନ୍ତି । ଏହାବ୍ୟତୀତ ଏସସିବି ସମ୍ପ୍ରସାରଣ ପ୍ରୋଜେକ୍ଟ ଉପରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ସ୍ଥିତି ଅନୁଧ୍ୟାନ କରାଯାଉଛି । ଏହାସହ କୋରାପୁଟ, ରାୟଗଡା ଓ କଳାହାଣ୍ଡିରେ ଡିପଥେରିଆ ଆୟତ୍ତ ରହିଛି ଓ ସମ୍ବଲପୁରରେ ଜଣ୍ଡିସ ବ୍ୟାପିବା ଉପରେ ଜିଲ୍ଲାପାଳଙ୍କ ସହ ଆଲୋଚନା ହୋଇଛି ଓ ସେଠାରେ ସ୍ଥିତି ମଧ୍ୟ ଆୟତ୍ତ ରହିଥିବା କହିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ।

### ନିର୍ମାଣାଧୀନ କୋର୍ଟ କାର୍ଯ୍ୟର ସମୀକ୍ଷା କଲେ ଆଇନ ମନ୍ତ୍ରୀ

## ଦେଶର ଏକ ଅନନ୍ୟ କୋର୍ଟ ଭାବରେ ଉଦ୍‌ଘାଟନ ହେବ ଭୁବନେଶ୍ୱର କୋର୍ଟ

**ଭୁବନେଶ୍ୱର, ୨୫/୦୬ ନ୍ୟୁଜ ବ୍ୟୁରୋ**
ନିର୍ମାଣାଧୀନ କୋର୍ଟ କାର୍ଯ୍ୟର ସମୀକ୍ଷା କଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହାସହିତ ନିର୍ମାଣାଧୀନ କୋର୍ଟ ଓ କାର୍ଯ୍ୟରତ କୋର୍ଟ ପରିସରର କାର୍ଯ୍ୟ ଅଗ୍ରଗତି ଓ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ ନେଇ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଛନ୍ତି ମନ୍ତ୍ରୀ । ଭୁବନେଶ୍ୱର ସ୍ଥିତ ଜିଲ୍ଲା ଦୌରାଜଜଙ୍କ ଅଦାଲତରେ ପହଞ୍ଚି ପୁରୁଣା ମାମଲାଗୁଡ଼ିକର ଫଇସଲା ଓ ବିଚାରଧୀନ ମାମଲା ଗୁଡ଼ିକର ଗତିଶୀଳତା ନେଇ ଉପସ୍ଥିତ ଜଜ୍ ଓ ଓକିଲ ସଂଘର ସଦସ୍ୟଙ୍କ ସହ ଆଲୋଚନା କରିଛନ୍ତି । ତା'ସହିତ କୋର୍ଟର କାର୍ଯ୍ୟ ଓ ବିଚାର ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ସ୍ଥିତି ପରଖିଥିବା



ଏବଂ ନୂତନ ନିର୍ମାଣଧୀନ କୋଠା ଓ ବିଚାର ବିଭାଗୀୟ ଅଦାଲତ ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେ କହିଛନ୍ତି, 'ଦେଶର ଏକ ଅନନ୍ୟ କୋର୍ଟ ଭାବରେ ଉଦ୍‌ଘାଟନ ହେବ ଭୁବନେଶ୍ୱର କୋର୍ଟ । ସବୁଠାରୁ ବ୍ୟବସ୍ଥିତ ଓ ସବୁ ସୁବିଧା ଉପଲବ୍ଧ ସମ୍ପୂର୍ଣ୍ଣ ହେବ କୋର୍ଟ । ଆମର ସମସ୍ତଙ୍କର ଇଚ୍ଛା ଯଥାଶୀଘ୍ର ଉଦ୍‌ଘାଟନ ହେଉ । ମୁଖ୍ୟ ବିଚାରପତି ସ୍ପଷ୍ଟତା ଦେଇଛନ୍ତି ଅଗଷ୍ଟ ମାସରେ ଏହାକୁ କାର୍ଯ୍ୟକ୍ଷମ କରିବାକୁ । ଏଣୁ ଆମକୁ ଜୁଲାଇ ୩୧ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ହେବ । ଏଣୁ ମୁଁ ବ୍ୟକ୍ତିଗତ ଭାବରେ ଆସି ସମୀକ୍ଷା କରିଛି । ସମସ୍ତ କାର୍ଯ୍ୟ ସନ୍ତୋଷଜନକ ରହିଛି । କାମ ଯେତିକି ହୋଇଛି ୯୯ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି । ଆଉ ୧୫ରୁ ୨୦ ଦିନ ଭିତରେ ଶେଷ କରିବା ପାଇଁ ଚେଷ୍ଟା କରୁଛୁ । ଆମେ ଯେଉଁ ପ୍ରତିଶୃତି ଦେଇଛୁ ସେହି ସମୟ ମଧ୍ୟରେ ଅର୍ଥାତ ୩୧ ଜୁଲାଇ ସୁଦ୍ଧା କାର୍ଯ୍ୟ ଶେଷ କରି ଅଗଷ୍ଟ ମାସରେ କୋର୍ଟକୁ ସବୁଠୁ ସମନ୍ୱିତ କୋର୍ଟ ଭାବରେ କରାଯିବ ଉଦଘାଟନ । ଏହା ସହିତ ଆଇନଜୀବୀ ମାନଙ୍କର କିଛି ଅସୁବିଧା ସମ୍ପର୍କରେ ମଧ୍ୟ ଜଣାଇଛନ୍ତି, ତା'ଉପରେ ମଧ୍ୟ ସରକାର ଶୀଘ୍ର ପଦକ୍ଷେପ ନେବେ ।

### ଖଣି ବିଭାଗର ଚଢଉ ଜାରି

## ୧୦ ଗାଡ଼ି ଜବତ

**ଭୁବନେଶ୍ୱର, ୨୫/୬ ନ୍ୟୁଜ ବ୍ୟୁରୋ**
ବାରଙ୍ଗରେ ଲଘୁ ଖଣିଜ ବିଭାଗର ଚଢଉ ଜାରି ରହିଥିବା ବେଳେ ପୁଣି ବିଳମ୍ବିତ ରାତିରେ ଆଉ ୭ଟି ଗାଡି ଜବତ କରାଯାଇଥିଲା। ସେଥିମଧ୍ୟରେ ୬ଟି ଟ୍ରକ ଓ ଗୋଟିଏ ହାଇୱା ରହିଛି । ବାରଙ୍ଗର ବିଭିନ୍ନ ପ୍ରବେଶ ପଥରେ ଚଢ଼ଉ କରାଯାଇ ବେଆଇନ ଭାବରେ ବିଭିନ୍ନ ଲଘୁ ଖଣିଜ ପରିବହନରେ ବ୍ୟବହୃତ ଟ୍ରକ ଓ ହାଇୱାଗୁଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଗାଡ଼ିରେ ଚାଲାଣ କାଗଜପତ୍ର ଠିକ୍ ନଥିବାରୁ ସେଗୁଡ଼ିକ ଜବତ କରି ବାରଙ୍ଗ ପୁଲିସ ଜିମା ଦିଆଯାଇଛି। ଜରିମାନା ପଇଠ ନ କଲେ, ଗାଡ଼ିଗୁଡ଼ିକୁ ଅଦାଲତ ଚାଲାଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଗୋଡ଼ିସାହି ନିକଟରୁ ଏକ ହାଇୱା ଜବତ କରାଯାଇଥିବାବେଳେ ପୁନଃଶ୍ଚ ଆଉ ଦୁଇଟି ଗାଡି (ଟ୍ରକ୍ ଓ ହାଇୱା) ଜବତ କରାଯାଇ ଗୋଡ଼ିସାହି ଫାଣ୍ଡି ପୁଲିସ ଜିମା ଦିଆଯାଇଥିଲା। ଏହିପରି ୩ ଦିନ ମଧ୍ୟରେ ୧୦ଟି ଗାଡି ଜବତ କରାଯାଇଛି ।

## ବଦଳିବ 'ଲକ୍ଷ୍ମୀ' ବସ୍‌ର ନାଁ



**ଭୁବନେଶ୍ୱର, ୨୫/୬ ନ୍ୟୁଜ ବ୍ୟୁରୋ**
ପୂର୍ବ ସରକାର ଆରମ୍ଭ କରିଥିବା ଲକ୍ଷ୍ମୀ ବସ୍ ଯୋଜନାର ନାମ ବଦଳିପାରେ। ଏନେଇ ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ତେବେ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା କହିଛନ୍ତି ଲକ୍ଷ୍ମୀ ବସ୍ ସେବା ନେଇ ଅଧିକ ତର୍ଜମା ଚାଲିଛି। ଯେଉଁ ସ୍ଥାନରୁ ବସ୍ ସେବା ନାହିଁ, ସେ ସ୍ଥାନର ଲୋକେ ସୁବିଧା ପାଇବେ। ଯେଉଁ ନାମରେ ହେଉ ପଛେ ଲୋକଙ୍କୁ ବସ୍ ସେବା ଦିଆଯିବ। ଏଠାରେ ଉଲ୍ଲେଖ ଯୋଗ୍ୟ ଲକ୍ଷ୍ମୀ ବସ୍ ଚଳାଚଳ ଯୋଗୁଁ ରାଜ୍ୟର ଗ୍ରାମାଞ୍ଚଳ ମାନଙ୍କରେ ଲୋକେ ସୁବିଧାରେ ଓ ସ୍ୱଳ୍ପ ଖର୍ଚ୍ଚରେ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଯାଇପାରୁଛନ୍ତି।

## ଶିକ୍ଷା କ୍ଷେତ୍ରରେ ଆସିବ ସଂସ୍କାର : ରେଜଲ୍ଟ ଖରାପ ହେଉଥିବା ସ୍କୁଲ ଉପରେ ଫୋକସ

**ଭୁବନେଶ୍ୱର, ୨୫/୬ ନ୍ୟୁଜ ବ୍ୟୁରୋ**
ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକଟ କଲେ ମନ୍ତ୍ରୀ । ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବର୍ତ୍ତମାନ ସମୟରେ ମଧ୍ୟ ବହୁତ୍ ଅଭାବ ରହିଛି । ଯେମିତିକି ସ୍କୁଲ ଗୁଡିକରେ ଶିକ୍ଷକ ଅଭାବ ରହିଛି । ଅନେକ ସ୍ଥାନରେ ଶ୍ରେଣୀ ଗୃହ ଠିକ୍ ନାହିଁ । ଏହାସହ ଶିକ୍ଷକଙ୍କର ମଧ୍ୟ ଅନେକ ସମସ୍ୟା ରହିଛି । ଯାହା ଫଳରେ ଶିକ୍ଷାର ବିକାଶରେ ବାଧା ସୃଷ୍ଟି ହେଉଛି । ଏହି ସମସ୍ତ ସମସ୍ୟାଗୁଡ଼ିକ ଆଗାମୀ ଦିନରେ କିଭଳି ଭାବରେ ସମସ୍ତଙ୍କ ସହଯୋଗରେ ସମାଧାନ କରାଯିବ ସେନେଇ ଆଲୋଚନା କରାଯିବ ସେଥିପାଇଁ ବିଭାଗ ସଚେତନ ରହିଛି । ଆମ ପାଇଁ ଏହା ବଡ ଚ୍ୟାଲେଞ୍ଜ ରହିଛି । ପିଲାମାନେ ଯେଉଳି ଭାବରେ ଗୁଣାତ୍ମକ ଶିକ୍ଷା ଓ ଶିକ୍ଷା କ୍ଷେତ୍ରରେ ସଂସ୍କାର ଅଣାଯିବ ସେନେଇ ପଦକ୍ଷେପ ଗ୍ରହଣ କରାଯିବ । ଏପଟେ ରାଜ୍ୟରେ ଯେଉଁ ସ୍କୁଲ ଗୁଡିକରେ ରେଜଲ୍ଟ ଖରାପ ହେଉଛି ସେହି ସ୍କୁଲଗୁଡିକରେ ମଧ୍ୟ ଫୋକସ୍ ଦିଆଯାଇଛି । ଆମ ବିଭାଗ ମାଧ୍ୟମରେ ଏକ ପ୍ରଶିକ୍ଷଣର ଆୟୋଜନ କରାଯିବ । ଆଗାମୀ ଦିନରେ ସେହି ସ୍କୁଲଗୁଡିକରେ ପିଲାମାନଙ୍କର ରେଜଲ୍ଟ କିଭଳି ଭାବରେ ଭଲ ହେବ ପାଠପଢାରେ ଉନ୍ନତି ଆସିବ ସେନେଇ ଆମ ବିଭାଗ ବ୍ୟବସ୍ଥା କରୁଛି । ସମସ୍ତଙ୍କ



ପ୍ରୟାସରେ ଆଗାମୀ ଦିନରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିବ। ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି,' ଡ୍ରପ୍ ଆଉଟ୍ ଏକ ବଡ଼ ସମସ୍ୟା । ଡ୍ରପ୍ ଆଉଟ୍ କାହିଁକି ହେଉଛି ତାହାର ଏକ କାରଣ ଖୋଜାଯାଉଛି । ଏହାର କାରଣ ବାହାରିଲେ ଏହାର ତୁରନ୍ତ ସମାଧାନ କରାଯିବ । ଆମ ବିଭାଗ ପଦକ୍ଷେପ ନେବ । କିଭଳି ଭାବରେ ଆଗାମୀ ବର୍ଷରେ ପିଲାମାନେ ଡ୍ରପ୍ ଆଉଟ୍ ହେବେ ନାହିଁ, ପାଠ ପଢାରେ କିଭଳି ଭାବରେ ଆକର୍ଷିତ ହେବେ, ପ୍ରତ୍ୟେକ ଦିନ ସ୍କୁଲକୁ ଆସିବେ, ଡ୍ରପ୍ ଆଉଟ୍ ସଂଖ୍ୟା କିଭଳି କମିବ ସେନେଇ ବିଭାଗ ଯୋଜନା କରୁଛି। ଏହାସହ ମଧ୍ୟାହ୍ନ ଭୋଜନ କିଭଳି ଭାବରେ ପିଲାମାନଙ୍କୁ ଠିକ୍ ଭାବରେ ଦିଆଯିବ, ସେନେଇ ବ୍ୟବସ୍ଥା କରୁଛି ବିଭାଗ । ଶିକ୍ଷା ବିଭାଗରେ କିଛି ବିଚ୍ୟୁତ ରହିଥିଲେ ତାହାର ଖୁବ୍‌ଶୀଘ୍ର ସଂସ୍କାର ଆଣିବୁ । "ଉପାନ୍ତ ଅଞ୍ଚଳରେ ପ୍ରକୃତରେ ଅନେକ ସ୍କୁଲ ଥିଲା ଯାହା ବର୍ତ୍ତମାନ ବନ୍ଦ ହୋଇଯାଇଛି। ବର୍ତ୍ତମାନ ବିଭାଗ ଦେଖୁଛି ଯେଉଁ ସ୍କୁଲ ଯୋଗ୍ୟ ହେବ, ତାହାକୁ ପୁଣିଥରେ ଖୋଲାଯିବ। ପିଲାମାନଙ୍କୁ ପାଠ ପଢାରେ ପୁଣିଥରେ ସୁଯୋଗ ଦିଆଯିବ । ସରକାର ଏନେଇ ଗୁରୁତ୍ୱ ଦେବା ସହ ପଦକ୍ଷେପ ନେବେ । ସ୍କୁଲରେ ଭିତ୍ତିଭୂମିର ଅଭାବ ରହିଛି । ଅପବ୍ୟବହାର କିଭଳି ଭାବରେ ଦୂର କରାଯିବ ସେନେଇ ବ୍ୟବସ୍ଥା କରାଯିବ । ଅନେକ ସ୍କୁଲରେ ବିଜୁଳି ନାହିଁ , ସେଠାରେ ମଧ୍ୟ ସୋଲାରର ବ୍ୟବସ୍ଥା କରାଯିବ। ସ୍କୁଲର ସୌନ୍ଦର୍ଯ୍ୟ ବଢାଯିବ। ବିଭାଗ ସହିତ ଆଲୋଚନା କରାଯାଇ ପୂର୍ବରୁ ଯେଉଁ ୟୁନିଫର୍ମ ରହିଥିଲା, ତାହାକୁ ପୁଣିଥରେ ପ୍ରଚଳନ କରାଯିବ। ଯାହା ଠିକ୍ ହେବ ତାହା ନିଶ୍ଚିତ ଭାବରେ ପଦକ୍ଷେପ ଗ୍ରହଣ କରାଯିବ । ବିଭିନ୍ନ ବିଭାଗରେ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଆଇଏଏସ ଏବଂ ଆଇପିଏସ ମଧ୍ୟ ପରୀକ୍ଷା ପାଇଁ ନିଆଯିବ ପଦକ୍ଷେପ।' ଯେଉଁମାନେ ନକଲି ସାର୍ଟିଫିକେଟ ଦେଇ ଚାକିରି କରୁଛନ୍ତି, ସେମାନେ ବେନିୟମ କାମ କରୁଛନ୍ତି । ଯେତେବେଳେ ଏହା ଉପରେ ତଦନ୍ତ ହେବ ନିଶ୍ଚିତ ଭାବରେ ଏମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ସମସ୍ତ ଶିକ୍ଷାନୁଷ୍ଠାନରୁ ଜବରଦଖଲ ଉଚ୍ଛେଦ ହେବ: ରାଜସ୍ୱ ମନ୍ତ୍ରୀ



**ସମ୍ବଲପୁର, ୨୫/୦୬ ନ୍ୟୁଜ ବ୍ୟୁରୋ**
ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁର ଗସ୍ତରେ ଆସି ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟରେ ଉତ୍ତରାଞ୍ଚଳ ଆରଡିସିଙ୍କ ସହ ରାଜସ୍ୱ ବିଭାଗର ବିଭିନ୍ନ ସମସ୍ୟା ନେଇ ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ସମ୍ବଲପୁର ଆଇଆଇଏମର ଜମି ସମସ୍ୟା, ପାନୀୟ ଜଳ ଯୋଗାଣ ସମସ୍ୟା, ସମ୍ବଲପୁର ବିଶ୍ୱ ବିଦ୍ୟାଳୟରେ ହୋଇଥିବା ଜବର ଦଖଲ ଓ ଜମି ପଟ୍ଟା ସମସ୍ୟା, ଭୀମସାର ମେଡିକାଲ କଲେଜ, ଭିସୁଟ ରାଜସ୍ୱ ବିଭାଗ ସମ୍ପର୍କିତ ସମସ୍ୟା, ସୈନିକ ସ୍କୁଲ, ଜିଏମ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ପାଇଁ ଜମି, ଜିଏମ ଯୁକ୍ତ ୨ କଲେଜ ଓ ରାଜ୍ୟ ମୁକ୍ତ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ମୁଖ୍ୟତଃ ଆସନ୍ତା ଡିସେମ୍ବର ମାସ ମଧ୍ୟରେ ମିଶନ ମୋଡ଼ରେ ଏହି ଶିକ୍ଷା ଅନୁଷ୍ଠାନ ଗୁଡିକର ରାଜସ୍ୱ ବିଭାଗ ସମ୍ପର୍କିତ ସବୁ ସମସ୍ୟା ଦୂର ହେବ ବୋଲି ଏହି ଅବସରରେ ମନ୍ତ୍ରୀ କହିଛନ୍ତି। ଏଥିପାଇଁ ପ୍ରତ୍ୟେକ ଶିକ୍ଷା ଅନୁଷ୍ଠାନର ଜଣେ ଜଣେ ଅଧିକାରୀ ଏହି ସମସ୍ୟା ନେଇ ଜିଲ୍ଲା ପ୍ରଶାସନ ସହ ନିୟମିତ ଯୋଗାଯୋଗରେ ରହିବାକୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ଏହା ସହ ଜିଲ୍ଲାପାଳଙ୍କ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଏହି ସମସ୍ୟା ନେଇ ନୋଡାଲ ଅଫିସର ଭାବେ ଦାୟିତ୍ୱ ନେବାକୁ ରାଜସ୍ୱ ମନ୍ତ୍ରୀ ପରାମର୍ଶ ମଧ୍ୟ ଦେଇଛନ୍ତି । ଏହି ଅବସରରେ ମନ୍ତ୍ରୀ ଆହୁରି କହିଛନ୍ତି ଯେ, ଶିକ୍ଷାନୁଷ୍ଠାନଗୁଡିକରେ ହୋଇଥିବା ବେଆଇନ ଜବରଦଖଲକୁ ଆଇନବଳରେ ଉଚ୍ଛେଦ କରାଯିବ । ଶିକ୍ଷା ଅନୁଷ୍ଠାନର ସ୍ୱାର୍ଥ ବ୍ୟକ୍ତିର ସ୍ୱାର୍ଥରୁ ବହୁ ଉର୍ଦ୍ଧ୍ୱରେ ରହିଛି । ତେଣୁ ଆଗାମୀ ଡିସେମ୍ବର ମାସ ଭିତରେ ମିଶନ ମୋଡ଼ରେ କାମ ହେବ ଓ ସରକାରୀ ଶିକ୍ଷା ଅନୁଷ୍ଠାନ ଗୁଡିକୁ ଲୋକାଭିମୁଖୀ ହେବାରେ ରାଜସ୍ୱ ବିଭାଗ ପ୍ରତିବନ୍ଧକ ହେବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ଏହି ବୈଠକରେ ସମ୍ବଲପୁର ଜିଲ୍ଲାପାଳ, ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ, ପୋଲିସ ବିଭାଗର ପ୍ରମୁଖ ଅଧିକାରୀ ଏବଂ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ ।

## ରାଜଧାନୀରେ ବନ୍ଦ ହେବ ମୁକୁଳା ଡ୍ରେନ : ମାସକ ଭିତରେ ସରିବ ବ୍ୟାରିକେଡ କାମ

**ଭୁବନେଶ୍ୱର, ୨୫/୬ ନ୍ୟୁଜ ବ୍ୟୁରୋ**
ରାଜଧାନୀରେ ବର୍ଷାଦିନେ ଡ୍ରେନେଜ ଏକ ମୁଖ୍ୟ ସମସ୍ୟା ଭାବରେ ଉଭା ହୋଇଥାଏ । ଆଉ ଏବେ ବର୍ଷାଦିନ ଆସୁଥିବା ବେଳେ ତତ୍ପରତା ଦେଖାଇଛି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ବିଏମସି । ଏନେଇ ମହାନଗର ନିଗମ ଅଞ୍ଚଳରେ ଥିବା ସମସ୍ତ ଡ୍ରେନ ଉପରେ ସ୍ଲାବ ପଡ଼ିବା କାର୍ଯ୍ୟ ଚାଲିଥିବା ବେଳେ ନାଳ ଓ ମହାନାଳକୁ ବ୍ୟାରିକେଡ଼ କରାଯାଉଛି । ଆସନ୍ତା ମାସକ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି କହିଛନ୍ତି ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଏବଂ ବିଏମସି କମିଶନର ।

ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, 'ମୁକୁଳା ଡ୍ରେନ ଉପରେ ବ୍ୟାରିକେଡ ହୋଇଯାଇଛି । ଏବେ ଆସ୍ଥାୟୀ ବ୍ୟବସ୍ଥା ହୋଇଛି । ଆଗାମୀ ଦିନରେ ନିୟମିତ ବ୍ୟାରିକେଡ଼ ମଧ୍ୟ ହେବ । ଯେଉଁଠାରେ ସମ୍ଭବ ସେଠାରେ ନିୟମିତ ବ୍ୟାରିକେଡ଼ କରାଯିବ । ଯେଉଁଠି ଡ୍ରେନ ଉପରେ ସ୍ଲାବ ପଡିବା କଥା, ସେ ନେଇ ନିର୍ଦ୍ଦେଶ ଦିଆଯାଇଛି । ଘଟଣାକୁ ନେଇ ସରକାର ସଚେତନ ଅଛନ୍ତି । ପଦକ୍ଷେପ ମଧ୍ୟ ନେଇଛନ୍ତି । ବର୍ଷା ପୂର୍ବରୁ ସମସ୍ତ କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମୁଁ ଏହାର ସମୀକ୍ଷା କରିବି ବୋଲି ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି। ସେପଟେ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ କହିଛନ୍ତି, 'ବର୍ଷା ଆରମ୍ଭ ହୋଇଛି । ସହରରେ ଥିବା ତିନି ପ୍ରକାର ଡ୍ରେନର ସଫା କାର୍ଯ୍ୟ ଜାରୀ ରହିଛି । କିଛିର ସ୍ଲାବ ବାହାର କରି ସଫା କରୁଛୁ । ଆଉ କିଛି ସ୍ଥାନରେ ଡ୍ରେନ ମୁକୁଳା ରହିଛି । ସମ୍ପୂର୍ଣ୍ଣ ବନ୍ଦ କରି ଚ୍ୟାମ୍ବର ବସାଇ ଏହାକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରିବା ଲାଗି ପଦକ୍ଷେପ ନିଆଯାଉଛି । କାମ ଆରମ୍ଭ କରି ମାସକ ଭିତରେ କାମ ଶେଷ କରିବାକୁ ନିଷ୍ପତ୍ତି ହୋଇଛି । ମୁକୁଳା ଡ୍ରେନ ଉପରେ ସ୍ଲାବ ମାସକ ଓ ସପ୍ତାହକ ଭିତରେ ଡ୍ରେନ



ବ୍ୟାରିକେଡ କାମ ସରିବ । ବିଏମସି କମିଶନ ମଧ୍ୟ କହିଛନ୍ତି ଯେ, ଭୁବନେଶ୍ୱର ସହରରେ ମୋଟ ୧୮୦୦ କିଲୋମିଟର ଡ୍ରେନ ରହିଛି । ସେଥିରୁ ବିଏମସି ଅଧୀନରେ ୧୩୮୦ କିଲୋମିଟର ଡ୍ରେନ ଅଛି । ସେହିପରି ୩୪୦ କିଲୋମିଟର ପିଡବ୍ଲୁଡି ପରିଚାଳିତ ଡ୍ରେନ ରହିଛି । ୬୫ କିଲୋମିଟର ଜାତୀୟ ରାଜପଥ ପ୍ରାଧିକରଣ ଅନ୍ତର୍ଗତ ରହିଛି । ଏହା ଭିତରୁ ୨୭ କିଲୋମିଟର ମୁକୁଳା ଡ୍ରେନ ରହିଛି । ସବୁ ମୁକୁଳା ଡ୍ରେନ ଚିହ୍ନଟ ହୋଇଛି । ଯୁଦ୍ଧକାଳୀନ ଭିତ୍ତିରେ ସ୍ଲାବ କାମ ସରିବ । କିଛି ସ୍ଥାନରେ ଡ୍ରେନ ଉପରେ ଜବରଦଖଲ ରହିଛି । ଫଳରେ ବିଭିନ୍ନ ସମୟରେ ଏହା ଚୋକ୍ ହୋଇଯାଉଛି । ଭବିଷ୍ୟତରେ ଏପରି ଯେମିତି ନହେବ ସେ ନେଇ ପଦକ୍ଷେପ ନିଆଯିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ବ୍ୟାରିକେଡ଼ ପାଇଁ ୩୪ଟି ସ୍ଥାନ ଚିହ୍ନଟ ହୋଇଛି । ଏହାର କାମ ଆରମ୍ଭ ହୋଇଯାଇଛି । ସପ୍ତାହକ ଭିତରେ ଏସବୁ ସ୍ଥାନରେ ବ୍ୟାରିକେଡ଼ ଲାଗିବ । ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଡ୍ରେନ ମଧ୍ୟ ଜବରଦଖଲ ହୋଇ ରହିଛି । କିଛି ସ୍ଥାନରେ ଡ୍ରେନ ସମ୍ପ୍ରସାରଣ ମଧ୍ୟ କରାଯାଉଛି । ବିଭିନ୍ନ ବିଭାଗ ସହ ସମନ୍ୱୟ ବୈଠକ କରାଯାଇ ଜବରଦଖଲ ଉଛେଦ ପାଇଁ ପଦକ୍ଷେପ ନିଆଯାଉଛି ।'

### ଚିଲିକାକୁ ପ୍ରଦୂଷଣମୁକ୍ତ କରାଯିବ

## ଏଣିକି ସୌରଚାଳିତ ବୋଟ୍ ଚଳାଚଳ ପାଇଁ ନିଷ୍ପତ୍ତି

**ଭୁବନେଶ୍ୱର, ୨୫/୬ ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଚିଲିକାକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଣିକି ଚିଲିକାରେ ପେଟ୍ରୋଲ ଓ ଡିଜେଲ ଚାଳିତ ବୋଟ୍ ପରିବର୍ତ୍ତେ ସୌରଚାଳିତ ବୋଟ୍ ଚଳାଚଳ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ଜଣାପଡିଛି।

ଚିଲିକାରେ ପ୍ରଦୂଷଣ କମାଇବା ଏବଂ କାର୍ବନ ନିର୍ଗମନ ମାତ୍ରାକୁ ହ୍ରାସ ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଏଠାରେ ଚଳପ୍ରଚଳ କରୁଥିବା ପେଟ୍ରୋଲ ଓ ଡିଜେଲ୍ ଚାଳିତ ବୋଟ୍ ଗୁଡ଼ିକ ଉପରେ କିପରି ରୋକ୍ ଲାଗିବ ଓ ଏହାର ବିକଳ୍ପ ପାଇଁ ନୂଆ ପନ୍ଥା ଆପଣାଯିବ, ତାହା ଉପରେ ଆରମ୍ଭ ହୋଇଛି ପ୍ରକ୍ରିୟା। ଏହି କ୍ରମରେ ଚିଲିକାରେ ସୌରଚାଳିତ ଇଲେକ୍ଟ୍ରିକ୍ ବୋଟ୍ ଚଳାଚଳ କରାଇବା ପାଇଁ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା



(ଓରେଡା) ପକ୍ଷରୁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ଏଥିରେ ୧୦୦ଟି ମାଛଧରା ବୋଟ୍ ଓ ୨୮ଟି ଯାତ୍ରୀବାହୀ ବୋଟ୍‌କୁ ସୋଲାର୍ କିମ୍ବା ବୈଦ୍ୟୁତିକ ବୋଟ୍ ଭାବେ ନବୀକରଣ କରାଯିବାକୁ ଟେଣ୍ଡରରେ ଦର୍ଶାଯାଇଛି। ଓରେଡା ପକ୍ଷରୁ ଆହ୍ୱାନ କରାଯାଇଥିବା ଏହି ଟେଣ୍ଡର ଜୁଲାଇ ୧୮ ପର୍ଯ୍ୟନ୍ତ ଆବେଦନ ଗ୍ରହଣ କାରଯିବ। ଏହାପରେ ମାନଦଣ୍ଡ ପୂରଣ କରୁଥିବା ସଂସ୍ଥାକୁ ଏହି ଟେଣ୍ଡର ପ୍ରଦାନ କରାଯିବ। ମିଳିଥିବା ସୂଚନା ଅନୁଯାୟୀ, ପ୍ରାଥମିକ ସ୍ତରରେ ପାଇଲଟ୍ ପ୍ରକଳ୍ପ ଭାବେ ଏହା ଚିଲିକାରେ କାର୍ଯ୍ୟକାରୀ ହେବ । ଏହି ପ୍ରକଳ୍ପ ଯଦି ସଫଳ ହୁଏ, ତା'ହେଲେ ରାଜ୍ୟର ଅନ୍ୟସ୍ଥାନରେ ମଧ୍ୟ ଏହି ବ୍ୟବସ୍ଥା କାର୍ଯ୍ୟାନ୍ୱୟନ ହେବ। ଉଲ୍ଲେଖଯୋଗ୍ୟ ଯେ ଚିଲିକା ହେଉଛି ଏସିଆର ସବୁଠାରୁ ବଡ଼ କ୍ଷାରଜଳଯୁକ୍ତ ହ୍ରଦ। ଏହା ଅନେକ ପ୍ରଜାତିର ସ୍ଥାନୀୟ ଏବଂ ପ୍ରବାସୀ ପକ୍ଷୀଙ୍କର ଏକ ବାସସ୍ଥଳୀ । ହଜାର ହଜାର ପ୍ରବାସୀ ପକ୍ଷୀଙ୍କ ଦୀର୍ଘଯାତ୍ରାରେ ଚିଲିକା ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ଥାୟୀ ରହଣି ଭାବରେ କାର୍ଯ୍ୟ କରେ। ଚିଲିକା ବିଭିନ୍ନ ପ୍ରଜାତିର ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଓ ଅନ୍ୟାନ୍ୟ ଜଳଜୀବଙ୍କ ସହ ବିରଳ ଇରାୱାଡି ଡଲଫିନ୍‌ଙ୍କ ଘର ଭାବେ ଏହାର ସ୍ୱତନ୍ତ୍ର ପରିଚୟ ରହିଛି। ମାତ୍ର ଚିଲିକାରେ ଡିଜେଲ ଓ ପେଟ୍ରୋଲ୍ ଚାଳିତ ମୋଟର ବୋଟ୍ ବ୍ୟବହାର ଦ୍ୱାରା ଏହା ବିଭିନ୍ନ ପ୍ରକାର ପ୍ରଦୂଷଣର କାରଣ ହେଉଛି । ଏହା ପ୍ରଭାବରେ ବିଦେଶାଗତ ପକ୍ଷୀମାନଙ୍କ ସଂଖ୍ୟା କମିବା ସହ ଡଲଫିନ୍‌ଙ୍କର ଗତିପଥ ମଧ୍ୟ ହ୍ରଦରୁ ଦୂରେଇ ଯାଉଥିବା ଆଶଂକା ରହୁଛି। ଏହାକୁ ଦୃଷ୍ଟିରେ ରଖି ଚିଲିକାରେ ସୌରଚାଳିତ ବା ବିଦ୍ୟୁତ ଚାଳିତ ବୋଟ୍ ଚାଲିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏନେଇ ଗତ ଅକ୍ଟୋବର ମାସରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ଚିଲିକାରେ ସୌର ବୋଟ୍ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଓରେଡା ପକ୍ଷରୁ ଏ ସମ୍ପର୍କରେ ପ୍ରସ୍ତାବ ଉପସ୍ଥାପନ କରାଯାଇଥିବା ବେଳେ ଏନେଇ ବିଧିବଦ୍ଧ ଭାବେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବର୍ତ୍ତମାନ ଯେଉଁ ବୋଟ୍ ଗୁଡ଼ିକ ଏଠାରେ ଚାଲିଛି, ତାହାକୁ ନବୀକରଣ କରାଯିବାର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସୋଲାର ବୋଟ୍ ଗୁଡ଼ିକୁ କୌଣସି ବାହ୍ୟ ସହାୟତା ଆବଶ୍ୟକ ନଥିବା ବେଳେ ବିଦ୍ୟୁତ ଚାଳିତ ବୋଟ୍ ପାଇଁ ଚିଲିକା ହ୍ରଦ ନିକଟରେ ଚାର୍ଜିଂ ଷ୍ଟେସନ୍‌ର ମଧ୍ୟ ବ୍ୟବସ୍ଥା କରାଯିବ ବୋଲି ଟେଣ୍ଡରରେ ଦର୍ଶାଯାଇଛି।